# ଗଳ୍ପାଞ୍ଜଳି



# ମୁକ୍ତିର ସ୍ୱପ୍ନ

ସାଙ୍ଗରାମାଲ ପୁନର୍ବସତି କେନ୍ଦ୍ର, ଯେଉଁଠି ରାତିର ନିର୍ଜନ ସ୍ତବ୍ଧତା ଭଙ୍ଗ କରି ମଝି ମଝିରେ ବନ୍ୟ ଜନ୍ତୁମାନଙ୍କର ଗର୍ଜନ ଏବଂ ବିଲୁଆମାନଙ୍କର ହୁକେ ହୋ ଶବ୍ଦ ଶୁଣାଯାଏ । ଖରାଦିନର ଉଜ୍ଜ୍ୱଳ ଜହ୍ନରାତିରେ ସ୍ପଷ୍ଟ ଦେଖାଯାଏ ଅନତି ଦୂରରେ ଥିବା ଝଠାମାନଙ୍କୁ ଗାଧୋଇବାକୁ ଆସୁଥିବା ହାତୀ ପଲର ଛାୟାଛବି । ଚାରିଆଡ଼େ ଜଙ୍ଗଲହିଁ ଜଙ୍ଗଲ । ଜଙ୍ଗଲ ମଝିରେ ରାତିରେ ନିସ୍ତବ୍ଧତା ଓ ଦିନବେଳେ ମେସିନ୍‌ମାନଙ୍କର ଘସ୍‌ଘସ୍ ଶବ୍ଦ । ହୀରାକୁଦ ବନ୍ଧରେ ବୁଡ଼ି ଯାଉଥିବା ଗାଁ ଲୋକମାନଙ୍କର ପୁନର୍ବସତି ପାଇଁ ଜଙ୍ଗଲ 'ମଝିରେ ଗଢ଼ି ଉଠୁଛି ଗୋଟିଏ ଶିଶୁ ଗାଁ । ଜଙ୍ଗଲ ସଫା କରୁଥିବା, ଗଛ କାଟୁଥିବା, ମାଟିକୁ ସମାନ କରୁଥିବା ପ୍ରକାଣ୍ଡ ବୁଲ୍‌ଡୋଜର ମେସିନ୍‌ମାନ ଦିନରେ ଆଠ ଦଶ ଘଣ୍ଟା ଲେଖାଏଁ ଚାଲେ । ମେସିନ୍ ଆଗରେ ମାତାଲ୍ ପରି ଢଳି ପଡ଼େ ପତଳା ପତଳା ଡେଙ୍ଗା ଗଛମାନ ଏବଂ ମେସିନ୍ ପଛେ ଉଡ଼େ ମାଟିଆ ଧୂଳିର ମେଘ ।

ଗାଁଟି ଦିନରେ ଆଠ ଦଶ ଘଣ୍ଟା ଚରେଇଁ ପୁଣି ନାଘୋଡ଼ ନିଦରେ ଶୋଇପଡ଼େ । ରାତିରେ ଖରା ଦିନରେ ସୁଦ୍ଧା ଗାଁ ମଝିରେ ଜଳୁଥାଏ ବଡ଼ ବଡ଼ ଗଛର ଗଣ୍ଡି—ବଣୁଆ ଜନ୍ତୁମାନଙ୍କୁ ଦୂରରେ ରଖିବା ପାଇଁ । ବିଲୁଆମାନେ କେତେବେଳେ ସାହସର ସହିତ ଗାଁ ପାଖକୁ ପଶି ଆସି ଦେଖନ୍ତି ଗୋଟିଏ ଶିଶୁ ଗାଁ ।

ସାମାନ୍ୟ କେତୋଟି କୁଡ଼ିଆ । ଗଛ, ଡାଳ ଓ ବାଉଁଶରେ ତିଆରି । ବାଉଁଶ ତାଟିରେ ତିଆରି କାନ୍ଥ ଭିତରେ ଓ ବାହାରେ ଏପର୍ଯ୍ୟନ୍ତ ମାଟି ଲିପା ଯାଇ ନାହିଁ । ଛାତମାନଙ୍କରେ ବାଉଁଶ ଦିଆଯାଇ ଏପର୍ଯ୍ୟନ୍ତ ପୁଆଳ ଛାଦନ କରାଯାଇ ନାହିଁ । କେଉଁ ପ୍ରାଚୀନ ଯୁଗର ଋଷିଙ୍କର ଆଶ୍ରମ ପରି ଅନେକାଂଶରେ ଦେଖାଯାଉଛି ଏ ଛୋଟ ଗାଆଁଟି । କେବଳ ଆଧୁନିକ କେତେ ଯନ୍ତ୍ର, ଯନ୍ତ୍ରରେ ଦିଆଯାଉଥିବା ତେଲର କେତୋଟି ଲାଲ, ହଳଦିଆ ଓ ଶାଗୁଆ ରଙ୍ଗର ଡ୍ରମ୍, କେବଳ ସେ ଭ୍ରମ କରି ଦେଉଛି ଯେ ଏଠା କୌଣସି ଋଷିଙ୍କର ଆଶ୍ରମ ନୁହେଁ । ଏହା ହେଉଛି ସାଙ୍ଗରାମାଲ'ବି'କେମ୍ପ୍‌ର ଗୋଟିଏ ଅଂଶ ।

ଜ୍ୟେଷ୍ଠ ଶୁକ୍ଳ ସପ୍ତମୀର ଏକ ବାୟୁହୀନ ଉତ୍ତପ୍ତ ସନ୍ଧ୍ୟା । ଦାସ ଭଏଁଷାଲ ତାର ଅଧା ତିଆରି କୁଡ଼ିଆ ଆଗରେ ଗାଈ ମହିଷୀମାନଙ୍କୁ ପୁଆଳ ଓ କୁଣ୍ଡା ଦେଉଛି । କୋଶେ ଦୂରରେ ଥିବା କେମ୍ପ୍ କଠାରୁ ଗାଈ ମହିଷୀ ପଲକୁ ଗାଧୋଇ ଓ ପାଣି ପିଆଇ ସାରି କେମ୍ପ୍‌ରେ ବନ୍ଧା ଛନ୍ଦା କରି ସଞ୍ଜବେଳେ ପୁଆଳ କୁଣ୍ଡା ଖାଇବାକୁ ଦେଉଛି । ଆଜି ଏ ନୂତନ ବାତାବରଣରେ ମୂକ ପଶୁମାନେ ସୁଦ୍ଧା ଯେପରି ବିହ୍ୱଳ ହୋଇ ତାହାକୁ ମୂଢ଼ ଜିଜ୍ଞାସୁ ଦୃଷ୍ଟିରେ ଅନାଇ ରହିଛନ୍ତି, ଆଉ ଦାଶ ଭଏଁଷାଲ୍ ମଧ୍ୟ ସେପରି କିଂକର୍ତ୍ତବ୍ୟବିମୂଢ଼ ହୋଇ ମୁଣ୍ଡରେ ହାତ ଦେଇ ବୋକାଙ୍କ ପରି ଚୁହିଁ ରହିଛି ତାହାର ପାଳିତ ପଶୁମାନଙ୍କ ଆଡ଼େ ।

ଆଜକୁ ସାତ ଦିନ ତଳେ ସେ କେଉଁଠି ଥିଲା ? ଭାଗ୍ୟର ଚକ ବୁଲିଯିବା ଫଳରେ ଆଜି ସେ କେଉଁ ବନସ୍ତ ମଝିରେ ପଡ଼ିଛି ? ଏ ପ୍ରଶ୍ନ ବାର ବାର ତାର ମନରେ ଖେଳି ଉଠେ ।

ଠିକ୍ ଆଜିଠାରୁ ସାତ ଦିନ ତଳେ ଏମିତି ଗୋଟିଏ ଶୁକ୍ରବାର ସନ୍ଧ୍ୟାରେ ଥିଲା ସେ ନିଶ୍ଚିନ୍ତରେ ତାର ପୈତୃକ ବାସଭୂମିରେ । ମହାନଦୀ କୂଳରେ ଥିବା ସାହାଜ ବାହାଲ ଗାଁରେ । ଆଜି ସେ ବନବାସୀ । ଚଉଦ ବର୍ଷ ପାଇଁ ନୁହେଁ, ସାରା ଜୀବନ ପାଇଁ । ତାର ହଜାର ହଜାର ସ୍ମୃତିରେ ଭରା ସେହି ପୁରୁଣା ଗାଆଁକୁ ଫେରି ଯିବାର ଉପାୟ ନାହିଁ । ଆଉ ମାସେ ଦୁଇ ମାସ ଭିତରେ ସେ ଗାଆଁ କୁଆଡ଼େ ମହାନଦୀର ବକ୍ଷରେ ବୁଡ଼ିଯିବ ସବୁଦିନ ପାଇଁ । କିନ୍ତୁ ଦାଶ ଗଉଡ଼ର ମନ ବୁଲିଯାଏ ସେହି ପୂର୍ବ ଗାଆଁକୁ । ମନେ ପଡ଼େ ତାର ମହାନଦୀର କଥା, ଯେଉଁଠାରେ କି ବର୍ଷସାରା ଘରର ସ୍ତ୍ରୀଲୋକମାନେ ମାଠିଆ ଧରିଲେ ଅତି ପାଖରେ ଥିବା ନଦୀରୁ ପାଣି ବୁହାଇ ଆଣୁଥିଲେ । ପୋଢ଼, ମଇଁଷି, ଗାଈପଲ ତାର ସକାଳ ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ପାଣିରେ ପଡ଼ି ପ୍ରଚଣ୍ଡ ଗ୍ରୀଷ୍ମରେ ଆରାମ ପାଉଥିଲେ, ଆଉ ନଦୀ ପାଖରେ ଗୋଚର ଜମିରେ ଚରୁଥିଲେ । କେତେ ନିଶ୍ଚିନ୍ତରେ ଚଳୁଥିଲା ଦାଶ ଗଉଡ଼, ଆଉ କେତେ ଆରାମରେ ଥିଲେ ତାର ଗୋଠ । ଆଜି ସେହି ମହାନଦୀ କୂଳର ସମୃଦ୍ଧ ଗାଁରୁ ବାରକୋଶ ଦୂରରେ ଥିବା ଏଇ ନିପାଣିଆ ଜଙ୍ଗଲରେ ମଝି ଖରାରେ ପାଣି ମନ୍ଦାଏ ନ ପାଇ ତଣ୍ଟି ଶୁଖିଗଲେ ସୁଦ୍ଧା କିଛି ଉପାୟ ନାହିଁ । ଆଜକୁ ସାତଦିନ ତଳେ ଦାଶ ଥିଲା ଏକ ଲୋକମୁଖର ଗାଁର ଗୃହୀମାନଙ୍କ ମଧ୍ୟରେ ଜଣେ ପ୍ରଜା, ସମାଜର ଶହ ଶହ ବନ୍ଧନରେ ବନ୍ଧା ଥିଲା ସେ । ଗାଁର ବ୍ରାହ୍ମଣ, କୁଳତା, ଗଣ୍ଡା, ସହର—ସବୁ ଜାତିରେ ଥିଲେ ଦାଶ ଭଏଁଷାଳର ବନ୍ଧୁ, ବାନ୍ଧବ, ଆତ୍ମୀୟ । କିଏ ତାର ମଉସା, କିଏ ସମୁଦ୍ଧି, କିଏ ପଢ଼ୁରୀ, କିଏ ନାତି, କିଏ କକା—

ଜାତି ବର୍ଣ୍ଣ ନିର୍ବିଶେଷରେ କେତେ କଳ୍ପିତ ସମ୍ବନ୍ଧ ପାତି ବାନ୍ଧିଥିଲି ସେ ମମତାର ବନ୍ଧନ, ବୁଣିଥିଲା ମାୟାର ଜାଲ । ଆଜି ସେହି ମଉସା, ସମୁଦି, ପୁତୁରା, ନାତି, କକା—କିଏ କେଉଁଠି ତାହା ଜାଣିବାର ଉପାୟ ସୁଦ୍ଧା ନାହିଁ । ଆଉ ଏହି ଅଜଣା ଅଶୁଣା ରାଇଜରେ ସାହାଜ-ବାହାଲ ଗାଁର କେବଳ ଗୋଟିଏ ମାତ୍ର କୁଟୁମ୍ବ ତାର ଆସି ପଡ଼ିଛନ୍ତି । ସଙ୍ଗରେ କେବଳ ତାର ସ୍ତ୍ରୀ ଲଳିତା, ଜ୍ୟେଷ୍ଠ ଭାଇ ଭଗୀରଥୀ, ଯାର କି ଏପର୍ଯ୍ୟନ୍ତ ଘର ବସି ନାହିଁ, ଛ ସାତ ବର୍ଷର ପୁଅ ଗୋବିନ୍ଦ ଓ ପୁଅ ଝିଅ ପରି ଆଦରର ଧନ ଏହି ଗାଈ ମଇଁଷିର ଗୋଠ, ଯେଉଁମାନଙ୍କର ମାୟାର ବନ୍ଧନ କି ତାର ପ୍ରତ୍ୟେକ ଶିରା ପ୍ରଶିରାରେ ଜଡ଼ିତ ହୋଇ ରହିଛି । ତାର କୁଡ଼ିଆ ପାଖରେ ଚାରି ଛ'ଟି ଅଚିହ୍ନା କୁଟୁମ୍ବ ନୂଆ ହୋଇ କିଏ କେଉଁ ଗାଁରୁ ଆସି ଏଠାରେ ପଡ଼ିଛନ୍ତି ।

ଆଜକୁ ସାତ ଦିନ ପୂର୍ବେ ସେ ଯେଉଁ ଗାଆଁରେ ଥିଲା, ସେଠି ଥିଲା ସମୃଦ୍ଧ ଜନ ବସତି, ସୁନା ଫଳାଉଥିବା ଜମି, ଧନ ଜନ ଗୋପଲକ୍ଷ୍ମୀରେ ଭରା, ମାୟା ମମତାରେ ଘେରା, ଗାଆଁ, ଆଉ ସବୁଠାରୁ ଆଦରର ଜନନୀ ମହାନଦୀର ଅମୃତ ପରି ପାଣି, ଆଉ ଆଜି ଏ ନୂତନ ବାତାବରଣରେ ଯେଉଁଆଡ଼େ ଚାହିଁବ ଖାଲି ଜଙ୍ଗଲ ଆଉ ଜଙ୍ଗଲ । ଘୋର ଜଙ୍ଗଲ ମଝିରେ ସାମାନ୍ୟ କେତୋଟି ଅଧା ତିଆରି କୁଡ଼ିଆ, ପୂର୍ବ ଗାଆଁର ସବୁଠାରୁ ହୀନ ଗୁହାଳଠାରୁ ମଧ୍ୟ ଅଧମ । ଆଉ ଗାଆଁର ଚାରିପାଖରେ ଲଟା ବୁଦାରେ ଘେରା ଚାଷ ପାଇଁ ତିଆରି କରାଯାଉଥିବା ଟ୍ରାକ୍ଟର ମେସିନ୍ ତିଆରି ଜମି, ଯେଉଁଥିରେ ମାଟି ତୁଳନାରେ ଗେଙ୍ଗୁଟି ପଥର ପ୍ରଚୁର ପରିମାଣରେ ଥିବା ଯୋଗୁଁ ଯେ କୌଣସି ସାହସୀ ଚାଷୀର ମନରୁ ଚାଷ କରି ଚଳିପାରିବାର ଆଶାକୁ ଦୂର କରି ଦେଉଛି । ଗାଈ ମଇଁଷିମାନଙ୍କର ଚରିବା ପାଇଁ ଜଙ୍ଗଲ ଅଛି; କିନ୍ତୁ ସେମାନଙ୍କର ଗାଧୋଇବା ଓ ପିଇବା ପାଇଁ ପାଣି କେମ୍ପରୁ କୋଶେ ଦୂରରେ ।

ବାଛୁରି ଟିକିଏ ବଡ଼ ହେଲେ ମାଲିକ ତାକୁ ଗାଈଠାରୁ ଅଲଗା କରି ବିକି ଦେଲେ ଯେପରି ସେ ହଠାତ୍ ଏକ ନୂଆ ପରିସ୍ଥିତି ଭିତରେ ପହଞ୍ଚିଯାଏ ଏବଂ ଅସ୍ୱସ୍ତି ଓ ଅସ୍ୱାଚ୍ଛନ୍ଦ୍ୟ ଅନୁଭବ କରେ, ଆଜି ଦଇବର ଦଉଡ଼ରେ ଏ ଅଜଣା ସ୍ଥାନର ଅସ୍ୱସ୍ତିକର ବାତାବରଣରେ, ପରିଚୟଶୂନ୍ୟ ସ୍ଥାନରେ ହଠାତ୍ ଆସି ସେହିପରି ଅସ୍ୱସ୍ତି ଅନୁଭବ କରୁଛନ୍ତି ଦାଶ ଭଇଁଷାଲ । ମାତ୍ର ସାତ ଦିନ ପୂର୍ବରୁ ହୁଏତ ସେ କଳ୍ପନା କରି ପାରି ନ ଥାନ୍ତା ଯେ ଏପରି ଅବସ୍ଥାରେ ଆଜି ତାକୁ ପଡ଼ିବାକୁ ହେବ । ଦାଶ ଭଇଁଷାଲ ଜାତିରେ ଗଉଡ଼ । ରଙ୍ଗରେ ନିଜର ପୋଢ଼ୁଅମାନଙ୍କ ପରି ଚିକ୍କଣ କଳା, ପୋଢ଼ୁଅ ପରି ହୃଷ୍ଟପୁଷ୍ଟ ଓ ପେଶୀବହୁଳ ତାର ଶରୀର । ମୁଣ୍ଡରେ ଝୁଲପି ବାଳ ପଛକୁ ଟେଳି ସବୁବେଳେ ଚକ୍ ଚକ୍ କରୁଛି । ସବୁବେଳେ କଠିନ ପରିଶ୍ରମ କରିବା ଫଳରେ କାନ୍ଧ ଓ ଛାତିର ମାଂସପେଶୀମାନ ଅତି ସ୍ପଷ୍ଟ ଓ ଉନ୍ନତ । ପୈତୃକ ବ୍ୟବସାୟ ଗାଈ ମଇଁଷି ପୋଷିବା ଏ ଗାଁର ଭୋଜି ଭିତରେ, ପର୍ବ ପର୍ବାଣୀରେ ବା ଅଫିସରମାନେ ଆସିଲା ସମୟରେ ପାଣି ଯୋଗାଇବା ଛଡ଼ା ସେ ନିଜର କଠିନ ପରିଶ୍ରମ ଫଳରେ ଗାଁର ଚାଷୀମାନଙ୍କ ମଧ୍ୟରୁ ଜଣେ ଚାଷୀ ହୋଇପାରିଥିଲା ।

କୁଡ଼ିଆ ଆଗରେ ତାର ସ୍ତ୍ରୀ ଲଳିତା ଗୋଟିଏ ଚୁଲି ଲଗାଇ ରନ୍ଧା କାର୍ଯ୍ୟରେ ଲାଗିଛି । ଗୋରୁ ମଇଁଷିମାନେ ସନ୍ଧ୍ୟାରେ ଖାଇ-ସାରି ରୋମନ୍ଥନରେ ଲାଗିଛନ୍ତି । ଆଉ ଦାଶ ଭଇଁଷାଲ ପାଖରେ ମୁଣ୍ଡରେ ହାତ ଦେଇ ଚିନ୍ତାର ରୋମନ୍ଥନ କରିବାରେ ଲାଗିଛି ।

ଦାଶେ ଏଠାରେ ପହଞ୍ଚିବାର ଦୁଇ ଦିନ ଆଗରୁ ତାର ପଡ଼ୋଶୀ ଗ୍ରାମ ପଧାନ ବୁର୍ଦ୍ଦାରୁ ଆସି ଗୋଟିଏ କୁଡ଼ିଆ ଠିଆ କରି-ବାକୁ ଚେଷ୍ଟା କରୁଛି । ଦାଶ ଟଉଡକୁ ମୁଣ୍ଡରେ ହାତ ଦେଇ ବସିଥିବାର ଦେଖି ଗ୍ରାମ ପଧାନ ତା ପାଖକୁ ଆସି ବସିଲା ଓ

ଗୋଟିଏ ପିକା ଲଗାଇ ଆରମ୍ଭ କଲା, "ଆଜି ଗୋଟିଏ ନୂଆ କଥା ଶୁଣିଲ ତ ? ଆଜି କେମ୍ପ ଅଫିସରେ କହୁଥିଲେ, ଏ କେମ୍ପରେ ଯେଉଁ ପିଲା ପିଲି ଅଛନ୍ତି ସେମାନଙ୍କୁ କାଲିଠାରୁ ଗିଲାସେ ଲେଖାଏଁ ଗୋରସ ପିଇବାକୁ ଦିଆଯିବ । ଏଥିପାଇଁ ବିଲାତରୁ ଟିଣ ଗୋରସ ମଗାଯାଇଛି । କାଲିଠାରୁ ବଣ୍ଟା ହେବ ।

ଦାଶ ଗଉଡ କହିଲା, "ସେତିକି ବାକି ଥିଲା । ସେହି ସୁବିଧା ଟିକିକ ପାଇଲେ କେମ୍ପରେ ଯେଉଁ ଛୁଆପିଲା ଅଛନ୍ତି, ସେମାନେ ଉଦ୍ଧାର ହେବେ । ଏଆଡ଼େ ପାଣି ଟିକିଏ ଗାଧୋଇବାକୁ - ବା ପିଇବାକୁ ସ୍ୱପ୍ନ ହେଉଛି । ଏ ଖରାଦିନରେ ଗାଧୋଇବା ପିଇବାଠାରୁ ଆରମ୍ଭ କରି ଘର ଲିପିବା ପାଇଁ ପାଣି ଦରକାର ହେଲେ କୋଶେ ବାଟକୁ ଦଉଡ଼ିବାକୁ ପଡ଼ୁଛି । ଜମିବାଡ଼ି ତ ଯାହା ଅଛି ତାହା ଦେଖିଲେ ଗୁଣ୍ଡ ଶୁଖି ଯାଉଛି । ଆମେତ ଆମେ, ଆମର ପୁଅ ନାତି ହେଲେ ବି ସେ ଜମିକୁ ଚାଷ କରି ଚଳି ପାରିବେ ନାହିଁ । ଆଉ ଘରଦ୍ୱାର ତ ଦେଖୁଛ, ଏହି କୁଡ଼ିଆରେ ଚନ୍ଦ୍ର ସୂର୍ଯ୍ୟ ଦେଖା ଯାଉଛନ୍ତି । ତାଟି, ମାଟିର କାନ୍ଥ, ସେଥିକୁ ପିଲାମାନଙ୍କ ପାଇଁ ବିଲାତରୁ ଗୋରସ ନ ଆସିଲେ ଚଳିବ କିପରି ?"

"ବିଲାତି ଗୋରସ ଯଦି ପିଲାମାନଙ୍କୁ ମାଗଣାରେ ଦିଆଯାଏ, ତେବେ ତୁମର ଗାଈ ମହିଷୀଙ୍କୁ କିଏ ପଚାରିବ ଆଉ ? ସରକାର କଣ ଜାଣନ୍ତି ଯେ ଏଠାରେ ତୁମେ ଗୋଟେ ଦୁହାଁଳି ଗାଈ ମହିଷୀ ଆଣି ରଖିଛ ?"

"କରମ ଜାଣି କରମଙ୍ଗା ଫଳୁଛି, ପଧାନେ । ଯେଉଁଠାକୁ ଗଲେ ମୋର କରମ ଫଟା । କ'ଣ କରିବି ମୁଁ ? ବହୁତ କଷ୍ଟରେ ଗାଈ ମହିଷୀର ଗୋରସ ବିକି ଟଙ୍କା ଦେଇ ଗାଁ ଗଉନ୍ତିଆଙ୍କୁ ଖୋସାମତ କରି ତାଙ୍କଠାରୁ ହଳକର ଗୋଚର ଜମି ପଟା ପାଇଥିଲି ।

ବାଇଶି ବର୍ଷ ଦିନ ରାତି ମେହେନତ କରି, ଗଛ ଲଟା କାଟି, ଜମି ସମାନ କରି ପଡ଼ିଆ ଜମିକୁ ଉଠିଆ କଲି । ଖତ ଖାର ଦେଇ, ମାଟି ଖୋଲି ଜମିକୁ ଅବଲ ବାହାଲ୍* ଜମି କଲି । ମାତ୍ର ମୋର କରମକୁ ଦଇବ ସହିଲା ନାହିଁ । ହୀରାକୁଦ ବନ୍ଧ ହେଲା । ସରକାର ଜମି ନେଇ ଯିବ ବୋଲି ନୋଟିସ୍ ହେଲା । ପଟୁଆରୀ, ଅମିନ, ଅଫିସରମାନେ ଜମି ମାପିବାକୁ, ହିସାବ କିତାବ କରିବାକୁ ଗାଁକୁ ଆସିଲେ । ମୋର ଗୋଠର ଗୋରସ ଘିଅ ଉପରେ, ଦୁହାଁ ଗାଈ ଉପରେ ସେମାନଙ୍କର ଲୋଭ ହେଲା । ସେମାନଙ୍କୁ ସନ୍ତୋଷ କରି ପାରିଲି ନାହିଁ ବୋଲି ମୁଁ ପାଇଲି ପାଞ୍ଚ ଏକର ଅବଲ ବାହାଲକୁ ଚାରି କୋଡ଼ି ଚଉଦ ଟଙ୍କା । ମୋର ଜମିଠାରୁ ଖରାପ ଜମି ପାଇଁ ଯେଉଁମାନେ ପୂଜା ଦକ୍ଷିଣା କରିପାରିଲେ, ସିଏ ପାଇଲେ ହଜାରେ, କିଏ ପାଇଲେ ବାରଶହ ଟଙ୍କା । ଆମକୁ କଥା କହି ଆସେ ନାହିଁ ବୋଲି ଏଠାରେ ଚାଷ କରିବାକୁ ଆମକୁ ମିଳୁଛି ଶୁଖା ଟାଙ୍ଗରିଆ ଜମି, ଆଉ ଯେଉଁମାନେ କହିପୋଛି ପାରୁଛନ୍ତି ସେମାନେ ପାଉଛନ୍ତି ସରସ ଚାଷ ଜମି । ତେଲିଆ ମୁଣ୍ଡରେ ତେଲ, ଆଉ ଆମର ମୁଣ୍ଡ ଯେଉଁ ନୁଖୁରାକୁ ସବୁଦିନେ ସେହି ନୁଖୁରା । ଆଉ ଆଜି କେମ୍ପରେ ଯଦି ମାଗଣା ଗୋରସ ଦିଆଯାଏ, ତେବେ ଆଉ ଏ ଗାଈ ମହିଷୀଙ୍କ ଦଶା କଣ ହେବ ?" ଶୂନ୍ୟ ଦୃଷ୍ଟିରେ ନିଜର ଗାଈ ମହିଷୀପଲକୁ ଅନାଇ ରହିଲା ଦାଶ ଭଏଁପାଲି ।

ଗ୍ରାମ ପଧାନ କହିଲା, "ସରକାର କେତେ ଦିନ ମାହାଲିଆ ଗୋରସ ବାଣ୍ଟିବ ଦେଖାଯାଉ । ଏଟା ଦୁଇଦିନର ଲୋକଦେଖାଣିଆ କଥା । ଆଉ ଯଦି ବା ସରକାର ସବୁ ଦିନ ପିଲାମାନଙ୍କୁ ଗୋରସ

---

*ଅବଲ ବାହାଲ—ସମ୍ବଲପୁରୀ ଭାଷାରେ ସବୁଠାରୁ ଭଲ ଜମି ।

ମାଗଣାରେ ଦିଏ, ତେବେ ତୁମେ ଯାହା ଗୋରସ ପାଇବ, ତାକ ଘଅ, ଦହି କର.ତ ବିକି ପାରିବ ?"

"ଏ ଜଙ୍ଗଲ ମଝିରେ ସେ ସବୁ କିଏ କିଣିବ ପଧାନେ ?"

ହଠାତ୍ ଦୂରରୁ ବିଜୁଳିବତୀର ଆଲୁଅ ଦେଖାଗଲା । ଜହ୍ନ ଆଲୁଅରେ ଦେଖା ଯାଉଥାନ୍ତି ଦୁଇଜଣ ଅଫିସର ଭଲିଆ ଲୋକ। ସେମାନଙ୍କ ପାଖକୁ ଆସିଲେ । ସେମାନଙ୍କ ମଧ୍ୟରୁ ଜଣେ କେମ୍ପ୍ ଅଫିସର ଓ ଜଣେ ତାଙ୍କର ଗୁମାସ୍ତା ବୋଲି ଦାଶ ଓ ତାର ସଙ୍ଗୀ ଚିହ୍ନିଥିଲେ । ଅଫିସର ପ୍ରଥମରୁ ଦାଶକୁ ଲକ୍ଷ୍ୟ କରି ପଚାରିଲେ—

"ତୁମର ନାମ ?"

"ଆଜ୍ଞା, ମୋ ନାଁ ଦାଶ ଭଏଁପାଲ ।"

"ଆଉ ତୁମର ନାମ ?"

"ଆଜ୍ଞା, ମୋ ନାଁ ରାମପଧାନ ।"

"ତୁମ୍ଭମାନଙ୍କର ପିଲାପିଲି କେତେ ଅଛନ୍ତି ?" ରାମ ପଧାନ କହିଲା, "ଆଜ୍ଞା ମୋର ଗୋଟିଏ ପୁଅ ଗୋଟିଏ ଝିଅ । ଆଉ ଦାସର ଗୋଟିଏ ପୁଅ ।"

"ସେମାନଙ୍କର ନାମ କଣ ଓ ବୟସ କେତେ ?"

ପିଲାମାନଙ୍କର ନାମ ଓ ବୟସ ଲେଖି ସାରିଲା ପରେ ଅଫିସର କହିଲେ, "ଦେଖ କେମ୍ପ୍‌ରେ ଯେତେ ପିଲା ଅଛନ୍ତି, ସରକାର ସମସ୍ତଙ୍କୁ ଗୋରସ ପିଇବାକୁ ଦେବେ । କାଲିଠାରୁ ପ୍ରତିଦିନ ସକାଳେ ତୁମର ପିଲାମାନଙ୍କୁ କେମ୍ପ୍ ଅଫିସକୁ ପଠାଇଦେବ । ପ୍ରତି ପିଲାକୁ ଦିନକୁ ଗିଲାସେ ଲେଖାଏଁ ଗୋରସ ଦିଆଯିବ । ସରକାର ତୁମର ପିଲାମାନଙ୍କ ପାଇଁ ଏ ଯେଉଁ ସୁବିଧା କରୁଛନ୍ତି, ସେ ସୁବିଧା କେହି ଛାଡ଼ିବା ଉଚିତ ନୁହେଁ । ଏ ବୟସରେ ପିଲାମାନେ ଗୋରସ ନ ପିଇଲେ ସେମାନଙ୍କର ଦେହରେ ବଳବୀର୍ଯ୍ୟ କାହୁଁ ଆସିବ ?"

ଦାଶ କହିଲା—"ଆଜ୍ଞା ମୁଁ ଶୁଣୁଛି ପିଲମାନଙ୍କୁ ବିଲାତି ଗୋରସ ଦିଆଯିବ । ସେ ଗୋରସ ଆମର ପିଲମାନଙ୍କର ହଜମ ହେବ ତ ?"

"ଆରେ, ତୁମେ ତ ବଡ଼ ବୋକା । ଏଇ ଗୋରସ ଗାଈ ଗୋରସଠାରୁ ଆହୁରି ସହଜରେ ହଜମ ହୁଏ ।"

"ଆଜ୍ଞା, ଆମେ ତ ଗରିବ ଲୋକ । ଗରିବ ଲୋକର ପେଟରେ ବିଲାତି ଗୋରସ ପଡ଼ିଲେ ପେଟରେ ରହିବ ତ ?"

"ଓହୋ ! ତୁମେ ପରା ଜାତିରେ ଗଉଡ଼ । ତୁମର ଗାଈ, ମହିଷୀ ଅଛନ୍ତି ବୋଲି ତୁମର ଗୋରସ ବିକି ହୋଇ ପାରିବ ନାହିଁ, ତେଣୁ ଏମିତି କଥା କହୁଛ । ତୁମେମାନେ ତ ଯେଉଁ ଗୋରସ ବିକିବ, ସେଥିରେ ଗୋରସରୁ ପାଣି ବେଶି ଥିବ । ଲୋକେ ସେଥିପାଇଁ ଆଜ ତୁମମାନଙ୍କ ଠାରୁ ଗୋରସ ନେଉ ନାହାନ୍ତି ।"

"ଆଜ୍ଞା, ଯାହା କହୁବେ ଆଉ ମୁଁ କଣ ଉତ୍ତର ଦେବି । କିନ୍ତୁ ଆମର କପାଳ ଯାହା ଅଧାଅଧି ଫାଟିଥିଲା, ଏବେ ପୂରା ଫାଟିବ ।"

"ତୁମର କେତେ ପଟ ଦୁହାଁଳ ଗାଈ, ମହିଷୀ ଅଛନ୍ତି ?"

"ଆଜ୍ଞା ଦୁହାଁ ଗାଈ ଅଛନ୍ତି ଛଅପଟ ଏବଂ ମହିଷୀ ଅଛନ୍ତି ଚାରି ପଟ । ଆମର ଗାଆଁରେ ଥିଲାବେଳେ ପ୍ରତିଦିନ ବାର ସେର ଗୋରସ ହେଉଥିଲା । ଗୋରସ ବିକି ଓ ତହିଁରୁ ଦହି ଘିଅ ତିଆରି କରି ଚଳୁଥିଲି । ଏଠାରେ ତ ପାଣି ମନ୍ଦଏ ସୁଦ୍ଧା ମିଳୁ ନାହିଁ, ଆଉ ଗୋରସ ବାହାରିବ କେଉଁଠୁ ?"

"ତୁମର ଗାଈ ମହିଷୀ ଗୁଡ଼ାକ ବିକି ଦେଉ ନାହଁ କାହିଁକି ? ଏ ଜଙ୍ଗଲ ଜାଗାରେ ଚରିବୁଲି ଥିଲେ ସୁଦ୍ଧା ପାଣି ଆଦି ଅସୁବିଧାରେ ବେଶି ଦିନ ତିଷ୍ଠାଇ ରଖି ପାରିବ ନାହଁ । ତୁମେ ଯଦି ତୁହାଁ

ତେବେ ତୁମର ଗାଈ, ମଇଁଷି ବିକାଇ ଦେବାର ବନ୍ଦୋବସ୍ତ କରିବି । ଏଥିରେ ରାଜି ଅଛ ତ ?"

"ହଜୁର ମା ବାପ । ମୁଁ ଆଉ କଣ କହିବି ? ଆପଣ ଯାହା ବିଚାର କରିବେ ? ପଶୁ ହେଲେ ବି ଏମାନେ ଯେଉଁ କଷ୍ଟରେ ଅଛନ୍ତି ତାହା ଦେଖି ମୁଁ ସହି ପାରୁନାହିଁ । କାନ୍ଦି ପକାଉଛୁ । ଆପଣ ଯଦି ଏମାନଙ୍କୁ ଏ ବନସ୍ତରୁ ପାରି କରି ଯେଉଁଠାରେ ସୁଖରେ ରହିପାରିବେ ସେପରି ବନ୍ଦୋବସ୍ତ କରିଦେବେ ମୁଁ ବି ଖୁସି ହେବି । ଆଉ ଟଙ୍କା ପଇସା ବିଷୟରେ ଆମର ପେଟ ଅଣ୍ଟା ଦେଖି ଯେଉଁ ଦାମ୍ ଆପଣ ଠିକ୍ କରିବେ, ସେଥିରେ ମୁଁ ରାଜି ।"

"ଆଚ୍ଛା" । କହି କେମ୍ପ୍ ଅଫିସର ଚାଲିଗଲେ ଅନ୍ୟ କୁଡ଼ିଆକୁ ।

ଦାଶ ଭଏଁଷାଳ ଦୀର୍ଘ ନିଶ୍ୱାସ ପକାଇ ଗାଈ ମଇଁଷିମାନଙ୍କୁ ଅନାଇଲା । କେମ୍ପ୍ ଅଫିସରଙ୍କ ପ୍ରସ୍ତାବର ବିମନ୍ଥନ କରୁଥାଏ ସେ ମନେ ମନେ । ଲାଭ କ୍ଷତିର ହିସାବ ନିକାଶ ଆଙ୍କି ତାର ମନରେ ଭବିଷ୍ୟତର ଅନ୍ଧକାରମୟ ପରିଣତି ପ୍ରତି ସଚେତନା କରୁଥାଏ । ଏକପକ୍ଷରେ ବିନା ପଇସାରେ ସରକାର ଘରୁ ଛିଣି ଗୋରସ ବଣ୍ଟାଗଲେ ନିଜ ପୁଅକୁ ମଧ୍ୟ ବିନା ପଇସାରେ ଗୋରସ ପିଇବାକୁ ମିଳିବ । କୌଣସି ପଡ଼ୋଶୀ ଘରେ ଆଉ ଦୁଧ ଦରକାର ପଡ଼ିବ ନାହିଁ । ଆୟର ରାସ୍ତା ପ୍ରାୟ ବନ୍ଦ । ଅନ୍ୟ ଦିଗରୁ ଭାବିଲେ ଗୋରୁ ମଇଁଷି ଗୋଠକୁ ସମ୍ଭାଳିବାରେ ଯେଉଁ ଖର୍ଚ୍ଚ, ଯେଉଁ କଷ୍ଟ, ତାହା ଏଇ କେତେ ଦିନରେ ସେ ବୁଝି ପାରିଲାଣି । ଛିଣି ଗୋରସ ଯୋଗାଇବା ଦ୍ୱାରା ପିଲାମାନଙ୍କ ସୁବିଧା କରିବା ସଙ୍ଗେ ସଙ୍ଗେ ଗୋରୁ ମଇଁଷିମାନଙ୍କୁ ବିକାଇବାର ସୁବିଧା ହେବା ଦ୍ୱାରା ତାର ନିଜର ଲାଭ ହେଉ ନ ହେଉ, ଗାଈ ମଇଁଷିମାନଙ୍କର କଷ୍ଟ ତ ଯିବ ।

ଗାଁ ଛାଡ଼ି ଆସିଲା ପରେ ନିଜର ଗୋରୁ ଗୁଳ ଆଖିରେ କେତେଥର ଲୁହ ଦେଖିଛନ୍ତି ଦାଶ ଭଏଁଷାଲ । ଆଜି ଦାଶର ଆଖି ଲୁହରେ ଭରି ଉଠିଲା ।

ପୁରାତନ ଗାଆଁର ବନ୍ଧୁବାନ୍ଧବ, ଘରଦ୍ୱାର, ଜମିବାଡ଼ି ଆଦି ସବୁ ମୋହର ବନ୍ଧନ ସେ ଛିଣ୍ଡାଇ ଆସିଛନ୍ତି । କିନ୍ତୁ ଆଜି ଏ ନିରୀହ, ମୂକ, ପଶୁମାନଙ୍କର ବନ୍ଧନ ଯେପରି ତାର ହାତ, ଗୋଡ଼, ଦେହ, ଛାତି ସବୁଆଡ଼େ ବାନ୍ଧି ରଖିଛନ୍ତି । ଏମାନେ କଣ ତାକୁ ମୁକ୍ତି ଦେବେ ? ଦାଶ ଭଏଁଷାଲ ସବୁ ଗାଈ ମହିଷୀର ଆଖିକୁ ଅନାଇଲା ଉତ୍ତର ପାଇଁ । କିନ୍ତୁ ଲୁହରେ ତାର ଆଖି ଭରି ଯାଇଥିବା ଯୋଗୁଁ କିଛି ଦେଖିପାରିଲା ନାହିଁ । ସେମାନଙ୍କର ଆଖିର ନୀରବ ଭାଷା ବୁଝିପାରିଲା ନାହିଁ ।

('ଆସନ୍ତା କାଲି'—ଜୁଲାଇ ୧୯୫୪)

# ଯାତ୍ରୀ

ସମ୍ବଲପୁର ଜିଲ୍ଲା ଇବ ନଦୀ କୂଳରେ ଥିବା ବାଘରା ଗାଁରେ ଆଜି ସବୁଠାରୁ ବୁଢ଼ା, ସବୁଠାରୁ ପ୍ରବୀଣ ଚାଷୀ ବାବାଜୀ ପଧାନ ଏକ ଗଭୀର ଚିନ୍ତାରେ ମଗ୍ନ । କାଲି ସକାଳୁ ତାଙ୍କୁ ଗାଁ ଛାଡ଼ି ଯିବାକୁ ହେବ । ହୀରାକୁଦ ବନ୍ଧ ହେବା ଫଳରେ ଗାଁଟି ସବୁଦିନ ପାଇଁ ନଦୀ ଗର୍ଭରେ ଲୀନ ହେବ । ଏ ବର୍ଷ ବର୍ଷାକୁ ଗାଁ ମଝି ଖୁଲି* ଉପରେ ବାଉଁଶେ ପାଣି ରହିବ ବୋଲି ଗାଁ ଲୋକଙ୍କଠାରୁ ଶୁଣିବା ଦିନଠାରୁ ଆଜିକି ପନ୍ଦର ଦିନ ହେଲା ତାର ମନରେ ଶାନ୍ତି ନାହିଁ, ପେଟରେ ଭୋକ ନାହିଁ, ଆଖିରେ ନିଦ ନାହିଁ ।

ଜ୍ୟେଷ୍ଠ ମାସର ଏକ ତପ୍ତ ସନ୍ଧ୍ୟା । ବାବାଜୀ ପଧାନ ଘର ସ୍ଥାଣୁ ଓ ବହୁ ପୁରାତନ, ଗାଁ ମଝିରେ ଥିବା ପିପ୍ପଳ ଗଛଟି ଆଜି ନିଶ୍ଚଳ । ସେ ଗଛରେ ବାକି ଥିବା ସାମାନ୍ୟ କେତେକ ସ୍ୱଭାବଚଞ୍ଚଳ ପତ୍ରମାନ ସୁଦ୍ଧା ହଲୁ ନାହିଁ । ଏ ବୃକ୍ଷକୁ ଆଶ୍ରୟ କରିଥିବା ପକ୍ଷୀମାନେ କେଉଁ କାଳରୁ ନୀରବ ହୋଇ ନିଦ୍ରାର ଆଶ୍ରୟ ନେଲେଣି । ଆକାଶରେ ସାମାନ୍ୟ ମେଘ । ପବନର ଚଳାଚଳ ନାହିଁ । ବାବାଜୀ ପଧାନ ନଦୀକୁ ସନ୍ଧ୍ୟାରେ ଗାଧୋଇ ଯିବା ବାଟରେ ଗଛ ମୂଳରେ କିଛି ସମୟ ଥକାମାରି ବସିଲା । କାଲି ସନ୍ଧ୍ୟାରେ କେଉଁଠି ଥିବ ସେ ? ଭାବି ପାରୁନାହିଁ ବାବାଜୀ ପଧାନ । ଏ ଜନ୍ମମାଟି, ଯେଉଁଠି ସେ ଚାରିକୋଡ଼ିରୁ ଅଧିକ ବର୍ଷ ବିତାଇ

* ଖୁଲି — ରାସ୍ତା

ଦେଇଛନ୍ତି, ତାର ପ୍ରତ୍ୟେକ ରକ୍ତ କଣିକାରେ, ତାର ହାଡ଼, ଚମ, ମାଂସ ସବୁଥିରେ ଯେଉଁ ମାଟିର ଗନ୍ଧ ଓ ରସ ଭରି ରହିଛି, ସେ ମାଟିରୁ ସେ ସବୁଦିନ ପାଇଁ ବିଚ୍ଛିନ୍ନ ହେବ କାଲିଠାରୁ । ଏ ପୁରାତନ ଗଛଟି ହୁଏତ ଆସନ୍ତା ବର୍ଷାରେ ମହାନଦୀ ବନ୍ଯାରେ ବୁଡ଼ି ଭାସି-ଯିବ । ସେତେବେଳେ ଏ ଗଛର ପକ୍ଷୀମାନେ ଆନନ୍ଦରେ ଅନ୍ୟ ନୀଡ଼ରେ ଆଶ୍ରୟ ନେବେ, ଏ ଗଛର ଆଶ୍ରୟକୁ ସବୁଦିନ ପାଇଁ ଭୁଲି ଯାଇ ପାଣି ମାଡ଼ି ଆସିବା ପୂର୍ବରୁ ହୁଏତ କେଉଁ ଠିକାଦାର ବା କୃଷୀର ନିଷ୍ଠୁର କୁରାଢ଼ୀ ଏ ପୁରାତନ ଗଛକୁ ନିଶ୍ଚିହ୍ନ କରି-ଦେବ । ପାଣି ମାଡ଼ି ଆସିଲେ ଏ ଗଛର ବା ବାବାଜୀ ପଧାନର ପ୍ରେତ ସୁଦ୍ଧା ଏଠାକୁ ଆସି ପାରିବ ନାହିଁ । .........

ଗଛଟି ଯେପରି ଶହ ଶହ ଚେର ସାହାଯ୍ୟରେ ମାଟି ସହିତ ବନ୍ଧା ହୋଇ ପଡ଼ିଛି, ଆଜି ଶହ ଶହ ମାୟାର ବନ୍ଧନ, ମମତାର ଆକର୍ଷଣ, ଗାଁର ମାଟି ସଙ୍ଗେ ବାବାଜୀ ପଧାନର ମନର ଚେରକୁ ବାନ୍ଧି ରଖିବାକୁ ଚାହେଁ । କିନ୍ତୁ ଏ ବନ୍ଧନକୁ କାଲି ସକାଳ ସୁଦ୍ଧା ଛେଦିବାକୁ ପଡ଼ିବ । ସେ ଭାବେ ଓ ଦୀର୍ଘଶ୍ୱାସ ଛାଡ଼େ । ଏ ଗଛ-ଠାରୁ ସୁଦ୍ଧା ଅଧିକ କେତେ ଗୁଣ ପରାଧୀନ, କେତେ ଅସହାୟ ମନୁଷ୍ୟ । କାଲି ସକାଳେ ତାକୁ ନିଶ୍ଚୟ, ନିଶ୍ଚୟ ଏ ଗାଁ ଛାଡ଼ି ଚାଲିଯିବାକୁ ହେବ । ତାର ପୁଅ ଚନ୍ଦ୍ରମଣି ପଧାନ ସମ୍ବଲପୁରର ଡେମ୍ ଅଫିସକୁ ଯାଇଛି । ସରକାରୀ ମଞ୍ଜୁର କରାଇ କାଲି ସକାଳେ ଗାଁକୁ ଫେରିବ । ଘରେ ପୁରା (ଓଳିଆ) ଓ ବସ୍ତାରେ ଧାନ, ଚାଉଳ, ମୁଗ, କୋଳଥ ଆଦି ବନ୍ଧାବନ୍ଧି ସାରିଲାଣି । ଏଥିପୂର୍ବରୁ ଗାଁର ପଞ୍ଚ ସଦାଶିବ ଷଡ଼ଙ୍ଗୀ, ମଦନ ପ୍ରଧାନ, ମଧୁମିଶ୍ର ଆଦି ଅନେକେ ଗାଁ ଛାଡ଼ି କିଏ ଚାରିଦିନ ହେଲା, କିଏ ପାଞ୍ଚଦିନ ହେଲା କିଏ କିଆଡ଼େ ଚାଲି ଗଲେଣି । ଗାଁର ଅଧିକାଂଶ ଘରେ ଆଉ ଛାତ ନାହିଁ । ଶୂନ୍ୟ

ଦଶିଲଣି ଗାଁର ଶିରୀ । ଅତୀତର ସମସ୍ତ ସୁଖ ଦୁଃଖର ସ୍ମୃତିକ ଏଠାରେ ସମାଧି ଦେଇ ଗାଁର କେତେ ଲୋକ ଅନ୍ୟ ଗାଁମାନଙ୍କୁ ବାହାରି ଗଲେଣି । ବାବାଜୀ ପଧାନ ଚେଷ୍ଟା କଲେ ମଧ୍ୟ ଏଠାରେ ଆଉ ବେଶିଦିନ ରହି ପାରନ୍ତା ନାହିଁ ।

ଏ ବୁଢ଼ା ବୟସରେ କେଉଁ ପାପରୁ ତାଙ୍କୁ ଦେଶତ୍ୟାଗୀ ହେବାକୁ ପଡ଼ୁଛି ? ସେହି କଥା ଭାବେ ବାବାଜୀ ପଧାନ । ତାର ଦୁଇ ଆଖିରୁ ଝରି ପଡ଼େ ଦୁଇଧାର ଲୁହ । ଦୂରରେ ଦକ୍ଷିଣରୁ ହୀରାକୁଦରେ କାମ ହେଉଥିବାର ବିଜୁଳିବତିର ଅସ୍ପଷ୍ଟ ଆଲୁଅ ତାଙ୍କୁ ମନେ ପକାଇ ଦେଉଛି ଏ ସନ୍ଧ୍ୟାରେ—ଏ ଗାଁ, ଏ ନଦୀ, ଏ ଜମି-ବାଡ଼ି, ଏ ଘରଦ୍ୱାର, ଗାଁର ପାଖ ପଡ଼ୋଶୀ ବନ୍ଧୁବାନ୍ଧବ—ସବୁ ଛାଡ଼ି ଚାଲିଯିବାକୁ ହେବ । ଦୂର ହୀରାକୁଦରେ ଚାଲୁଥିବା ମେସିନର କ୍ଷୀଣ ସ୍ୱର ଯେପରି ତାଙ୍କୁ ଅସ୍ୱସ୍ତିକର ସନ୍ଧ୍ୟାରେ ବାରବାର କହୁଛି; ମନେ ପକାଇ ଦେଉଛି—ଚାଲିଯାଅ, ଚାଲିଯାଅ ଏଠୁ ।

ଅତୀତ ଜୀବନର କେତେ ଛବି ତା ମନରେ ଖେଳିଯାଏ ଗୋଟିଏ ସ୍ୱପ୍ନର ଅସଂଲଗ୍ନ ଭାବନାମାନ ପରି । କେତେ ଯତ୍ନରେ ଗଢ଼ିଥିଲା ସେ ତାର ଛୋଟ ଦୁନିଆଟି । କେତେ ପରିଶ୍ରମ କରି ବୁଣିଛି ସେ କେତେ ମାୟା ମମତାର ଜାଲ । ଏତେ ପ୍ରତିକୂଳ ଅବସ୍ଥାରେ ବୁଢ଼ା ସେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନିଜ ଖେତରେ ବୁଲି ନ ଆସିଲେ ତାର ମନରେ ସ୍ୱସ୍ତି ଆସେ ନାହିଁ । ଅଦିନିଆ ବର୍ଷାରେ ଖେତରେ ହଳ ବୁଲିଲା କି ନାହିଁ, ଠିକ୍ ସମୟରେ ଖେତରେ ଖତ ଦିଆଗଲା କି ନାହିଁ, ଧାନ ଠିକ୍ ସମୟରେ ବୁଣା ହେଲା କି ନାହିଁ, ବଳଦମାନଙ୍କୁ ଠିକ୍ ସମୟରେ ପୁଆଳ, କୁଣ୍ଡା ଦିଆ ହେଲା କି ନାହିଁ, ଘର ସାମୟିକ ଭାବରେ ଲିପା ପୋଛା ହେଲା କି ନାହିଁ ଇତ୍ୟାଦି । ତାର ଛୋଟ ଦୁନିଆର ଯାବତୀୟ ବିଷୟ ସେ ଏ ବୟସରେ ବୁଢ଼ା

ବୁଦେ । ଖେତର ପ୍ରତ୍ୟେକ ଧୂଳିକଣା ସଙ୍ଗେ ଯେପରି ତାର ଜନ୍ମ ଜନ୍ମାନ୍ତରର ସମ୍ବନ୍ଧ ସେହି ଖେତର ଧୂଳିକଣାରୁ ତ ତାର ରକ୍ତମାଂସର ଶରୀର ଗଢ଼ା ହୋଇଛି । ଆଜି କିନ୍ତୁ ସେ ସମ୍ବନ୍ଧକୁ 'ଜୋର କରି ତୁଟାଇବାକୁ ହେବ— ସବୁଦିନ ପାଇଁ ।

ମନେ ପଡ଼େ ପିଲାଦିନର ସ୍ମୃତି । ଏହି ପିପ୍ପଳ ଗଛ ତଳେ ଅନ୍ୟ ପିଲାମାନଙ୍କ ସଙ୍ଗେ କେତେ ଦିନ କେତେ ଖେଳ ଖେଳିଛି । କେତେ ନିଶ୍ଚିନ୍ତରେ ସମୟ କଟାଇଛି । ଖରାଦିନ ଦୁଇପହର ଝାଞ୍ଜରେ* କେତେଦିନ ସାଙ୍ଗ ପିଲାମାନଙ୍କ ସଙ୍ଗରେ ଖେଳିଛି ଓ ଖେଳିବାରୁ ବାପଠାରୁ ଗାଳି ଖାଇଛି । ମନେ ପଡ଼େ ପ୍ରଥମ ଯୌବନର କଥା ଯେତେବେଳେ ତାର ପୁଅ ଚନ୍ଦ୍ର ଜନ୍ମ ହୋଇ ନ ଥିଲା । ଚନ୍ଦ୍ରର ମା କେତେଥର ନଦୀରୁ ମାଠିଆମାନଙ୍କରେ ପାଣି ବୋହି ଏହି ଗଛ-ମୂଳ ଦେଇ ଯାଇଛି । ଆଶ୍ୱସ୍ତିର ନିଶ୍ୱାସ ମାରେ ପଧାନ ବୁଢ଼ା । ଏ ବୁଢ଼ାର ଓ ପିଲାପିଲିଙ୍କର ଏ ବିପତ୍ତି ଓ ଦୁଃଖ ଦେଖିବାକୁ ଆଜି ପଧାନୁଣୀ ବୁଢ଼ୀ ବଞ୍ଚିନାହିଁ । ବଞ୍ଚିଥିଲେ କେତେ କାନ୍ଦୁଥାନ୍ତା । ଭଗବାନଙ୍କୁ କେତେ ଡାକୁଥାନ୍ତା । 'ହେ ଭଗବାନ', ବୋଲି କାତର କଣ୍ଠରେ ଡାକିଲା ପଧାନ ବୁଢ଼ା ।

"କିଏ ? ପଧାନ ମଉସା ? ଏ ଅନ୍ଧାରେ କଣ କରୁଛ ଏଠାରେ ଏକା ବସି ?" ଜଣେ ଆଗନ୍ତୁକର ସ୍ୱର ଜଣାଗଲା ।

"କିଏ ? ଶ୍ୟାମ ? କଣ ଆଉ କରିବି ? ଭାଗ୍ୟକୁ ସୁମରୁଛି । କେତେ ମହାପାତକ କରିଥିଲି ଯେ ଆଜି ପୁଅ ନାତି ସମସ୍ତଙ୍କୁ ଧରି ଦେଶ ଛାଡ଼ିବାକୁ ହେଉଛି । ସେଥିପାଇଁ ଭଗବାନଙ୍କୁ ଗୁହାରୁଛି ।"

---

* ଝାଞ୍ଜ — ଗରମ ପବନ

"କାଲି ତୁମେ ଅନ୍ୟ କେଉଁ ଗାଁକୁ ଚାଲିଯାଉଛ ପରା ? କେଉଁ ଗାଁକୁ ଯାଉଛ ?" ପଚାରିଲା ଶ୍ୟାମ ବାରିକ । ଶ୍ୟାମ ବାରିକ ଏ ପର୍ଯ୍ୟନ୍ତ ଗାଁ ଛାଡ଼ି ଚାଲି ଯାଇନାହିଁ । ବୁଢ଼ାକୁ ସେ ମଉସା ବୋଲି ଡାକେ ।

"କେଉଁଠାକୁ ଆଉ ଯିବୁଁ । ଚନ୍ଦ୍ର ସମ୍ବଲପୁର ଯାଇଛି ଟ୍ରକ୍ ଠିକଣା କରି, କାଲି ସକାଳେ ସେ ଫେରି ଆସିବ ଟ୍ରକ୍ ଧରି । ସେଇଥିରେ ଜିନିଷପତ୍ର ନେବୁଁ । ଆମେ ତ ଅନ୍ୟ ଜାଗାରେ ଜମି-ବାଡ଼ି କିଛି ଠିକଣା କରିନାହୁଁ । ସେଇଥିପାଇଁ କୁମାରବନ୍ଧ ଗାଁକୁ ଯାଇ ଝିଅ ଘରେ କିଛିଦିନ ରହିବୁ । ସେଠାରୁ ପୁଅ ଯାଇ ଜମିବାଡ଼ି କେଉଁଠି କିଣିବ, ତାପରେ ସେଠାକୁ ଯିବୁଁ । ବର୍ତ୍ତମାନ ତ ମହା ସମୁଦ୍ରରେ ଭାସିବୁଁ ।"

"ଆମର ବି ତ ସେହି ଦଶା ।" କହିଲା ଶ୍ୟାମ, "କାହିଁ ଘର ଘାଟି ଠିକଣା ହୋଇନାହିଁ । ପୁଲିସ୍ ଆମକୁ ଥରକୁ ଥର ଘଉଡ଼ୁଛି । କେଉଁଠାକୁ ଯିବୁଁ ଏ ଯାଏ ଭାବିନାହୁଁ । ଯାହା କରମରେ ଥିବ ହେବ ।"

ଉଭୟେ ନୀରବ ହେଲେ । ଚିନ୍ତା ଯେଉଁଠୁ ଆଗକୁ ଯାଇ ନ ପାରି ପଥଭ୍ରଷ୍ଟ ହୁଏ, ସେଠି ଭାଷା ମଧ୍ୟ ବନ୍ଦ ହୁଏ । ଦୁଇଜଣଙ୍କର ଏକ ଦୀର୍ଘ ନୀରବତା ଯେପରି ପରସ୍ପରକୁ ସହାନୁଭୂତିର ଏକ ନିବିଡ଼ ବନ୍ଧନରେ ବାନ୍ଧିବାକୁ ଚେଷ୍ଟା କରୁଥାଏ ।

ଶେଷରେ ନୀରବତା ଭଙ୍ଗ କରି ଶ୍ୟାମ କହିଲା, "ଚାଲ, ନଦୀକୁ ଯିବା । ଡେରି ହେଲଣି ।"

ଉଭୟେ ଚାଲିଗଲେ ଇବ ନଦୀର ଘାଟ ଆଡ଼କୁ ।

× × ×

ନିଦ୍ରାହୀନ ଅସରନ୍ତି ରାତି । ବାବାଜୀ ପଧାନ ଦାଣ୍ଡ ଦୁଆରେ ବାଉଁଶ ଖଟିଆରେ ପଡ଼ି ଭାବୁଛନ୍ତି ଅତୀତର କଥା ଓ କଳ୍ପନା କରୁଛନ୍ତି

ନିଜର ୮ ପିଲାମାନଙ୍କର ଅନିର୍ଦ୍ଦିଷ୍ଟ ଭବିଷ୍ୟତର କଥା । ଘରେ ପୁଅ ଚନ୍ଦ୍ରର ସ୍ତ୍ରୀ ଉଷା ଓ ତାର ପାଞ୍ଚ ବରଷର ପୁଅ ଗୋବିନ୍ଦ କେତେ-ବେଳୁ ଶିଆପିଆ ସାରି ଗଭୀର ନିଦ୍ରାରେ ମଗ୍ନ । ବୁଢ଼ା ଖଟରେ ପଡ଼ି କଡ଼ ଲେଉଟାଉଛି ଓ ଛଟପଟ ହେଉଛି । ତାର ଅସ୍ୱସ୍ତିକୁ ବଢ଼ାଇ ଦେଉଛି ଗ୍ରୀଷ୍ମକାଳର ଆକାଶର ଖଣ୍ଡ ମେଘ ଓ ବାୟୁର ନିଶ୍ଚଳତା । କେତେବେଳେ ଦୂର କୁକୁରର ରଡ଼ ସ୍ୱନିର ନିସ୍ତବ୍ଧତା ଭଙ୍ଗ କରି ଦେଉଛି । ଦୂର ହୀରାକୁଦର ମେସିନ୍ ଗୁଡ଼ିକର ସ୍ୱର କ୍ଷୀଣ ହେଲେ ମଧ୍ୟ ସ୍ପଷ୍ଟ ଭାବରେ ଶୁଣାଯାଉଛି । ମଝି ମଝିରେ ଗାଁ ମଝିରେ ଯାଇଥିବା ସମ୍ବଲପୁର-ମୁରା ରାସ୍ତାରେ ଯା ଆସ କରୁଥିବା ମୋଟର ଓ ଟ୍ରକ୍‌ର ତୀବ୍ର ଆଲୋକ ଓ ଘର୍ଘର ସ୍ୱର ତାକୁ ଚକିତ କରି ଦେଉଛି । ଏଇ ଅଳ୍ପ କେତେ ଦିନ ମଧ୍ୟରେ ସେ ଦେଖିଲାଣି ଏପରି କେତେ ଦୃଶ୍ୟ ଯାହାକୁ କି ଆସନ୍ତାକାଲି ତାକୁ ନିଜକୁ ଦେଖାଇବାକୁ ହେବ ।

ଦିନ ନାହିଁ, ରାତି ନାହିଁ, କେତେ ଟ୍ରକ୍ ତାର ଆଖି ସାମନାରେ ଚାଲିଛି, ତାହାରି ପରି ହତଭାଗ୍ୟ ଲୋକଙ୍କୁ ସକୁଟୁମ୍ବେ ଘରଦ୍ୱାର ଠାରୁ ବହୁଦୂରକୁ କେଉଁ ଏକ ଅଜଣା ରାଇଜକୁ ନେଇ ଚାଲିଛନ୍ତି । କେତେ କେତେ ଛୋଟ ଛୋଟ ମାଟିର ଦୁନିଆକୁ ଉପାଡ଼ି ନେଇ ଅନ୍ୟ କେଉଁଠି ରଖିବେ କିଏ ଜାଣେ ? ଦିନ ଦୁଇପ୍ରହରେ ଭୀଷଣ ଖରାରେ ଖୋଲା ଟ୍ରକ୍‌ରେ ଲଦା ଯାଇଛି ବସ୍ତା ଉପରେ ବସ୍ତା, *ପୁରା ଉପରେ ପୁରା (ଓଳିଆ), ତା ଉପରେ ଖଟ, ଶେଜ, ବିଛଣା, ହାଣ୍ଡି, ମାଠିଆ, ପୁରୁଣା କବାଟ, ଦୁଆରବନ୍ଧ ଏବଂ ଅନ୍ୟାନ୍ୟ ଗୃହ ଉପକରଣ ସାମଗ୍ରୀ ଓ ସବୁ ଜିନିଷପତ୍ର ଉପରେ ବସିଛନ୍ତି କେତେ ଜଣା ଅଜଣା ପରିବାର ପିଲା ଛୁଆଙ୍କୁ ଧରି । ସେହିପରି ରାତି ଅଧରେ ଛୁଟିଛି ସେହି ରାସ୍ତା ଦେଇ କେତେ ଟ୍ରକ୍ ପଛରେ ଟ୍ରକ୍ । ହୁଏତ

* ପୁରା—ଓଳିଆ

ଘୁମନ୍ତ ଶିଶୁକୁ କାଖରେ ଧରି କେଉଁଠି ମା ଟ୍ରକ୍ ଉପରେ ଲଦା ହୋଇଥିବା ବସ୍ତା ଉପରେ ଢୋଳାଇ ପଡ଼ୁଛି, କେଉଁଠି ବୁଢ଼ା ବୁଢ଼ୀ ଟ୍ରକ୍ ଉପରେ ବଲ ଧରି ନାଚି ନାଚି ଯିବା ଦ୍ୱାରା ଅସ୍ୱସ୍ତିରେ, ଯନ୍ତ୍ରଣାରେ ମୁହଁ ବିକୃତ ଦେଖାଯାଉଛି

କାଲି ସକାଳେ ଘରଦ୍ୱାର ଛାଡ଼ି ଯିବାକୁ ହେବ । ବୁଢ଼ା ମନେ ମନେ ହିସାବ କରୁଛି କେଉଁ ଜିନିଷ ନିଆଯିବା ପାଇଁ ବନ୍ଧାଛନ୍ଦା ହୋଇ ରଖାଯାଇଛି । ଛୋଟ ଛୋଟ ବାରଟି ପୁଡ଼ା (ଓଲିଆ)ରେ ପ୍ରାୟ ତିନି ପୁଡ଼ୁଗ (ଧାନର ମାପ) ଧାନ । ବାରଟା ବସ୍ତାରେ ପ୍ରାୟ ନଅ ପସ୍ତମୀ (ଚାଉଳର ମାପ) ଚାଉଳ । ପାଞ୍ଚଟି ବସ୍ତାରେ, ମୁଗ ଓ କୋଳଥ । ବାସନ, କୁସନ ଦୁଇଟି ବସ୍ତାରେ ଭର୍ତ୍ତି କରି ରଖାଯାଇଛି । ବାକ୍ସ, ପେଡ଼ି, ଶିଳ, ଚକି ସବୁ ଗୋଟି ଗୋଟି କରି ମନେ ମନେ ହିସାବ କରିଗଲା । ବଳଦ ଦୁଇହଳ ପଡ଼ୋଶୀ ରାମ ପଣ୍ଡାଙ୍କର ଜିମାରେ ଦେଇଛି ତାର ପୁଅ । କୁଟୁମ୍ବକୁ କୁମାରବନ୍ଧ ଗାଁରେ ଛାଡ଼ିଦେଇ ଆସିଲା ପରେ ଚନ୍ଦ୍ରମଣି ବଳଦମାନଙ୍କୁ ନେଇଯିବ । ଏ ସବୁ ନେଲା ପରେ ଘରେ ଲାଗିଥିବା ଇଟା, ପଥର, କାଠ, କବାଟ ପ୍ରଭୃତି ପ୍ରଧାନ ବୁଢ଼ାର ମୋହ । ଏ ସବୁ କଣ କେତେ ଦାମର ଜିନିଷ । ଅନ୍ୟ ଲୋକେ କାଠ ବାଉଁଶ, ଘର ଖପର, କବାଟ ସୁଦ୍ଧା ନେଇ ଯାଉଛନ୍ତି ଅନ୍ୟ ଜାଗାରେ ନୂଆ ଘର ତିଆରି କରିବା ପାଇଁ । କିନ୍ତୁ ଏ ଜାଗାରୁ ଚାଲିଗଲେ ଅନ୍ୟ କୌଣସିଠାରେ ଠିଆ ହେବାକୁ ସୁଦ୍ଧା ତାର ନିଜର ଜମି ନାହିଁ । ଏତେ ଦାମର ଘର ଉପକରଣମାନ ନେଇ କେଉଁଠି କୁଡ଼ିଆ ଖଣ୍ଡିଏ କରିବାକୁ ସୁଦ୍ଧା ତାର ଜମି ନାହିଁ । କାଲିଠାରୁ ସେ ହେବ ପୂରା ପର ଆଶ୍ରିତ । ତେଣୁ ଏତେଦାମର ଘର ଉପକରଣମାନ ତାର ବଢ଼ି ପାଣିରେ ଆହୁତି ଦେବା ଛଡ଼ା ଉପାୟ ନାହିଁ ।

ଜ୍ୟେଷ୍ଠ କୃଷ୍ଣ ସପ୍ତମୀର ନିଷ୍ପ୍ରଭ ଚନ୍ଦ୍ର ବଉଳ ଗଛର ଉହାଡ଼ରୁ ଉଇଁଲା । ମନେ ପଡ଼ିଲା ତାର କେଉଁ ଏକ ସ୍ୱପ୍ନ-ମଧୁର ଅତୀତ ଯୁଗର କଥା । ସେତେବେଳେ ସେ ଚନ୍ଦ୍ର ପରି ଯୁବକ ଥିଲା ଏବଂ ଚନ୍ଦ୍ର ଥିଲା ତାର ନାତି, ଗୋବିନ୍ଦ ପରି ଗୋଟିଏ ପାଞ୍ଚ ବର୍ଷର ଶିଶୁ । ଏହିପରି ଏକ ଅସ୍ୱସ୍ତିକର ମେଘସଂକୁଳ ରାତିରେ ଗାଁ ସଡ଼କରେ ସେ ଶୋଇଥିଲା ଚନ୍ଦ୍ରର ମା ଓ ଶିଶୁ ଚନ୍ଦ୍ର ପାଖରେ । ଏମିତି ପାଣ୍ଡୁର ଚନ୍ଦ୍ର ଉଇଁଥିଲା, ହୁଏତ ସେ ଦିନ, ତାର ମନରେ କେତେ କାମନା ଜାଗ୍ରତ କରିବାକୁ । ତାର ବୟସ କେତେ ସୁଖରେ ଗଡ଼ିଯାଇଛି । ସେତେବେଳେ ସେ କଣ ଭାବିଥିଲା ତାର ସେଇ ସମୟର ପାଞ୍ଚ ବର୍ଷର ପୁଅ ବଡ଼ ହେଲାପରେ ଏତେ ଦୁଃଖ ଭୋଗିବ ? ସେ କଣ ସେ ଦିନରେ ଭାବିଥିଲା, ଦିନେ ତାକୁ ଘରଦ୍ୱାର ଛାଡ଼ି ଏକ ଅନିର୍ଦ୍ଦିଷ୍ଟ ଦେଶକୁ ସବୁଦିନ ପାଇଁ ଯିବାକୁ ପଡ଼ିବ ? ପଧାନ ବୁଢ଼ାର ଶୁଖା ପଂଜରା ହାଡ଼ରୁ ବାହାରି ପଡ଼ିଲା ଏକ ଦୀର୍ଘ ନିଶ୍ୱାସ । ନିଜର ଅତୀତ ସୁଖ-ଶାନ୍ତିଭରା ଜୀବନ ଓ ପୁଅର ଭବିଷ୍ୟତ ଦୁଃଖ-ଦୁଶ୍ଚିନ୍ତା ଆଶଙ୍କା କରି ତାର ହାତ ଗୋଡ଼ ଅବଶ ହୋଇ ପଡ଼େ । ଚିନ୍ତାର ଧାରା ସ୍ତବ୍ଧ ହୋଇ ପଡ଼େ ।

ଏମିତି ଆଉ ଏକ ଖରାଦିନିଆ ରାତିର କଥା ତାର ମନେ ପଡ଼ିଲା । ସେ ସମୟରେ ଚନ୍ଦ୍ରକୁ ପ୍ରାୟ ସାତ ବର୍ଷ ହୋଇଥିଲାଣି । ସେଇ ରାତିରେ ମଧ୍ୟ ଆକାଶରେ ଉଇଁଥିଲା ଏହିପରି ଏକ ପାଣ୍ଡୁର ଚନ୍ଦ୍ର, ଆଉ ଆଗରେ ଜଳୁଥିଲା ତାର ଗର୍ଭଧାରିଣୀ ମାଆର ଚିତାଗ୍ନି, ଗାଁ ମଶାଣିରେ । ଆଜିର ଏ ରାତି ବାବାଜି ପଧାନକୁ ମନେ ପକାଇ ଦେଉଥାଏ ସେହି ଅଶୁଭ ରାତିର କଥା । ଗର୍ଭଧାରିଣୀ ମାଆର ଚିତାଗ୍ନି ଯେପରି ଗାଆଁ ମଶାଣିରୁ ଧୀରେ ଧୀରେ ଘୁଞ୍ଚିଯାଇ ହୀରାକୁଦରେ ଖୁବ୍ ଜୋରରେ ଜଳୁଛି, ତାର ଜନ୍ମମାଟିର ମଶାଣି

ନିଆଁ ରୂପରେ । ଆଉ ସେହି ନିଆଁର କ୍ଷୀଣ ଆଲୋକ ଦେଖାଯାଏ ଅସ୍ପଷ୍ଟ ଭାବରେ ଦକ୍ଷିଣ ଦିଗରେ ଜଳୁଥିବା ହୀରାକୁଦର ଆଲୋକରୁ । ବହୁତ ବର୍ଷ ପୂର୍ବେ ତାକୁ ଯେପରି ଗର୍ଭଧାରିଣୀ ମାଆର ମାୟାର ବନ୍ଧନ ତୁଟାଇବାକୁ ପଡ଼ିଥିଲା, ଆଜି ମଧ୍ୟ ସେହିପରି ତାକୁ ମାଟିର ମାଆର ମମତାର ବନ୍ଧନ ଛିଣ୍ଡାଇବାକୁ ହେବ । ପଧାନ ବୁଢ଼ା ଆଉ ଭାବିପାରେ ନାହିଁ ! ଥକା ହୋଇ ପଡ଼ି ରହେ ଖଟିରେ ।

—ତିନି—

କ୍ରମେ ପାହାନ୍ତିଆ ତାରା ଉଇଁଲା । ପୂର୍ବ ଦିନମାନଙ୍କ ପରି ପୂର୍ବ ଦିଗରେ ସିନ୍ଦୂର ଫାଟିଲା ଆକାଶରେ ମେଘ ଖଣ୍ଡମାନଙ୍କୁ ସୁନେଲି ରଙ୍ଗରେ ରଞ୍ଜିତ କରି । ଅନ୍ୟ ଦିନ ପରି ଆଜି ମଧ୍ୟ ଶୁଣାଗଲା ପକ୍ଷୀମାନଙ୍କର ଆନନ୍ଦମୟ କଳରବ । ସକାଳ ହେଲା । କିନ୍ତୁ ପଧାନ ବୁଢ଼ାର ଜୀବନରେ ସବୁଠାରୁ ଅଶୁଭ ପ୍ରଭାତ ଆଜି । ଏକ ଅହେତୁକ ଦୁର୍ବଳତାରେ ହାତ, ଗୋଡ଼ ଅବଶ ହୋଇ ବନ୍ଧା ହେଲା ପରି ମନେ ହେଉଥାଏ ।

ବଡ଼ି ସକାଳୁ ଉଠି ବୋହୂ ଚଞ୍ଚଳ ରନ୍ଧା ବଢ଼ା ସାରିବା ପାଇଁ ତିଆର ହେଉଛି, ଯେପରିକି ଘରୁ ବାହାରିବା ପୂର୍ବରୁ ସମସ୍ତଙ୍କର ଖିଆପିଆ ଚଞ୍ଚଳ ଶେଷ ହୋଇଯିବ । ନାତି ନିଶ୍ଚିନ୍ତ ମନରେ ଶୋଇଛି ।

ବର୍ଷ ବର୍ଷର ଅଭ୍ୟାସ ଆଜି ସୁଦ୍ଧା ପଧାନ ବୁଢ଼ାକୁ ତାର କ୍ଷେତ ଆଡ଼କୁ କଢ଼ାଇ ନେଲା । ଜମି ବୋଲି ତାର ପାଞ୍ଚ ଏକର, ଜମି ଭିତରେ ମହୁଲ ପାଞ୍ଚ ଗଛ ଏବଂ ତେନ୍ତୁଳି ଦୁଇ ଗଛ । ପିତୃ ପିତାମହର ସ୍ମୃତିଘେରା, ସୁନା ଫଳାଉଥିବା ସେହି ଜମି ଆଜି ମରୁଭୂମି ପରି ଶ୍ରୀହୀନ । ମାର୍ଗଶିର ମାସରେ ଫସଲ ଉଠିବା ପରେ

ଆଉ ସେଠାରେ ଏ ବର୍ଷ ହଳ କରାଯାଇ ନାହିଁ, ଖତ ଦିଆଯାଇ ନାହିଁ, ନିତାନ୍ତ ଲକ୍ଷ୍ମୀଛଡ଼ା ମଶାଣି ପରି ଖାଁ ଖାଁ କରୁଛି । ଏପରି ସୁନ୍ଦର ଜମିର ଏପରି ଅଯତ୍ନ ହେବ, ପଧାନ ବୁଢ଼ା ଏ କଥା କେବେ କଳ୍ପନା କରି ନ ଥିଲା । ଆଜି ଶେଷ ଦେଖା । ବିଦାୟର ଦିନ । ମଶାଣିରେ ମା'ର ଚିତାରେ ନିଆଁ ଲଗାଇଲା ପରେ ଯେପରି ସେ ଦିନେ ମୁହଁ ଫେରାଇ ଚାଲି ଯାଇଥିଲା, ଆଜି ସେହିପରି ଛଳଛଳ ଆଖିରେ ଶେଷ ଥର ପାଇଁ ଜମିର ଦେଖା ସାରି, ସେ ଫେରିଲା ଘରକୁ ।

ଘରେ ପହଞ୍ଚିଲା ବେଳକୁ ଗାଆଁର ମୁଖିଆ ମୁଖିଆ ସବୁ ଲୋକେ ତାର ଦାଣ୍ଡ ଦୁଆରେ ଜମା ହୋଇଛନ୍ତି ବୁଢ଼ାକୁ ଶେଷ ବିଦାୟ ଦେବାକୁ । ପ୍ରବଳ ବଢ଼ିରେ ଭାସି ଯାଉଥିବା ଏକା ଗାଆଁର ଗଛ ଯେମିତି କିଏ କେଉଁଠି ଲାଗିବ ତାର ଠିକଣା ନ ଥାଏ, ସେହିପରି କେତେ ଗୁଡ଼ିଏ ଭାଗ୍ୟ ସ୍ରୋତର ତୃଣ ଏକାଠି ହୋଇ ବୁଢ଼ାକୁ ବିଦାୟ ଦେବାକୁ ଆସିଛନ୍ତି ।

ବୁଢ଼ାର ଆଖି ଛଳ ଛଳ ହୋଇ ଉଠିଲା । ଏଇ ଶ୍ୟାମ ବାରିକ; ତାର ବାଲ୍ୟବନ୍ଧୁ ସହଦେବ ବାରିକ ପୁଅ । ରାମ ପଣ୍ଡା— ଯାହାଙ୍କର ପିଣ୍ଡା ପଧାନ ବୁଢ଼ାଙ୍କର ପିଣ୍ଡାକୁ ଲାଗିଛି । ମଦନ ମିଶ୍ର— ଯାହାଙ୍କର ଜମି ପଧାନ ବୁଢ଼ାର ଜମିକୁ ଲାଗିଥିବାରୁ ପାଣି କଥା କହି ନେଇ ପ୍ରତିବର୍ଷ କିଛି ନା କିଛି ଝଗଡ଼ା ହେଉଥିଲା । ହରି ସାହୁ ମହାଜନ ଯେ କି କଣ୍ଟ୍ରୋଲ ସମୟରେ ଚଢ଼ା ଦରରେ ଚିନି, କିରାସିନ୍, କପଡ଼ା ବିକି ଓ ଧାନ, ଟଙ୍କା ଋଣ ଦେଇ ବେଶ୍ ଦୁଇ ପଇସା ରଖିଛନ୍ତି । ଆଉ କେତେ ଅଖ୍ୟାତନାମା ବ୍ୟକ୍ତି । ଆଜି ଶେଷ ଦେଖା ।

ଜୀବନର ସବୁ ଈର୍ଷା, ଦ୍ୱେଷ, ବାଦ, ବିବାଦ, ସ୍ନେହ, ମମତାର ଅବସାନ ଯେପରି ମରଣରେ ହୋଇଯାଏ, ସେମିତି ଆଜି

ପରସ୍ପରର ଦୋଷ ତ୍ରୁଟି ଭୁଲିଯାଇ ସମସ୍ତଙ୍କଠାରୁ ବିଦାୟ ନେବାକୁ ହେବ । ପଧାନ ବୁଢ଼ା ହାତ ଯୋଡ଼ି ସମସ୍ତଙ୍କୁ କହିଲା, "ମୋର ଯାହା ଦୋଷ ହୋଇଛି, ମାଫ କରିବ ଭାଇମାନେ । ଗାଁ ଯାକ ସଭିଏଁ ଆଜିଯାଏ କି ସୁନ୍ଦର ଗୋଟିଏ ଗୋଟିଏ କୁଟୁମ୍ବ ପରି ଚଳୁଥିଲେ । ଏଥର ଆଉ କେହି କାହାର ମୁହଁ ଦେଖିବା ମଧ୍ୟ ସପନ ହେବ । ଏଇ ଗାଁ, ଏଇ ମାଆ, ଆଉ କେଉଁଠାକୁ ଗଲେ ପାଇବା ?"

ମଦନ ମିଶ୍ରେ କହିଲେ, କେଉଁଠାକୁ ଗଲେ ଏ ସୁନାପରି ଫସଲ ପାଇବା ? କେଉଁଠାକୁ ଗଲେ ଏ ଅମୃତ- ପରି ନଦୀ ପାଣି ପାଇବା ? ଏଇ ସାଙ୍ଗ ସାଥି ଏଇ ସାଇ ପଡ଼ିଶା କେଉଁଠାକୁ ଗଲେ ପାଇବା ? ଗାଁ ଛାଡ଼ିବା ସଙ୍ଗେ ସମସ୍ତଙ୍କର ଦାଇବ ଭି ଛାଡ଼ିଲା ।

ହରି ସାହୁ କହିଲେ, "କର୍ମରେ ଯାହାଥିଲା ଦାଇବ ଛାଡ଼ିବାର, ସେଇଟା ତ ହେଲା । ମାତ୍ର ଗାଁର ସମସ୍ତେ ଏକ ସଙ୍ଗେ ଭଲ-ବାହାର ହୋଇ ଯେ ଯେଉଁଠାକୁ ଯିବାର ବନ୍ଦୋବସ୍ତ କରିଥିଲେ, କେତେ ସୁନ୍ଦର ହୋଇଥାନ୍ତା । ବର୍ତ୍ତମାନ ହେଉଛି କଣ ନା ଯେ ବଡ ଲୋକ, ଯାହାଙ୍କୁ ଦୁଇ ପଦ କଥା ଟିକଣି କରି କହି ଆସେ, ସେମାନେ ନିଜ ନିଜର ଗାଡ଼ି ଆଗ କରି ଖୋଲି ନେଲେ; ନିଜର ସୁବିଧା କଲେ, ଅନ୍ୟର ଦୁଃଖ ସୁଖ ବୁଝିଲେ ନାହିଁ । ଶେଷକୁ ଯେଉଁମାନେ ଗରିବ, ଦୁଃଖୀ ରହିଲେ, ସେମାନଙ୍କର ସାହା ଆଉ କେହି ନାହିଁ । ସେମାନେ କିପରି ଯିବେ, କେଉଁଠାକୁ ଯିବେ କିଏ ବୁଝିବ ? ଏଇଟା ହେଲା ଅସଲ ଦୁଃଖର କଥା ।"

ରାମ ପଣ୍ଡା କହିଲେ, "କଣ କରିବ ? ସବୁ କଥା ତ ମଧୁ ମିଶ୍ର ବିଗାଡ଼ି ଦେଲା । ପହିଲେ ଆରି ଆସିଲେ ତାହାରି ଘରେ ରହି ପିଇଲେ । ଏଲ.ଏ.ଓ.* ଆସିଲେ ସବୁବେଳେ ତାଙ୍କର ପଛେ ପଛେ ବୁଲିଲା

* ଏଲ୍.ଏ.ଓ.—(L.A.O.) ଜମି ଦଖଲ ଅଫିସର

ମଧୁ ମିଶ୍ର । କାହାଠାରୁ ଦୁଇ ପଇସା ନେଇ ଏକୁଆର୍ ଜମିର କ୍ଲାସ୍ ବଢ଼ାଇଲା, କାହାର ଭଲ ଜମିକୁ ପଟ୍ଟିଆରକୁ କହି ଅସାର ଲେଖାଇଲା, କାହାର ଜମିର ଗଛ ସଂଖ୍ୟା ବେଶି ବଢ଼ାଇ କରି ଲେଖାଇଲା । କାହାର ଠଙ୍କା, ଏହିପରି କେତେ ଠଙ୍କା ରୋଜଗାର କରନ୍ତି ସେ, କେତେ ଦକ୍ଷିଣା ଦିଅନ୍ତି, ତାର ହିସାବ ନାହିଁ । ଆଜ ଏଇ ଗାଁ ଛାଡ଼ିଲା ବେଳକୁ ଗାଁକୁ ଫଟାଇବାକୁ ବାହାରିଲା ପହିଲ ସେହି ମଧୁ ମିଶ୍ର । କା'ର ପାଇଁ ଟ୍ରେକ୍ ମଞ୍ଜୁର କରିବାକୁ କହି, କାହାକୁ ବା ଅନ୍ୟ ଜାଗାରେ ଜମି ମିଳୁଛି ବୋଲି ଦଲିଲ କରି ସେ ଗାଁର ବଡ଼ଲୋକ-ମାନଙ୍କୁ ଗାଁରୁ ପହିଲ ବାହାର କରାଇଛି । ମୁଁ ନିଜେ ବ୍ରାହ୍ମଣ ହେଲେ କଣ ହେଲା, ଯେଉଁ ମହାତ୍ମା କହିଛନ୍ତି, "କ୍ଷେତ ନଶାଏ ଚମନା, ଗାଁ ନଶାଏ ବାହ୍ମନା" ସେ ମିଛ କହି ନାହାଁନ୍ତି ।

ପଧାନବୁଢ଼ା କହିଲେ, "ମଧୁ ମିଶ୍ରକୁ ଦୋଷ ଦେଲେ କଣ ହେବ ? ସବୁ କଥା କର୍ମର ଦୋଷ । ଗାଁ ତ ଯେପରି ହେଉ ବୁଡ଼ିଯିବ । ଆଜି ନ ହେଲେ କାଲି ଏ ବର୍ଷ ବର୍ଷା ଆଗରୁ ତ ଯେମିତି ହେଲେ ଗାଁ ଛାଡ଼ି ଯିବାକୁ ପଡ଼ିବ । ମଧୁ ମିଶ୍ର ଆମକୁ ବାଟ ଦେଖାଇଲା ଭଲ କଲା । ମାତ୍ର ସେ ଏକା ଯାହା ନିଜର ବାଟ କାଟିଲା, ସେଇଠା ଖରାପ କଲା । ସମସ୍ତଙ୍କୁ ପଚରା ପଚରି ହୋଇ କାମଟା କରିଥିଲେ କିଏ ମନା କରୁଥିଲା । ସମସ୍ତଙ୍କୁ ତ ଗାଁ ଛାଡ଼ି ଯିବାକୁ ହେବ ।"

"କିଏ ନାହିଁ କରୁଛି ?" ରାମପଣ୍ଡା କହିଲେ, "କିନ୍ତୁ ଏ ଜ୍ୟେଷ୍ଠ ମାସର ଝାଞ୍ଜିଖରାରେ ଚଢ଼େଇ ଚରଗୁଣି ମଧ୍ୟ ଘରୁ ବାହାରୁ ନାହାନ୍ତି । ଆଜ ସରକାର କହୁଛି, 'ଗୁରୁଦିନ ଭିତରେ ଘର ଖାଲି କର, ଗାଁ ଛାଡ଼ି ବାହାରି ଯାଅ' । ବିଚାର କର ତୁମର ନିଜର କଥା । ଅଳ୍ପ ଦିନ ଦୁଇ ପହରେ—ତୁମେ ବୁଢ଼ା ପ୍ରାଣୀ—ତୁମର ବା ଆଇଷ କେତେ ?—ମଝି ଦୁଇ ପହର ଖରାରେ ଖୋଲା ଟ୍ରେକ୍‌ରେ ଯିବ ?

କେତେଦୂର ଯାଇ ପାରିବ ? ଭଗବାନ ନ କରନ୍ତୁ, ବାଟରେ ଯଦି ତୁମକୁ ଝାଡ଼ ମାରି ଦିଏ ସେଠାରେ ସେତେବେଳର ଅବସ୍ଥା ସମ୍ଭାଳିବାକୁ କିଏ ଅଛି ? ଚନ୍ଦ୍ରମଣି ଏକଲା ଲୋକ, ଯେତେ ହୁସିଆର ହେଲେ ସୁଦ୍ଧା ସେ ସମ୍ଭାଳି ପାରିବ ତ ? କଣ କହୁଛ ଶ୍ୟାମ ? କଣ କହୁଛ ମଦନ ମିଶ୍ରେ ?"

ପ୍ରଧାନ ବୁଢ଼ା:—"ଯେ ଯାହା କହିଲେ ଆଉ କଣ ହେବ ? ସବୁ ଭଗବାନ ମାଲିକ । ତାର ଇଚ୍ଛା ନ ହେଲେ ପତର ବି ହଲିବ ନାହିଁ । ତାର ଇଚ୍ଛା ହେଲେ ପର୍ବତ ବି ଧୂଳି ହୋଇଯିବ । ତାର ଇଚ୍ଛା ଏଇଆ । ଏଇ ଗାଆଁରେ ଆମର ଯେତେଦିନ ଦାନା ଥିଲା, ସେତେଦିନ ଭଗବାନ ଆମକୁ ଏଠାରେ ରଖିଥିଲା । ଆଜିଠାରୁ ଏଠାରେ ଦାନା ସରିଗଲା । ଆଜିର ଦୁଇ ପହର ଖରାରେ ଏଠାରୁ ବାହାରି ଯିବାର ଯୋଗ ଅଛି । ଆଉ ଘଡ଼ିଏ ମଧ୍ଯ ତୁମେ କଣ ଆମକୁ ଅଟକାଇ ରଖି ପାରିବ ?"

କିଛି ସମୟ ଅପେକ୍ଷା କଲା ପରେ ସରକାରୀ ଟ୍ରକ୍ ଆସିଲା । ପଞ୍ଜାବୀ ଡ୍ରାଇଭର୍, ଜଣେ ପୋଲିସ୍ କନଷ୍ଟେବଲ ଓ କ୍ଲିନର୍ ସଙ୍ଗେ ପହଞ୍ଚିଲା ଚନ୍ଦ୍ରମଣି । ଉପସ୍ଥିତ ସାଇ ପଡ଼ଶାମାନେ ଟ୍ରକ୍‌ରେ ଜିନିଷପତ୍ର ଲଦାଲଦି ସାହାଯ୍ୟ କରିବାକୁ ଲାଗିଗଲେ ।

ଟ୍ରକ୍ ଗାଁ ଛାଡ଼ିବାକୁ ପ୍ରାୟ ଦୁଇ ପହର । ଗୁରା, ବସ୍ତା, ଖଟ, ବାସନ କୁସନ, ବାକ୍ସ ପେଡ଼ିରେ ଭର୍ତ୍ତି ଟ୍ରକ୍ ଉପରେ ପ୍ରଧାନ ବୁଢ଼ା, ଚନ୍ଦ୍ରମଣି, ଚନ୍ଦ୍ରମଣିର ସ୍ତ୍ରୀ ଉଷା ଓ ଛୋଟପିଲା ଗୋବିନ୍ଦ । ଉପରୁ ପ୍ରଚଣ୍ଡ ଖରା । ତଳେ ଭୂଇଁ ପ୍ରବଳ ଭାବରେ ତାତିଯାଉଛି । ସମସ୍ତଙ୍କ ଆଖିରୁ ଲୁହ ଶ୍ରାବଣର ଧାରା ପରି ଝରି ଯାଉଛି । ଗୋବିନ୍ଦ ଏ ସବୁର ଅର୍ଥ ବୁଝି ନ ପାରି ପ୍ରବଳ ଚିତ୍କାର କରୁଛି ।

ଟ୍ରକ୍ ଚାଲିଲା ଓ ତା ସଙ୍ଗରେ ଏ ଗାଁରୁ ପୋଛି ହୋଇଗଲା ଗୋଟିଏ ପୁରାତନ କୁଟୁମ୍ବର ଚିହ୍ନ ।

( ଚାରି )

'ଦାଉର ଦାଉଡ଼ି ମଣିଷ ଗାଈ, ଯେଣିକି ଓଟାରେ ତେଣିକି ଯାଇ ।' କେଉଁ ଏକ ଅଜ୍ଞାତ ଦେବତା ଆଜି ପଧାନ ବୁଢ଼ା, ତାର ପୁଅ ବୋହୂ ଓ ନାତିର ବେକରେ ଦାଉଡ଼ି ଦେଇ ଭିଡ଼ି ନେଉଛି କେଉଁ ଦୂର ଦେଶକୁ—ପଧାନ ବୁଢ଼ା ଭାବୁଥାଏ ସେହି କଥା । ସୁଦୂର କୁମାରବନ୍ଧ ଗାଁ । ଯେଉଁଠି ସେ ରାତିକରୁ ଅଧିକ କେବେ ରହି ନାହିଁ । ବୁଢ଼ା ଗାଁ ଛାଡ଼ି ଅନ୍ୟ କେଉଁଠି କେବେ ପ୍ରାୟ ଦିନକରୁ ଅଧିକ ରହେ ନାହିଁ । ଯେଉଁଠି ଥିଲେ ବି ଘରକୁ ଫେରି ଆସିବାକୁ ତାର ମନ ସବୁବେଳେ ଧାଁଣ୍ଡି ହେଉଥାଏ । ଆଜି ଘରକୁ ଫେରିବାର ବାଟ ବନ୍ଦ ।

ଟ୍ରକ୍‌ର ଚକ ଗଡ଼ି ଚାଲିଛି । ଗାଡ଼ି ଚାଲିଛି ଜୋରରେ । ଉପରୁ ବୈଶାଖ ଖରାର ଦାଉ, ବୁଢ଼ାର ଅଭିଶପ୍ତ ଜୀବନରେ କଟା ଘାରେ ଲୁଣ ଦେଲା ପରି ତୀବ୍ର ଜ୍ୱାଳାରେ ଅସ୍ଥିର କରି ପକାଉଛି । ଟ୍ରକ୍ ଥରକୁ ଥର ଡେଇଁ ଚାଲିଥିବାରୁ ସ୍ଥିର ହୋଇ ଗୋଟିଏ ସ୍ଥାନରେ ବସି ରହିବାର ଉପାୟ ନାହିଁ । ପଞ୍ଜରା ହାଡ଼ ଝୁଣି ହେଲା ପରି ଆଶ୍ୱସ୍ତି ବୋଧ ହେଉଥାଏ ପଧାନ ବୁଢ଼ାକୁ । ନାତି ପିଲାଟି ଅସ୍ଥିର ହୋଇ ଚିତ୍କାର କରୁଛି । "କାନ୍ଦିଲେ ପୋଲିସ ଧରି ନେଇଯିବ" ବୋଲି ତାର ମାଆ ପିଲାକୁ ଡରାଉଛି । ବୁଢ଼ା ମୁଣ୍ଡରୁ ମଇଳା ଓଦା ଗାମୁଛାଟି କାଢ଼ି ନାତି ମୁଣ୍ଡରେ ଦେଲା, ଖରା ଦାଉରୁ, ଗରମ ପବନରୁ ତାକୁ ରକ୍ଷା କରି ଟିକିଏ ଆଶ୍ୱସ୍ତି ଦେବାକୁ ।

ଟ୍ରକ୍‌ରେ ଜନିଷ ଲଦିଲାବେଳେ ପୁଣି କେତୋଟି ଖୋଲିଯାଇ ଧାନ ଗୁଡ଼ିକ ଏଆଡ଼େ ସେଆଡ଼େ ବିଞ୍ଚି ହୋଇ ପଡ଼ିଛି ଟ୍ରକ୍ ସାରା, ଓଜଳିଆ ଗୁଡ଼ିକ ଟ୍ରକରୁ ଓହ୍ଲାଇଲା ବେଳେ ପୁଣି ଥରେ ନ ବାନ୍ଧିଲେ କୁଆଡ଼େ ନେଇ ହେବ ନାହିଁ। ଅନ୍ତତଃ *ଗୁରିଖଣ୍ଡି ହେବ। ଧାନ ଟ୍ରକ୍ ଉପରେ ବୁଣି ହୋଇ ପଡ଼ିଛି। ଝିଅ ଘରେ ପହୁଞ୍ଚିଲେ ସବୁ ସାଇତି ରଖି ପୁଣି ବାନ୍ଧିବାକୁ ହେବ ଓଜଳିଆ। ବୁଢ଼ାର ହିସାବୀ ମନ ଏଇ ସବୁ କଥା ହିସାବ କରୁଥାଏ।

କେତେବେଳେ ସେ ଭାବେ ତାର ଝିଅର କଥା। ଝିଅ ଗୁହୁବାସି ହୁଏତ ବାପା ଓ ଭାଇ, ବୋହୂ ଓ ପୁତ୍ରୁରାର ବାଟ ଗୁହିଁ ବସିଥିବ। ଜୁଆଇଁ ମଦନ ହୁଏତ ପ୍ରଚଣ୍ଡ ଖରାରେ ଗାଁ ମୁଣ୍ଡକୁ ପାଞ୍ଚେଥର ଆସିଥିବେ। ଦୀର୍ଘ ପନ୍ଦର ବର୍ଷ ପରେ ବୁଢ଼ା ଯାଉଛି ଝିଅ ଘରକୁ। କିନ୍ତୁ ଏଥର ଦିନକ ପାଇଁ ନୁହେଁ, ସବୁ ଦିନ ପାଇଁ। କୁଣିଆ ହିସାବରେ ନୁହେ, ଆଶ୍ରିତ ହିସାବରେ। ଯେଉଁ ଝିଅକୁ କନ୍ୟା ଦାନ ଦେଇସାରିଲା ପରେ ତା ଘରେ ପାଣି ମୁନ୍ଦା ଛୁଇଁବା କଳଙ୍କର କଥା, ଆଜି ଅବସ୍ଥା ଚକ୍ରରେ ପଡ଼ି ବୁଢ଼ା ଯାଉଛି ସେହି ଝିଅଘରେ ଆଶ୍ରା ନେବାକୁ। ନିଜକୁ ଧିକ୍‌କାର କରେ ପଧାନ ବୁଢ଼ା। ମନଟା ତାର ଗ୍ଲାନିରେ ଭରିଯାଏ।

ଖରାର ପ୍ରଚଣ୍ଡ ତାପରେ ଟ୍ରକ୍‌ଟି ଛୁଟି ଚାଲିଛି ପାଗଳ ପରି। ଦୁଇ ପହରର ଉତ୍ତପ୍ତ ପବନ ଯେପରି ଟ୍ରକ୍‌ରେ ଥିବା ସମସ୍ତ ଆରୋହୀଙ୍କୁ ଏକ ନିଆଁ ସ୍ରୋତରେ ପ୍ଲାବିତ କରି ଦେବାକୁ ଚାହେଁ। ପିଲାଟି ରଢ଼ି କରି ଅସ୍ଥିର ହେଲା ପରେ 'ଶୋଷ' ବୋଲି

* ଖଣ୍ଡି—ଧାନର ମାପ। ୨୦ ତାମ୍ବିରେ ଏକ ଖଣ୍ଡି ଧାନ। ୧ ତାମ୍ବି ଧାନର ଓଜନ ପ୍ରାୟ ଏକ ସେର।

କ୍ଷୀଣସ୍ୱରରେ ଅଳି କରୁଛନ୍ତି । ଆଉ ତାର ମା ବାପ କହୁଛନ୍ତି କୌଣସି ଗାଆଁ ପାଖକୁ ଆସିଲେ ପାଣି ପିଇବା ପାଇଁ ଗାଡ଼ି ଅଟକାଇବା ।

ଜୁଆଁଇଁ ଘରେ ଆଶ୍ରୟ ନେବା କଥା ଭାବୁଥାଏ ପଧାନ ବୁଢ଼ା । ଏହା ଆଗରୁ ସେ ମରି ନ ଗଲା କାହିଁକି ? ଯଦି ସେମାନେ ଝିଅ ଜୁଆଁଇଁ ଘରେ ବେଶି ଦିନ ରହିଯାନ୍ତି, ଯଦି ଝିଅ ଜୁଆଁଇଁ ଅନାଦର କରନ୍ତି, ଜୁଆଇଁର ପାଖ ପଡ଼ଶା ଘର ଯଦି ତାହାକୁ କିଛି ଦୁଇପଦ ଶୁଣାନ୍ତି, ତେବେ ସେ ଲଜ୍ଜାରୁ ମରଣ ଭଲ । କିନ୍ତୁ ବେଶି ସମୟ ଭାବି ପାରେ ନାହିଁ ବୁଢ଼ା ସେ କଥା । ତାହାରି ରକ୍ତରେ ଗଢ଼ା ତ ଝିଅଟି ତାର ! ପର ଘରକୁ ଗଲେ ସୁଦ୍ଧା ସେ କି କେବେ ତା ବାପକୁ ଅନାଦର କରିବ ? ହଠାତ୍ ଏକ ଜଙ୍ଗଲ ମଝିରେ ଟ୍ରକ୍‌ଟି ଅଟକି ଗଲା । ଟ୍ରକ୍ ଡ୍ରାଇଭର୍ ଗାଡ଼ିରୁ ଓହ୍ଲାଇ ପଚାରିଲା, "ଯେଉଁ ଗାଁକୁ ଯିବ ତାହା ଆଉ କେତେଦୂର ଅଛି ?" ଚନ୍ଦ୍ରମଣି କହିଲା, "ଆଉ ଦୁଇକୋଶ ।" ଟ୍ରକ୍ ଡ୍ରାଇଭର ପଚାରିଲା, "ଆହୁରି ଦୁଇକୋଶ ଅଛି ? କି ଆଶ୍ଚର୍ଯ୍ୟର କଥା । ବଢିଆରୁ ଗାଁରି କୋଶକୁ ଦଶ ମାଇଲ ହିସାବ କରି ଏ ପର୍ଯ୍ୟନ୍ତ ସେହି ଅନୁସାରେ ମୋତେ ପେଟ୍ରୋଲ ଦିଆଯାଇଛି । ତୁମର ଗାଁରୁ ଛାଡ଼ି ଦଶ ମାଇଲ ଆସିଲଣି । ଆହୁରି ଯଦି ଦୁଇ ମାଇଲ ଚାଲିଲେ ତେବେ ସମ୍ବଲପୁର ଫେରିବାକୁ ଆଉ ପେଟ୍ରୋଲ ଦରକାର ପଡ଼ିବ । କି ଆଶ୍ଚର୍ଯ୍ୟ ଲୋକ ତୁମେମାନେ । ମୁଁ ଏଠାରୁ ତୁମକୁ ଆଉ ଏକ ଇଞ୍ଚ ସୁଦ୍ଧା ଆଗକୁ ନେଇ ପାରିବ ନାହିଁ ।"

ପଧାନ ବୁଢ଼ା ଓ ଚନ୍ଦ୍ରର ଚେତା ହଜିଗଲା । ଅଗଣାଗ୍ନି ବନସ୍ତର ଦୁଇ ପ୍ରହର ସମୟ । ଚଢ଼େଇ ଚିରଗୁଣିର ଶବ୍ଦ ସୁଦ୍ଧା ଶୁଣା ଯାଉନାହିଁ । ଏ ଖରାରେ ପିଇବା ପାଇଁ ବା ବାଟରେ ରାନ୍ଧି ଖାଇବା ପାଇଁ ପାଖ ଅନ୍ତରରେ ପାଣି ମନ୍ଦିଏ ସୁଦ୍ଧା ମିଳିବାର ଆଶା ନାହିଁ । ଅଥଚ ଡ୍ରାଇଭର୍ କହୁଛି 'ଓହ୍ଲର ଯାଓ ।' ଗାଁରୁ ବାହାର ହେଲା

ସମୟରେ କହୁଥିଲେ "ଜଲଦି ଚାଲିଯାଅ ଏଠୁ ।" ଏଠି କହୁଛନ୍ତି "ଉତର ଯାଅ ।"

ଶୋଷରେ ତଣ୍ଟି ଶୁଖି ଯାଉଛି । ଖରାରେ ସମସ୍ତଙ୍କୁ ଝାଞ୍ଜି ମାରି ନେବାର ଅବସ୍ଥାରେ ପହଞ୍ଚିଲଣି । ଗରମରେ ତାତି ଯାଇ ମୁଣ୍ଡରେ ଆଉ କିଛି ବୁଦ୍ଧି ନାହିଁ । ଗରମ ପବନରେ ଆଖିମାନ ଜଳିଯାଉଛି । ତୁଣ୍ଡରୁ ଆଉ ଭାଷା ବାହାରୁ ନାହିଁ ।

"କଣ କରିବା ?" ଚନ୍ଦ୍ରା ପଚାରିଲା ବାପକୁ । "ଏମିତି ଜଙ୍ଗଲରେ ପିଲାଛୁଆ ଧରି କିମିତି ରହିବା । ପାଖରେ ଗାଁ ଗଣ୍ଡା ନାହିଁ । ସେଆଡ଼େ କୁମାରବନ୍ଧରେ ଗୁରୁବାରି ବାଟ ଚାହିଁ ବସିଥିବ ।"

ପକେଟରୁ ଦଶଟି ଟଙ୍କା ବାହାର କରି ପାଞ୍ଚଟି ଟଙ୍କା ଟ୍ରକ୍ ଡ୍ରାଇଭର୍ ଆଗରେ ଓ ପାଞ୍ଚଟି ଟଙ୍କା ପୋଲିସ୍ କନଷ୍ଟେବଲ ଆଗରେ ଥୋଇ ଦେଇ, ସେମାନଙ୍କର ଆଗରେ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲା ଚନ୍ଦ୍ରମଣି । ସମ୍ବଲପୁର ସହରକୁ ବାରମ୍ବାର ଯିବା ଆସିବା କରୁଥିବାରୁ ଏ ମନ୍ତ୍ରର ଫଳ ଚନ୍ଦ୍ରକୁ ଜଣାଥିଲା ।

କିନ୍ତୁ ସେଥିରେ ଡ୍ରାଇଭର୍‌ର ମନ ତରଳିଲା ନାହିଁ । ସେ କହିଲା, "ଟଙ୍କା ନେଲେ ମୁଁ କଣ କରିବି ? ଏ ଜଙ୍ଗଲରେ ତ ଆଉ ଅଧିକା ପେଟ୍ରୋଲ ମିଳିବ ନାହିଁ । ବାଟରେ ପେଟ୍ରୋଲ ଶେଷ ହୋଇଗଲେ ମୁଁ ତୁମପାଇଁ ରାସ୍ତାରେ ଅଟକି ରହିଥିବି କି ? ତୁମ ଗାଁଠାରୁ ଏଠାକୁ ଦଶମାଇଲ ପୂରି ହୋଇଗଲା । ଜିନିଷପତ୍ର ଓହ୍ଲାଇ ନିଅ ଏହିଠାରେ ।"

ମଫସଲ କୋଶ ହିସାବରେ ବାଟଚାଲି ରାସ୍ତାରେ ନିଜ ଗାଁରୁ ଭଉଣୀର ଗାଁ କୁମାରବନ୍ଧକୁ ଚାରି କୋଶ ବୋଲି ଚନ୍ଦ୍ର ଜାଣିଥିଲା ଏବଂ ସେହି ଅନୁସାରେ ସମ୍ବଲପୁର ସରକାରୀ ଅଫିସରେ ଟ୍ରକ୍ ମଞ୍ଜୁର ବେଳେ ହିସାବ ଦେଇଥିଲା । କିନ୍ତୁ ମୋଟର ରାସ୍ତା ବୁଲାଣିଆ ।

ମୋଟରେ ରାସ୍ତାରେ ସେ ଆସିଛନ୍ତି ନିଜ ଗାଁରୁ ପ୍ରାୟ ଅଧେ ରାସ୍ତା । ଏଠାରେ ଓହ୍ଲାଇ ଗଲେ ବାକି ଅଧେ ରାସ୍ତା କପର ନିଜ କୁଟୁମ୍ବକୁ ଓ ଏତେଗୁଡ଼ାଏ ଜିନିଷପତ୍ର ନେବ, ସେଇଟା ଭାବିଲାବେଳକୁ ଚନ୍ଦ୍ରର ମୁଣ୍ଡରେ ଗୋଟିଏ ପର୍ବତର ବୋଝ ମାଡ଼ି ବସିଲା ପରି ଲାଗୁଥାଏ । କିନ୍ତୁ ନିରୁପାୟ । ଡ୍ରାଇଭର୍‌ର ଏକା ଜିଦ୍ । ଏଇଠାରେହିଁ ଦଶମାଇଲ ଶେଷ । ଏଇଠାରେହିଁ ଓହ୍ଲାଇବାକୁ ହେବ ।

ଟ୍ରକ୍‌ବାଲାର ଧୈର୍ଯ୍ୟଚ୍ୟୁତ ଘଟି ସାରିଥିଲା । ସମସ୍ତଙ୍କ ନିରୁତ୍ତର ଦେଖି, ସେ ଖୁବ୍ ରାଗିଯାଇ, ରାସ୍ତା କଡ଼ରେ ଥିବା ଗୋଟିଏ ମହୁଲ ଗଛ ତଳେ ପଧାନ ବୁଢ଼ା ଓ ତାର ବୋହୂ ଓ ନାତିକୁ ଓହ୍ଲାଇ ଦେଇ ଟ୍ରକ୍‌ରୁ ସବୁ ଜିନିଷ ଗଡ଼ାଇ ଦେଲା । ଗଡ଼ାଇ ଦେବା ଫଳରେ ଅନେକ ଓଳିଆରୁ ଧାନ ଏଆଡ଼େ ସେଆଡ଼େ ବିଛିି ହୋଇ ପଡ଼ିଲା । ଟ୍ରକ୍‌ରେ ରହିଗଲା ପ୍ରାୟ ଚାରି ଖଣ୍ଡି ଧାନ । ପଧାନ ବୁଢ଼ା ଓ ଚନ୍ଦ୍ରର କାତର ମିନତିକୁ ଉପେକ୍ଷା କରି ମଝି ଜଙ୍ଗଲରେ ସେମାନଙ୍କୁ ପକାଇ ଦେଇ ଟ୍ରକ୍ ଫେରିଲା ସମ୍ବଲପୁର ଆଡ଼େ ।

ପିଲାଟି ପୁଣି ପାଟି କଲା "ପାଣି, ପାଣି । ମଟର ଅଟକିଲେ ପାଣି ଦେବ ବୋଲି ତ କହୁଥିଲ, ପାଣି କାହିଁ ? ଚନ୍ଦ୍ର ଚାରିଆଡ଼େ ଅନାଇଲା । କାହିଁ ଗାଁ ଗଣ୍ଡା ବା ପାଣି ମିଳିବାର ଆଶା ନାହିଁ । ସେ ଶୂନ୍ୟ ଦୃଷ୍ଟିରେ ଆକାଶକୁ ଚାହିଁ ରହିଲା । ଆକାଶରେ ମେଘ ସୁଦ୍ଧା ନ ଥିଲା । ଭଗବାନ ସୁଦ୍ଧା ସେତେବେଳେ ସେଠି ବୋଧହୁଏ ନ ଥିଲେ ।

( 'ଆସନ୍ତା କାଲି' —ସେପ୍‌ଟେମ୍ବର-୧୯୫୫ )

—✱—

# ବୈଜ୍ଞାନିକ ସ୍ୱୟମ୍ବର

ସେ ଦିନ ଖବର କାଗଜରେ ବିଜ୍ଞାପନ ଦେଖିଲି:—

"ବିଜ୍ଞାପନ"

"ସୁଶିକ୍ଷିତା ଉଚ୍ଚ ଉପାଧିଧାରିଣୀ ପାତ୍ରୀଙ୍କ ପାଇଁ ସୁନ୍ଦର, ଉଚ୍ଚ-ଶିକ୍ଷିତ ପାତ୍ର ଅବଶ୍ୟକ । ପାତ୍ରମାନେ ନିମ୍ନ ଠିକଣାରେ ସୁପାରିଶ ପତ୍ର ସହ ଆବେଦନ କରନ୍ତୁ ଏବଂ ୧୭।୨।୧୯୪୮ ତାରିଖ ଦିନ ୧୨ଟା ସମୟରେ ନିମ୍ନ ଠିକଣାରେ ପାତ୍ରୀଙ୍କ ସହିତ ଦେଖା କରନ୍ତୁ ।

କୁମାରୀ ମୁଗ୍‌ଧା ମହାନ୍ତି, ଏମ୍. ଏସ୍. ସି.

ଠିକଣା........

ବିଜ୍ଞାପନର ମୌଳିକତା ଦେଖି ଖୁସି ହେଲି ଏବଂ ନିଜେ ଯୁବକ, ଅବିବାହିତ, ଉଚ୍ଚଶିକ୍ଷିତ ଓ ଧନୀ ଥିବାରୁ ମୋର ମନରେ ଆବେଦନ ପତ୍ର ପଠାଇବାର ପ୍ରବଳ ଆକାଂକ୍ଷା ଜାଗ୍ରତ ହେଲା । "ଶୁଭସ୍ୟ ଶୀଘ୍ରମ୍" ବୋଲି ଭାବି, ସଙ୍ଗେ ସଙ୍ଗେ ନିଜର ବୟସ, ଯୋଗ୍ୟତା ଇତ୍ୟାଦି ବିଷୟ ଯଥାସମ୍ଭବ ବିଶଦ ଓ ଚିତ୍ତାକର୍ଷକ ଭାବରେ ବର୍ଣ୍ଣନା କରି ଖଣ୍ଡିଏ ଦରଖାସ୍ତ ଗୋଲାପୀ କାଗଜରେ ସୁନ୍ଦର ହସ୍ତାକ୍ଷରରେ ଲେଖି ଉପର୍ଯ୍ୟୁକ୍ତ ଠିକଣାରେ ସେହି ଦିନର ଡାକରେ ପଠାଇ ଦେଇ, ଭବିଷ୍ୟତର ସୁଖସ୍ୱପ୍ନରେ ମଗ୍ନ ହେଲି ।

ଦେଶ ଅନେକ ଆଗେଇ ଚାଲିଛି । ନର ନାରୀ ମଧ୍ୟରେ ମିଳନ କେତେ ରୂପରେ, କେତେ ରକମର ବାତାବରଣରେ ହୋଇଛି ।

ଦୁଇ ଚକ୍ଷୁର ମିଳନରୁ ଦୁଇହୃଦୟର ମିଳନ ହୋଇଛି, ବର କନ୍ୟାଙ୍କ ଅଜ୍ଞାତରେ ଉଭୟ ପକ୍ଷଙ୍କର ପିତା ମାତାଙ୍କର ପ୍ରଚେଷ୍ଟାରେ ମଧ୍ୟ ବିବାହ ସମ୍ବନ୍ଧ ସ୍ଥାପିତ ହୋଇଛି, ଆକସ୍ମିକ ଘଟଣା, ବିଧାତାର ଯୋଜନାରେ ମଧ୍ୟ ନର ନାରୀଙ୍କ ମଧ୍ୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ସ୍ଥାପିତ ହୋଇଛି । ପାତ୍ର ପାତ୍ରୀଙ୍କ ଫଟୋ ଦ୍ୱାରା ମଧ୍ୟ ବିବାହ ସମ୍ପର୍କ ସ୍ଥାପିତ ହୋଇଛି । କିନ୍ତୁ ପ୍ରାଚୀନ ଯୁଗର ସ୍ୱୟମ୍ବର ପ୍ରଥା ପରି ଚିତ୍ତାକର୍ଷକ ଓ ମୌଳିକ ପ୍ରଥା ଏ ପର୍ଯ୍ୟନ୍ତ ବାହାରିଛି ବୋଲି ମୋତେ ଜଣାନାହିଁ । ମନେ ପଡ଼େ ମୋର ବିଦର୍ଭ ରାଜକନ୍ୟା ଇନ୍ଦୁମତୀ ପ୍ରସ୍ଫୁଟିତ ପୁଷ୍ପର ମାଳା ଧରି ସଖୀ ସୁନନ୍ଦା ସଙ୍ଗରେ ସ୍ୱୟଂବର ସଭା ମଧ୍ୟରେ ବିଚରଣ କରି ବିଭିନ୍ନ ରାଜାମାନଙ୍କର ଗୁଣବର୍ଣ୍ଣନା ଶୁଣିଲା ପରେ ଶେଷରେ ଅଜଙ୍କ ଗଳାରେ ବରଣମାଳା ଦେଇଥିଲେ । ସେହିପରି ଦମୟନ୍ତୀ, ସଂଯୁକ୍ତାଙ୍କର ସ୍ୱୟଂବର କଥା ମନେ ପଡ଼ିଲେ ସେ ଯୁଗରେ ପ୍ରେମର ମୌଳିକତା ବିଷୟରେ ପ୍ରଶଂସା କରେଁ ।

କଳ୍ପନା କରେଁ, ସ୍ୱପ୍ନ ଦେଖେଁ ରାତିରେ ସେହି ସ୍ୱୟମ୍ବର କଥା ଆଧୁନିକ ଯୁଗର ପରିବର୍ତ୍ତିତ ବାତାବରଣରେ । ସୁବିସ୍ତୃତ ସ୍ୱୟମ୍ବର ସଭାମଞ୍ଚ । ଶତ ଶତ ସଂଖ୍ୟାରେ ସୁଶିକ୍ଷିତ, ଉତ୍କୃଷ୍ଟ ବେଶଭୂଷାରେ ବିଭୂଷିତ ପ୍ରାର୍ଥୀମାନେ ସଭାମଞ୍ଚରେ ଧାଡ଼ି ଧାଡ଼ି ହୋଇ ବସିଛନ୍ତି, ମନରେ କେତେ ଆଶା ପୋଷଣ କରି, କୁମାରୀ ମୁଗ୍ଧାଙ୍କର ଆଗମନ ପ୍ରତୀକ୍ଷାରେ । କୁମାରୀ ମୁଗ୍ଧା ସଖୀଙ୍କ ସହିତ ପ୍ରବେଶ କଲେ ସେହି କକ୍ଷମଧ୍ୟକୁ—ନିଷ୍କଳଙ୍କ ପୂର୍ଣ୍ଣଚନ୍ଦ୍ର ପରି ସୁନ୍ଦର, ଲଜ୍ଜାରୁଣ ମୁଖରେ, ହାତରେ ଗୋଟିଏ ବରଣମାଳା ଧରି । ତାଙ୍କର ପ୍ରବେଶ ସଙ୍ଗେ ସଙ୍ଗେ ସଭାଗୃହଟି ସ୍ୱର୍ଗୀୟ ଆଲୋକରେ ଆଲୋକିତ ହେଲା ପରି, ପାରିଜାତ ଗନ୍ଧରେ ଆମୋଦିତ ହେଲା ପରି ମନେ ହେଲା । ସମଗ୍ର ସଭାମଞ୍ଚ ନିସ୍ତବ୍ଧ ହେଲା । ଶତ ଶତ ଚକ୍ଷୁ କୁମାରୀ ମୁଗ୍ଧାଙ୍କର ମୁଖମଣ୍ଡଳରେ ଏକାଗ୍ର ଭାବରେ ନିବଦ୍ଧ ହେବାରୁ କୁମାରୀଙ୍କର ରୁଜରକ୍ତ କୋମଳ

ଗଣ୍ଡଯୁଗ ପ୍ରଗାଢ଼ ରକ୍ତବର୍ଣ୍ଣ ଧାରଣ କଲା । ତାପରେ କୁମାରୀଙ୍କ ସଖୀ ଆବେଦନ ପତ୍ର ଓ ସୁପାରିଶ ପତ୍ରର ଫାଇଲ୍ ବାହାର କରି ଜଣେ ଜଣେ ପ୍ରାର୍ଥୀଙ୍କର ସମ୍ମୁଖରେ ଠିଆ ହୋଇ ପଢ଼ିବାକୁ ଲାଗିଲେ । ପ୍ରାର୍ଥୀମାନେ ପୂର୍ବରୁ ନିର୍ଦ୍ଦିଷ୍ଟ ଆସନରେ ବସିଥିବାରୁ ସଭାର କାର୍ଯ୍ୟ ସୁରୁଖୁରୁରେ ଚାଲିଲା । ଆବେଦନ ପତ୍ରରେ ଯୋଗ୍ୟତା ପାଠ ହେଉଥିବା ସଙ୍ଗେ ସଙ୍ଗେ କୁମାରୀ ମୁଗ୍‌ଧା ମୁଗ୍‌ଧ, କୁଣ୍ଠିତ ଓ ତୀର୍ଯ୍ୟକ୍ ଦୃଷ୍ଟିରେ ପ୍ରାର୍ଥୀଙ୍କ ଆଡ଼କୁ ଅନାଇ ଦେଉଥାନ୍ତି । ପ୍ରାର୍ଥୀଙ୍କ ମନରେ ଆଶା ଓ ନୈରାଶ୍ୟର ଦ୍ୱନ୍ଦ୍ୱ ଜାଗ୍ରତ ହେଉଥାଏ ଏବଂ ଅନ୍ୟମାନଙ୍କ ମନରେ ଜାଗୁଥାଏ ଈର୍ଷା ଓ ଆଶାର ଦ୍ୱନ୍ଦ୍ୱ । ମୁଗ୍‌ଧା ଯାହା-ଯାହାକୁ ନାପସନ୍ଦ କରି ଆଗେଇ ଚାଲି ଯାଉଥାନ୍ତି, ସେମାନଙ୍କ ହୃଦୟରୁ ବାହାରି ପଡ଼ୁଥାଏ ନୈରାଶ୍ୟର ଦୀର୍ଘଶ୍ୱାସ ଓ ଆଖିରେ ଥାଏ ଈର୍ଷାର ନିଷ୍ଫଳ କଟାକ୍ଷ । ଏମିତ ଦଶ ବାର ଜଣଙ୍କର ଗୁଣ ଗ୍ରାମ ବର୍ଣ୍ଣନା କରି ସାରିଲା ପରେ ଯେତେବେଳେ କୁମାରୀ ମୁଗ୍‌ଧା ମୋ ଆଗରେ ଆସି ପହୁଞ୍ଚିଲେ, ସେତେବେଳେ ମୁଁ ତାଙ୍କର ଓ ସଖୀଙ୍କର ଦୃଷ୍ଟିକୁ ନିର୍ନିମେଷ ଦୃଷ୍ଟିରେ ଅନାଇଥାଏଁ । ଆବେଦନ ପତ୍ରକୁ ଆହୁରି କବିତ୍ୱପୂର୍ଣ୍ଣ ଓ ମର୍ମସ୍ପର୍ଶୀ ଭାଷାରେ କାହିଁକି ଲେଖିଲି ନାହିଁ ବୋଲି ନିଜକୁ ମନେ ମନେ ନିନ୍ଦା କରୁଥାଏଁ । ହଠାତ୍ କୁମାରୀ ମୁଗ୍‌ଧାଙ୍କର ଆଖି ଦୁଇଟି ମୋ ଆଖି ଦୁଇଟି ସହିତ ମିଳିଗଲା । ତାଙ୍କ ଆଖିରେ ମୁଁ ପ୍ରେମର ଚିହ୍ନ, ଆତ୍ମ-ସମର୍ପଣର ଚିହ୍ନ ଦେଖିପାରିଲି । ସେ ହାତ ଉଠାଇ ମୋର ଗଳାରେ ମାଳଟି ଲମ୍ବାଇବାକୁ ଯାଉଛନ୍ତି—ଠିକ୍ ସେହି ସମୟରେ ମୋର ସ୍ୱପ୍ନ ଭାଙ୍ଗେ ଆଉ ମୁଁ ଭାବେଁ ସତେ କଣ ଏ ମଧୁର ସ୍ୱପ୍ନ ସତ୍ୟ ହେବ ?

× × ×

ରସଗୋଲା ଆସ୍ୱାଦନର କଳ୍ପନା ପ୍ରକୃତ ରସଗୋଲା ଖିଆଠାରୁ ଅଧିକ ସୁଖକର, ଚିରସ୍ଥାୟୀ ଓ ଶସ୍ତା ବୋଲି ମୁଁ କଳ୍ପନାକୁ

ବାସ୍ତବଠାରୁ ଅଧିକ ଭଲପାଏଁ । ଦୁଃଖର କଥା ଯେ ମୋର ଦରଖାସ୍ତ ଦେବାର ଓ କୁମାରୀ ମୁଗ୍ଧାଙ୍କ ସହିତ ସାକ୍ଷାତ୍ କରିବା ମଧ୍ୟରେ ତିନି ସପ୍ତାହ ବ୍ୟବଧାନ ଥିଲା । ଏହି ତିନି ସପ୍ତାହ ମଧ୍ୟରେ ମୁଁ କଳ୍ପନାର କଳ୍ପଲୋକରୁ ମୋର ମାନସୀ ପ୍ରେମିକାଙ୍କର ପ୍ରେମ ସୁଧା ଖୁବ୍ ବେଶି ପରିମାଣରେ ଆଦାୟ କରିଥିଲି । ସେ ସମୟ ଥିଲା ମୋ ଜୀବନର ସ୍ୱର୍ଣ୍ଣଯୁଗ ।

ଶେଷରେ ନିର୍ଦ୍ଧାରିତ ଦିନ ଆସିଲା । କିପରି ବେଶଭୂଷାରେ ଯିବାକୁ ହେବ, କିପରି ପ୍ରସାଧନ କରି ଯିବାକୁ ହେବ, ତାହା ଭାବି ଭାବି ଠିକ୍ କରି ପାରିଲି ନାହିଁ । ଶେଷରେ ଚାକଚକ୍ୟଠାରୁ ସାଧାସିଧା ବେଶରେ ଗଲେ, ମୋର ବେଶରୁ ଚିନ୍ତାଧାରାର ସୂଚନା ମିଳିବ ବୋଲି ଭାବି, ଖଦଡ଼ ଧୋତି ଓ ପଞ୍ଜାବୀ ଓ ଚପଲ୍ ପିନ୍ଧି ବାହାରି ପଡ଼ିଲି—ଇଷ୍ଟ ଦେବତାଙ୍କର ନାମ ସ୍ମରଣ କରି । ଆମେ ଥାଉଁ ସର୍ବମୋଟ ସାତଜଣ ଆବେଦନକାରୀ, ସାକ୍ଷାତପ୍ରାର୍ଥୀ । କୁମାରୀ ମୁଗ୍ଧାଙ୍କର ପ୍ରକାଣ୍ଡ ଘର । ବାପ ତାଙ୍କର ଜଣେ ନାମଜାଦା ଇନସ୍ୟୁରେନ୍ସ ଏଜେଣ୍ଟ୍ । ସେଇ ବ୍ୟବସାୟରେ ସେ ପ୍ରଚୁର ଅର୍ଥ ଉପାର୍ଜନ କରି ଖୁବ୍ ବଡ଼ଲୋକ ହୋଇଛନ୍ତି । ପ୍ରକାଣ୍ଡ ହଲ୍ ଘର ସାମନାରେ ଆମମାନଙ୍କ ପାଇଁ ଚଉକିମାନ ପଡ଼ିଥାଏ ଓ ଆମେ ସାତ-ଜଣ ପ୍ରାର୍ଥୀ ସେଠାରେ ବସିଥାଉଁ । ଚାକରୀ ପାଇଁ ଦରଖାସ୍ତ କରିଥିବା ସାକ୍ଷାତ ପ୍ରାର୍ଥୀଙ୍କ ପରି ଆମର ସମସ୍ତଙ୍କର ମନରେ ଉଦ୍‌ବେଗର ଭାବ, ମୁହଁରେ ଥାଏ ଉଜ୍ଜ୍ୱଲ୍ୟର ଲାଲିମା । ସ୍ୱପ୍ନ ଓ ବାସ୍ତବ ମଧ୍ୟରେ କି ବିରାଟ ପ୍ରଭେଦ ସେଇ କଥା ମୁଁ ଭାବୁଥାଏଁ । ପ୍ରଥମରୁ ତିନିଜଣ ପ୍ରାର୍ଥୀଙ୍କର ସାକ୍ଷାତ୍ ଶେଷ ହେଲା ପରେ ମୋର ଡାକରା ଆସିଲା । କିନ୍ତୁ ପ୍ରଥମ ଭଦ୍ରବ୍ୟକ୍ତିଙ୍କର ସାକ୍ଷାତ୍ ପରେ ତାଙ୍କର ଶୁଖିଲା ମୁହଁ, ନିରାଶ ଭାବଭଙ୍ଗୀ ଦେଖି ମୋର ମନରୁ ସୁଦ୍ଧା ଆଶା ଶୁଖି ଆସୁଥାଏ ।

ଶେଷକୁ ମୋଟତ ଯେତେବେଳେ ଡାକରା ଆସିଲା, ମୋର ଅଜ୍ଞାତରେ ମୋର ଦେହଯାକ ଏକ ସ୍ନାୟବିକ ସ୍ପନ୍ଦନ ହେଉଥିବାର ଏବଂ ଦେହର ସମସ୍ତ ରକ୍ତ ମୁହଁକୁ ଆସି ଲାଲ କରି ପକାଉଥିବାର ମୁଁ ସ୍ପଷ୍ଟ ଅନୁଭବ କଲି ।

ସୁସଜ୍ଜିତ ପ୍ରକୋଷ୍ଠ ମଧ୍ୟରେ ଗୋଟିଏ ସେକ୍ରେଟେରିଏଟ୍ ଟେବଲ୍‌ର ଦୁଇପାଖରେ ଥାଏ କେତେଗୁଡିଏ ଚଉକି । ଟେବଲ୍‌ର ସେ ପାଖରେ ଚଉକିରେ ଉପବିଷ୍ଟା ଜଣେ ଅଧୁନିକା, ରୂପସୀ, ତରୁଣୀ । କୁମାରୀ ମୃଗ୍‌ଧା ଜାଜେ ବୋଲି ଅନୁମାନ କଲି । ଦୃଷ୍ଟି ତାଙ୍କର ଫାଇଲ୍ ଉପରେ ନିବଦ୍ଧ—ବୋଧହୁଏ matrimonial ବା ବିବାହ ସମ୍ବନ୍ଧୀୟ ଫାଇଲ୍ । ମୁଁ ଧୀର ସଶଙ୍କ ପଦକ୍ଷେପରେ ସେଇ ଟେବଲ୍ ଆଡ଼କୁ ଅଗ୍ରସର ହେଲି । କୁମାରୀ ଫାଇଲ୍‌ରୁ ଦୃଷ୍ଟି ଉଠାଇ ମୋ ଆଡ଼କୁ ଚାହିଁଲେ । ଚାରିଚକ୍ଷୁର ମିଳନ ହେଲା । କିନ୍ତୁ କବି, ଲେଖକ, ଔପନ୍ୟାସିକମାନେ ଯେପରି ଚାରିଚକ୍ଷୁର ମିଳନରୁ ନାରୀ ଓ ପୁରୁଷର ପ୍ରେମ ଉପୁଜିବା ଏକ ଜ୍ୟାମିତିକ ସ୍ୱତଃସିଦ୍ଧ ବୋଲି ନିର୍ବିବାଦରେ ଗ୍ରହଣ କରି ନିଅନ୍ତି, ତାହା ନିତାନ୍ତ ମିଥ୍ୟା ବୋଲି ମନେ ହେଲା । ମୃଗ୍‌ଧାଙ୍କର ଦୃଷ୍ଟି, ଶାଣିତ, ଉଜ୍ଜ୍ୱଳ କୁଟିଳ ଓ ତୀକ୍ଷ୍ଣ ଦୃଷ୍ଟି ମୋର କେଶାଗ୍ରରୁ ନଖାଗ୍ର ପର୍ଯ୍ୟନ୍ତ ଚାଳିତ ହୋଇ ମୋର ହୃଦୟରୁ ପ୍ରେମର, ଆଶାର, ପୌରୁଷର ଶେଷ ସମ୍ବଳକୁ ବ୍ରଣ ପରି ବିଦ୍ଧ ଓ ବେଦନାମୟ କରି ପକାଇଲା । ଚୋରି କରିବାକୁ ଆସୁଥିବା ଲୋକ ଯେପରି ପୋଲିସ ହାକିମଙ୍କ ତୀବ୍ର ଦୃଷ୍ଟିରେ ମ୍ରିୟମାଣ ହୁଏ, ମୃଗ୍‌ଧାଙ୍କର ହୃଦୟକୁ ଚୋରି କରିବାକୁ କଳ୍ପନା କରି ମୁଁ ଧରା ପଡ଼ିଲା ଅପରାଧୀ ପରି ହତଦମ୍ଭ ହେଲି । ଗଳଦ୍‌ଘର୍ମ ହୋଇ କିଛି କହି ପାରିଲି ନାହିଁ । କୌଣସି କୌଣସି ବିରାଟ ସର୍ପ ଯେପରି ନିଜର ଆଖିଦ୍ୱାରା ଶିକାରକୁ ନିଶ୍ଚଳ ଓ ସମ୍ମୋହିତ କରି ପକାନ୍ତି, ମୃଗ୍‌ଧାଙ୍କର

ତୀବ୍ର ଦୃଷ୍ଟି ସେହିପରି ମୋତେ ନିଶ୍ଚଳ, ନିର୍ବାକ୍ ଓ କିଂକର୍ତ୍ତବ୍ୟବିମୂଢ଼ କରି ପକାଇଲା । ଶେଷକୁ କୁମାରୀ ମୁଗ୍‌ଧା କହିଲେ, "ସୁପ୍ରଭାତ । ଆସନ୍ତୁ, ବସନ୍ତୁ ।

ମୁ ଶୁଷ୍କ କଣ୍ଠରେ କହିଲି, "ସୁପ୍ରଭାତ ।"

କିନ୍ତୁ ଭାବୁଥାଏଁ ଠିକ୍ ଓଲଟା । କେଉଁ କୁଲଗ୍ନରେ ଆଜି ରାତି ପାହିଥିଲା ।

କୁମାରୀ ମୁଗ୍‌ଧା ପଚାରିଲେ, "ଆପଣଙ୍କର ନାମ ?

ମୁଁ କହିଲି, "ମୋର ନାମ ବାମନଚରଣ ଦାସ ।"

କୁମାରୀ ମୁଗ୍‌ଧା କହିଲେ, "ଆପଣଙ୍କର ନାମ ସାର୍ଥକ ।"

ସଙ୍ଗେ ସଙ୍ଗେ ସେ ହସି ପକାଇଲେ । ତାଙ୍କ ସଙ୍ଗେ ତାଙ୍କ ପାଖରେ ଥିବା ଜଣେ ବାଳିକା—ବୋଧହୁଏ ତାଙ୍କ ସାନ ଭଉଣୀ ହେବେ—ସେ ମଧ୍ୟ ସେ ହସରେ ଯୋଗ ଦେଲେ ।

ପୃଥିବୀର ସମସ୍ତ ଦୈବୀ ଓ ମାନବୀୟ ଦୁର୍ଘଟଣା, ଦୁର୍ବିପାକ ଓ ଦୁର୍ଭାଗ୍ୟ ମଧ୍ୟରେ ଜଣେ ତରୁଣୀ ରୂପସୀର ପରିହାସର ସାମଗ୍ରୀ ହେବା ସବୁଠାରୁ ଅଧିକ ଅସହ୍ୟ ବୋଲି ମୁଁ ମନେ କରେ ଓ ଏଥିରେ ମୋ ବନ୍ଧୁମାନେ ମଧ୍ୟ ଏକମତ । ମାତ୍ର ମୋର ଉଚ୍ଚତା କମ୍ ହେବା ପାଇଁ ମୁଁ କଣ ନିଜେ ଦାୟୀ ? ମୋର ପିତାମାତା ଓ ପୂର୍ବପୁରୁଷମାନେ ନିଶ୍ଚୟ ବାମନ ହେବାରେ ଅନେକ ସୁବିଧା ଅନୁଭବ କରିଥିବେ । କିନ୍ତୁ ଏ ସବୁ ସୁବିଧା ବିଷୟରେ କୁମାରୀ ମୁଗ୍‌ଧାଙ୍କୁ ବୁଝାଇବାର ସମୟ ସେତେବେଳେ ନ ଥିଲା । ତେଣୁ ପରୀକ୍ଷାର୍ଥୀ ପରି ନୀରବ ରହିଲି ।

ତା ପରେ ପ୍ରଶ୍ନ ହେଲା, "ଆପଣଙ୍କର ବୟସ ?"

"ତେଇଶି ବର୍ଷ ।"

"ଆପଣଙ୍କର ଉଚ୍ଚତା ?"

ମୁଁ ଉତ୍ତର ଦେଲି, "ବୋଧହୁଏ ପାଞ୍ଚଫୁଟ ତିନି ଇଞ୍ଚ ।"

ଏ ପ୍ରଶ୍ନରେ ସୁଦ୍ଧା ବ୍ୟଙ୍ଗର ଆଭାସ ଦେଖି ମୁଁ ଲଜ୍ଜିତ ହେବି କି କ୍ରୁଦ୍ଧ ହେବି ଭାବୁଛି, ସେହି ସମୟରେ ମନେ ପଡ଼ିଲା, ବିଲାତର ଭୂତପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ଜଣେ ଭଦ୍ରଲୋକ ବାମନ ବୋଲି ଥଟ୍ଟା କରିବାରୁ ସେ ଉତ୍ତର ଦେଇଥିଲେ, "ମନୁଷ୍ୟର ଉଚ୍ଚତା ତାର କାନ୍ଧଠାରୁ ଉପରକୁ ମାପିବା ଉଚିତ ।"

ମୁଁ ମଧ୍ୟ ସେହି ଉତ୍ତର ପୁନରାବୃତ୍ତି କଲି ।

ତାପରେ ପ୍ରଶ୍ନ ହେଲା, "ଆପଣଙ୍କର ଓଜନ ?"

"ମୁଁ ଏ ମଧ୍ୟରେ ଓଜନ ନେଇ ନାହିଁ ।"

ପାଖରେ ବସିଥିବା ବାଳିକାଟିକୁ ଲକ୍ଷ୍ୟ କରି ମୁଗ୍‌ଧା କହିଲେ, "ସ୍ନିଗ୍‌ଧା, ବାମନ ବାବୁଙ୍କର ଓଜନଟା ଠିକଏ ଦେଖ । ଉକ୍ତ ପ୍ରକୋଷ୍ଠରେ ଉଚ୍ଚତା ଓ ଓଜନ ପରିମାପକ ଯନ୍ତ୍ରମାନ ଥାଏ । କାରଣ ଇନ୍‌ସୁରେନ୍‌ସ ବ୍ୟବସାୟରେ ସେ ସବୁ ନିହାତି ଦରକାରୀ । ମୋର ଓଜନ ନିଆଗଲା । ସ୍ନିଗ୍‌ଧା କହିଲା, "ଓଜନ ଶହେ ଚଉଳିଶି ପାଉଣ୍ଡ ।"

କୁମାରୀ ମୁଗ୍‌ଧା ଗୋଟିଏ କାଗଜ ଦେଖି କହିଲେ, "ଇନ୍-ସୁରାନ୍‌ସ ଚାର୍ଟ ଅନୁସାରେ ଆପଣଙ୍କର ବୟସ ତେଇଶି ବର୍ଷ ଓ ଉଚ୍ଚତା ୫ ଫୁଟ ୩ଇଞ୍ଚ ଥିବା ଦୃଷ୍ଟିରୁ ଆପଣଙ୍କର ଓଜନ ହେବା ଉଚିତ ଶହେ ଅଠେଇଶି ପାଉଣ୍ଡ । ମାତ୍ର ଆପଣଙ୍କର ଉଚ୍ଚତା ହେଉଛି ନର୍ମାଲରୁ ବାରପାଉଣ୍ଡ ଅଧିକ ।

ମୋର ମନରେ ସେତେବେଳେ ଗୋଟିଏ ସନ୍ଦେହ ଜାତ ହେଲା । ଜୀବନବୀମା କରାଇବା ପାଇଁ କମ୍ପାନୀର ଏଜେଣ୍ଟମାନେ

କେତେ ଉପାୟରେ ଲୋକଙ୍କୁ ବିରକ୍ତ କରିଥାନ୍ତି, କେତେ କୌଶଳ କରିଥାନ୍ତି, ସେ ବିଷୟରେ ଅନେକ ହାସ୍ୟରସମୂଳକ ଗପ ମୁଁ ପଢ଼ିଥିଲି । ଜୀବନବୀମା ପ୍ରତି ଆକୃଷ୍ଟ କରିବାର ଏହା ଏକ ନୂତନ ଓ ମୌଳିକ ପନ୍ଥା କୁମାରୀ ମୁଗ୍‌ଧା ବାହାର କରିଛନ୍ତି ବୋଲି ମୋର ସନ୍ଦେହ ହେଲା । ତେଣୁ ମୁଁ ଆଶା କରୁଥିଲି ସେ ପରବର୍ତ୍ତୀ ପ୍ରଶ୍ନ ହେବ, "ଆପଣ ଆପଣଙ୍କର ଜୀବନବୀମା କରାଇଛନ୍ତି ତ ?"

ଉପସ୍ଥିତ ବିପଦ ପରି ସାଙ୍ଘାତିକ ଅବସ୍ଥାରେ ମୁଁ ଇତିପୂର୍ବରୁ କେବେ ପଡ଼ି ନ ଥିବାରୁ ଜୀବନବୀମା କରାଇବା ବିଷୟରେ କେବେ ଭାବି ନ ଥିଲି । ଏପରି ପ୍ରଶ୍ନ ଦେହିମାନ ହେଲେ ତାହାଁର ଉଚିତ ଜବାବ କଣ ଦେବି ସେଇ ବିଷୟରେ ମୁଣ୍ଡ ଘୂରାଉଥିଲି । କିନ୍ତୁ ହଠାତ୍ ପ୍ରଶ୍ନ ହେଲା, "ଆପଣ ଦୈନିକ ବ୍ୟାୟାମ କରନ୍ତି ?"

ମୁଁ ହତଭମ୍ବ ହେଲି । କିଛି କ୍ଷଣ ନୀରବ ରହି ଉତ୍ତର ଦେଲି, "ଯେଉଁମାନେ ଈଶ୍ୱର ଓ ପ୍ରକୃତିର ଶ୍ରେଷ୍ଠ ଦାନ ନିଜର ଶରୀରକୁ ବ୍ୟାୟାମ କରିବା ଦ୍ୱାରା ବୃଥା କଷ୍ଟ ଦେଇ ବିକୃତ ଓ ଅପ୍ରାକୃତିକ କରି ପକାନ୍ତି, ସେମାନେ ବିଧାତାଙ୍କ ବିଧାନ ବିରୁଦ୍ଧରେ ବିଦ୍ରୋହ କରନ୍ତି ବୋଲି ମୁଁ ଭାବେଁ ।"

"ଆପଣ ସଙ୍ଗୀତ ଭଲ ପାଆନ୍ତି ?"

"ହେଁ ।"

"ଗୀତ ଗାଇ ଜାଣନ୍ତି ?"

ପ୍ରଶ୍ନର ଜଟିଳତା ସମ୍ବନ୍ଧରେ ବିଶେଷ କିଛି ନ ଭାବି ହଠାତ୍ ଉତ୍ତର ଦେଇ ପକାଇଲି, "ହଁ ।"

କୁମାରୀ ମୁଗ୍‌ଧା ଓ ସ୍ନିଗ୍‌ଧା ଉଭୟେ ସମସ୍ୱରରେ କହିଲେ, "ଆଚ୍ଛା, ଗୋଟିଏ ଗୀତ ଗାଆନ୍ତୁ ତ ।"

ମୋର ଅବିମୃଷ୍ୟକାରୀ ଉତ୍ତର ଯୋଗୁଁ କି ବିପଦରେ ପଡ଼ନ୍ତି, ହଠାତ୍ ବୁଝିପାରିଲି । ଯନ୍ତ୍ରାରେ ମୂଷା ପଡ଼ିଲେ ଯେପରି ହଠାତ ନିଜର ବିପଦ ଓ ବୁଦ୍ଧିହୀନତାର କଥା ବୁଝିପାରେ ମୁଁ ସେହିପରି ନିଜକୁ ମନେ କଲି । କିନ୍ତୁ ନିରୁପାୟ । ଗୋଡ ଖସିଗଲେ ପୁଣି ସୁଧୁରିପାରେ; କିନ୍ତୁ ଜିଭ ଖସିଗଲେ ସର୍ବନାଶ !

ମୁଁ ସବୁଦିନ ଭାବେଁ, ଜୀବନରେ ଆନନ୍ଦର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ହେଉଛି ସଙ୍ଗୀତ । କୋକିଳ ଯେତେବେଳେ ଆମ୍ବ ଗଛର ଡାଳ ଭିତରେ ଲୁଚି ଗୀତ ଗାଉଥାଏ, ସେତେବେଳେ ସେ ଅନ୍ୟର ପ୍ରଶଂସା ବା ସମାଲୋଚନାର ଅପେକ୍ଷା କରେ ନାହିଁ ବୋଲି ତାର ସଙ୍ଗୀତ ଏତେ ମର୍ମସ୍ପର୍ଶୀ ହୋଇଥାଏ । କିନ୍ତୁ ଯଦି ତାକୁ ମୁଗ୍ଧା ଓ ସ୍ନିଗ୍ଧାଙ୍କ ଭଳିଆ ଜିଜ୍ଞାସୁ ସମାଲୋଚକ ଆଗରେ ଗାଇବାକୁ ବାଧ୍ୟ କରାଯାନ୍ତା, ତେବେ ବିଚାରର ଅବସ୍ଥା କଣ ହୁଅନ୍ତା ? ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଗୋଲାପ ପାଖୁଡ଼ାର ସୌନ୍ଦର୍ଯ୍ୟ ଉପଲବ୍ଧି କରିବାକୁ ଚେଷ୍ଟା କରିବା ଯେପରି ମୂର୍ଖତା ଓ ଅରସିକତାର ପରିଚାୟକ, ସେହିପରି ପରୀକ୍ଷା ହଲରେ ମନୁଷ୍ୟର ସଙ୍ଗୀତ କଳାଜ୍ଞାନର ପରୀକ୍ଷା କରିବା ତହିଁରୁ ଅଧିକ ଅରସିକତା ଏବଂ ସଙ୍ଗୀତ କଳାର ଘୋର ଅପମାନ ବୋଲି ମୁଁ ମନେ କରେ । ସେଥିପାଇଁ ମୁଁ କୋକିଳ ପରି ନିଭୃତରେ ଆପଣାର ଆନନ୍ଦୋଚ୍ଛ୍ୱାସକୁ ସଙ୍ଗୀତ ଲହରୀରେ ପରିଣତ କରିଥାଏଁ ଏବଂ ନିଜର ସଙ୍ଗୀତ-କଳା-କୁଶଳତାରେ ମୁଗ୍ଧ ହୁଏ । ନିଭୃତ ପ୍ରକୋଷ୍ଠରେ ମୁଁ ଯେତେବେଳେ ଏକାକୀ ଗୀତ ଗାଏଁ, ସେତେବେଳେ ମୋର ଗୀତ ସ୍ୱର୍ଗତ ସଇଗଲ୍ ବା ଶ୍ରୀଚନ୍ଦନ ବା କାନନବାଲାଙ୍କ ସଙ୍ଗୀତ ପରି ତରଳ, ମଧୁର, ରସମୟ ଓ ଉନ୍ମାଦନା-ଭରା ହୋଇଥାଏ । କିନ୍ତୁ ମୋର ଗୀତ ଚାଲିଥିବା ଅବସ୍ଥାରେ ମୋ ପାଖକୁ ଯଦି କେହି ଆସୁଥିବାର ଜଣାପଡ଼େ, ତେବେ ସଙ୍ଗୀତର

ତରଳତା ହିମକଠିନ ହୁଏ, ମଧୁରତା ବାସି ଖିର ପରି ଆମ୍ବିଲ କଣ୍ଠାପଡ଼େ, ରସ ଶୁଷ୍କ ହୁଏ । କଣ୍ଠସ୍ୱରର ଲଲିତ୍ୟରେ, ସ୍ୱରର ମୂର୍ଚ୍ଛନାରେ ଏତେ ଅଦ୍ଭୁତ ଓ ଆକସ୍ମିକ ପରିବର୍ତ୍ତନ ହୁଏ ଯେ ମୁଁ ନିଜର ସ୍ନାୟବିକତାରେ ସଂଯମହୀନତାରେ ଲଜ୍ଜିତ ହୁଏଁ । ଏ ଘଟଣାର ବୈଜ୍ଞାନିକ କାରଣ ମୁଁ ଏ ପର୍ଯ୍ୟନ୍ତ ବୁଝି ପାରିନାହିଁ ଓ ଏହାର ପ୍ରତିକାର ଖୋଜି ପାଇନାହିଁ । ଏହି ସ୍ନାୟବିକ ଲଜ୍ଜାଶୀଳତା ଯୋଗୁଁ ମୁଁ ହେମନ୍ତକୁମାର ବା ମୁକେଶ ପରି ପ୍ରସିଦ୍ଧ ସଙ୍ଗୀତଜ୍ଞ ବା କମ୍-ପକ୍ଷରେ ଚଳଚ୍ଚିତ୍ର ଅଭିନେତା ହୋଇ ନ ପାରି ବନର ମାଳତୀ ପରି ଅଜଣା ଅଶୁଣା ହୋଇ ପଡ଼ିଛି । ସାରା ଓଡ଼ିଶା ପକ୍ଷରେ ଏହା ଗୋଟିଏ ଦୁର୍ଭାଗ୍ୟର କଥା ।

ମୁଗ୍ଧାଙ୍କର ଅନୁରୋଧରେ ମୁଁ ଏକ ବିଷମ ସମସ୍ୟାରେ ପଡ଼ିଲି । କଣ କରିବାକୁ ହେବ, କିଛି ଠିକ୍ କରିପାରିଲି ନାହିଁ । କୁମାରୀ ମୁଗ୍ଧା ଓ ସ୍ନିଗ୍ଧାଙ୍କର ପରୀକ୍ଷକ ଓ ଜିଜ୍ଞାସୁ ଦୃଷ୍ଟି ମୋ ଉପରେ ନିବଦ୍ଧ—ଡି.ଡି.ଟି.ରେ ଭ୍ରମର ପଡ଼ିଲା ପରି । ମୋର ମୁହଁରେ ଲଜ୍ଜାରୁଣତା ବଢ଼ୁଥିବାର ସ୍ପଷ୍ଟ ଅନୁଭବ କଲି । କିନ୍ତୁ ପାଟି ଫିଟାଇବାର ଉପାୟ ନାହିଁ । କଣ୍ଠ ଓ ତାଲୁ ସମ୍ପୂର୍ଣ୍ଣ ଭାବରେ ଶୁଷ୍କ—ସାହାରାର ଧୂଳିପୁଞ୍ଜ ପରି । ମନର ଅବସ୍ଥା ଚରମ ଗଦ୍ୟ ଭାବାପନ୍ନ—ବର୍ଷାରେ ତିନ୍ତୁଥିବା ବିରାଡ଼ି ପରି । ଏ ସମୟରେ ସ୍ୱୟଂ ସରସ୍ୱତୀ ଯଦି ମୋ କଣ୍ଠରେ ବିରାଜମାନ କରିଥାନ୍ତେ, ତେବେ ସୁଦ୍ଧା ମୋତେ ବିଶେଷ କିଛି ସାହାଯ୍ୟ କରିପାରି ନ ଥାନ୍ତେ । ପ୍ରକାଣ୍ଡ ହଲ୍ ଘର ମଧ୍ୟରେ ବିଚିତ୍ର ସ୍ତବ୍ଧତା । କେବଳ କାନ୍ଥ ଉପରେ ଟଙ୍ଗା ହୋଇଥିବା ଘଣ୍ଟାର ଟିକ୍ ଟିକ୍ ଶବ୍ଦ ସେ ସ୍ତବ୍ଧତାକୁ ଯେପରି ଆହୁରି ଅଧିକ ଅସହ୍ୟ କରି ପକାଉଥାଏ । ଏହିପରି ତିନି ଚାରି ମିନିଟ୍ ଚାଲିଗଲା । ମୋତେ ମନେ ହେଲା ଚାରି ଯୁଗ; ବ୍ରହ୍ମାଙ୍କର ଚାରିମିନିଟ୍ ।

ମୁଁ ଗଳଦ୍‌ଘର୍ମ ହୋଇ ପଡ଼ିଲି । କୁମାରୀ ସ୍ନିଗ୍ଧା ନୀରବତା ଓ ଗମ୍ଭୀରତା ଭଙ୍ଗ କରି କହିଲେ, "ଚମତ୍କାର ! ଆପଣଙ୍କର ସଙ୍ଗୀତକୁ Barmecideଙ୍କ* ଭୋଜ ସଙ୍ଗେ ତୁଳନା କରାଯାଇ ପାରେ ।"

କୁମାରୀ ମୁଗ୍ଧା ସ୍ନିଗ୍ଧାଙ୍କ ଆଡ଼କୁ ତୀବ୍ର କଟାକ୍ଷପାତ କରି ତାଙ୍କୁ ପ୍ରଗଲ୍‌ଭତାରୁ ନିବୃତ୍ତ କଲେ ଓ ମୋତେ କହିଲେ, "ଆଚ୍ଛା, ଥାଉ । ସଙ୍ଗୀତ ବିଷୟରେ ଆପଣଙ୍କୁ ଆଉ କଷ୍ଟ ଦେବି ଲାଭ ନାହିଁ । କିନ୍ତୁ ଆପଣ ଥରେ ଭାବି ଦେଖନ୍ତୁ । ଆପଣ ଯଦି ମୋର ପରୀକ୍ଷକର ସ୍ଥାନରେ ଥାଆନ୍ତେ, ତେବେ ଆପଣ ମୋର ସଙ୍ଗୀତ ନ ଶୁଣି କଦାପି ଛାଡ଼ନ୍ତେ ନାହିଁ ।"

ଅନ୍ୟ ଲୋକ ହୋଇଥିଲେ ବା ମୁଁ ଅନ୍ୟ ସମୟରେ ହୋଇଥିଲେ, କୁମାରୀ ମୁଗ୍ଧାଙ୍କର ସଙ୍ଗୀତ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । କିନ୍ତୁ ମୁଁ ଅପ୍ରତିଭତାର ଚରମସୀମାକୁ ଚାଲି ଯାଇଥିଲି । ଆଉ କିଛି କହିପାରିଲି ନାହିଁ ।

କୁମାରୀ ମୁଗ୍ଧା କହିଲେ, "ଆଚ୍ଛା, ତେବେ ଆସନ୍ତୁ । ମୁଁ ଆପଣଙ୍କୁ ଏ ବିଷୟରେ ପରେ ଚିଠି ଦେବି । ନମସ୍କାର ।"

ମୁଁ ଅତି କଷ୍ଟରେ 'ନମସ୍କାର' କହି ଉଠିଲି । ଯୁଦ୍ଧରେ ସର୍ବସ୍ୱାନ୍ତ, ପରାଜିତ ସେନାପତି ପରି ମୁଁ ସମସ୍ତ ଧୈର୍ଯ୍ୟ ଓ ଆନନ୍ଦ ହରାଇ ଦେଇଥାଏଁ ।

× × ×

---

* Barmecideଙ୍କ ଭୋଜ—କାଳ୍ପନିକ ଭୋଜ । Barmecide ବୋଲି ଜଣେ ଭଦ୍ରଲୋକ ଯାହାକୁ ନିମନ୍ତ୍ରଣ କରନ୍ତି, ତାଙ୍କୁ କିଛି ଖାଇବାକୁ ନ ଦେଇ ଥଟ୍ଟାରେ "ଏହା ଖାଆନ୍ତୁ, ତାହା ଖାଆନ୍ତୁ" ବୋଲି କହୁଥିଲେ ।

ତହିଁ ଅରଦନ ଅପରାହ୍ଣ । ପ୍ରଭାତ ବାବୁଙ୍କ ସଙ୍ଗରେ ଗପ ଚାଲିଥାଏ । ସେ ଅତି ଆଗ୍ରହ ସହକାରେ ମୋର ଏ ନୂତନ ଅଭିଜ୍ଞତାର ବୃତ୍ତାନ୍ତ ଶୁଣୁଥାନ୍ତି ଓ ହସୁଥାନ୍ତି । ଏପରି ସମୟରେ ଜଣେ ଚାକର ଶେଣୀୟ ଖଣ୍ଡିଏ ଚିଠି ଆଣି ମୋତେ ଦେଲା । କମ୍ପିତ ହସ୍ତରେ ଚିଠିଟି ଖୋଲିଲି । ମନରେ ନୈରାଶ୍ୟର ଭାବ ଥାଏ ଅଧିକ । ଆଶା ଥାଏ ଅତି କ୍ଷୀଣ । ଚିଠିରେ ଲେଖାଥାଏ:—

"ପ୍ରିୟ ବାମନ ବାବୁ,

ଆପଣଙ୍କୁ ନିରାଶ କରିବାକୁ ପଡ଼ୁଥିବାରୁ ମୁଁ ବିଶେଷ ଦୁଃଖିତ । କିନ୍ତୁ ବର୍ତ୍ତମାନ ଅବସ୍ଥାରେ ମୁଁ କୁମାରୀ ରହିବାକୁ ସ୍ଥିର କରିଛି ।

ଇତି
ଆପଣଙ୍କର
ମୁଗ୍‌ଧା ।"

ବନ୍ଧୁବର ପଚାରିଲେ, "କାହା ପାଖରୁ ଚିଠି ଆସିଛି ? କାଲିର ସାକ୍ଷାତ୍‌କାରର ଫଳାଫଳ ନୁହେ ତ ?"

ମୁଁ କହିଲି, "ହଁ" ଏବଂ ତାଙ୍କ ହାତକୁ ଚିଠି ଖଣ୍ଡିକ ବଢ଼ାଇ ଦେଲି । ଚିଠି ପଢ଼ିସାରି ସେ କହିଲେ, "ମୁଁ ଆପଣଙ୍କର ଅସଫଳତା ପାଇଁ ବିଶେଷ ଦୁଃଖିତ !"

ମୁଁ କହିଲି, "ଏଥିରେ ଦୁଃଖିତ ହେବାର କଣ ଅଛି ? ଯାହାଙ୍କ ପାଖରେ ପାଞ୍ଚ ଦଶମିନିଟ୍ ବସିବା ଏକ ଯୁଗ ପରି ଦୀର୍ଘ ଓ ଅସହ୍ୟ ମନେ ହୋଇଥିଲା, ତାଙ୍କ ସଙ୍ଗରେ ସାରା ଜୀବନ କଟାଇବାକୁ ପଡ଼ି ନାହିଁ—ଏଇୟା ରକ୍ଷା ।"

ପ୍ରଭାତ ବାବୁ କହିଲେ, "ଅଙ୍ଗୁର ଫଳ ଖଟା ।" । ଏହା କହି ସେ ହସିଲେ । ମୁଁ ମଧ୍ୟ ସେ ହସରେ ଯୋଗ ଦେଲି ।

( 'ଡଗର'ରେ ପ୍ରକାଶିତ )

—✱—

# ବଜାର ଦର

ନାଆଁଟି ତାର ସାବତ୍ରୀ । କିନ୍ତୁ ସେ ରାଜ କନ୍ୟା ନୁହେ । କାଗଜ କଲ ପାଖରେ ଧାଡ଼ି ଧାଡ଼ି ହୋଇ ଛୋଟ କୁଡ଼ିଆମାନ ଠିଆ ହୋଇଛନ୍ତି । ମିଲ୍ ସାମନାରେ ସେ କୁଡ଼ିଆ ଗୁଡ଼ିକ ଗୋଟିଏ ବିରାଟ ଅସୁର ଆଗରେ ମେଣ୍ଟାପଲ ଭଳିଆ ଦେଖାଯାଉଛନ୍ତି । ସେଇ କୁଡ଼ିଆ ମାନଙ୍କ ଭିତରୁ ଗୋଟିଏ ଛୋଟ କୁଡ଼ିଆରେ ରହେ ସାବତ୍ରୀ ଓ ତାର ଗିରସ୍ତ ଭକ୍ତ । ଭକ୍ତ କାଗଜ କଲରେ କୁଲି କାମ କରେ । ସାବତ୍ରୀ ଘର କାମ କରେ । ମିଲ୍‌ରୁ ମିଳୁଥିବା ମାସିକ କୋଡ଼ିଏ ଟଙ୍କା ଦରମାରେ ଦୁଇ ପ୍ରାଣୀ କୌଣସି ରକମରେ ଚଳିଯାଆନ୍ତି । ଆର୍ଥିକ ଅଭାବ ବରାବର ଲାଗି ରହିଛି । ମାତ୍ର ଭକ୍ତର ଯାହା ଅର୍ଥରେ ଅଭାବ, ସାବତ୍ରୀ ତାକୁ ନିଜର ଅଗାଧ ପ୍ରେମଦ୍ୱାରା ପୂରଣ କରିବାକୁ ଚେଷ୍ଟା କରେ ।

ବିବାହିତ ଜୀବନର ସାତ ବର୍ଷ ସାବତ୍ରୀ ଓ ଭକ୍ତ ଅତିବାହିତ କରିଛନ୍ତି । ପତିପତ୍ନୀ ମଧ୍ୟରେ କୌଣସି ଦିନ ବିଶେଷ ମନୋମାଳିନ୍ୟ ହେବାର କାହାରି ମନେ ନାହିଁ । ଉଭୟଙ୍କ ଭିତରୁ କେହି କାହାରିକି କଡ଼ା କଥା କହିବାର ବା ରୁଷା ଫୁଲା କରିଥିବାର କଥା ମଧ୍ୟ ମନେ ନାହିଁ । ବିବାହିତ ଜୀବନର ସାତ ବର୍ଷ ଗଲା ପରେ ମଧ୍ୟ ଭକ୍ତ କାମକୁ ଗଲାବେଳେ ସାବତ୍ରୀ ସେ ସାମୟିକ ବିଚ୍ଛେଦ କଷ୍ଟରେ ପଡ଼ିଥାଏ । ମିଲ୍‌ର ଛୁଟି ହେଲା ସମୟରେ ବାଟକୁ ଚାହିଁ ବସିଥାଏ ସ୍ୱାମୀଙ୍କର ଆଗମନ ଅପେକ୍ଷାରେ । ସ୍ୱାମୀଙ୍କର କଲ୍ୟାଣ ପାଇଁ ହିନ୍ଦୁ-ଧର୍ମରେ ଅନେକ ଓଷା ଓପାଷର ବ୍ୟବସ୍ଥା ଅଛି । ସାବତ୍ରୀ ନିସ୍ତାର

ସ୍ୱାମୀ ସେ ସବୁ ପାଳନ କରେ । ଏଥିପାଇଁ ଭକ୍ତ ତା ପ୍ରତି କେବେ କେବେ ବିରକ୍ତ ହୁଏ । କିନ୍ତୁ ସାବିତ୍ରୀ ସେ କଥା ଶୁଣେ ନାହିଁ । କେବେ କେବେ ହସରେ ଉଡ଼ାଇ ଦିଏ । ସାବିତ୍ରୀ ଉଆଁ ସ ଓଷା ଦିନ ଯେତେବେଳେ ସେ ପୁରୋହିତଙ୍କଠାରୁ ପୁରାଣର ସାବିତ୍ରୀଙ୍କର ମରଣ-ବିଜୟୀ ପ୍ରେମର କାହାଣୀ ଶୁଣେ, ସେତେବେଳେ ତାର ମନ ଆନନ୍ଦରେ ଗଦ୍‌ଗଦ ହୋଇ ଉଠେ । ସେ ଭଗବାନଙ୍କୁ ଜଣାଏ, ସ୍ୱାମୀଙ୍କ ଆଗରେ ଯେପରି ସେ ଜୀବନକୁ ଶେଷ କରି ପାରିବ, ହାତରେ ଚୁଡ଼ି ଲାଖି ଓ ମୁଣ୍ଡରେ ସିନ୍ଦୂର ଥାଇ ଯେପରି ସେ ଜୀବନର ଶେଷ ନିଃଶ୍ୱାସ ମାରି ପାରିବ ।

× × × ×

ସେ ଦିନ ଥିଲା ଜ୍ୟୋଷ୍ଠର ଏକ ନିଦାଘ କ୍ଳାନ୍ତ ଅପରାହ୍ଣ । ଦୁଇଟା ବାଜିବାକୁ ଆଉ କିଛି ସମୟ ବାକି ଥାଏ । ମିଲ୍‌ର ଛୁଟି ପୁଙ୍ଗା ଦୁଇଟାରେ ବାଜିବ ଓ ଶହ ଶହ କୁଲିଙ୍କ ସଙ୍ଗେ ଭକ୍ତ ମଧ୍ୟ କାଗଜ କଳରୁ ଫେରିବ । ସାବିତ୍ରୀ ରନ୍ଧାବଢ଼ା ସାରି ଭକ୍ତକୁ ଅପେକ୍ଷା କରି ବସିଥାଏ । ହଠାତ୍ ଦେଖିଲା ପଡ଼ୋଶୀ ରାମ ପଧାନ ତାର ଘର ଆଡ଼କୁ ଦୌଡ଼ି ଆସୁଛି । ରାମ ପଧାନ ଆସି ଖବର ଦେଲା, "ଭକ୍ତ ମିଲ୍ ଉପରେ ଛାତରେ କାମ କରୁଁ କରୁଁ ତଳକୁ ଖସି ପଡ଼ିଛି ଓ ତାର ଛାତିରେ ଓ ମୁଣ୍ଡରେ ଖୁବ୍ ଜଖମ ହୋଇଛି । ଭକ୍ତକୁ କାଗଜ କଳ ପାଖରେ ଥିବା ମିଲ୍ ହାସପାତାଲକୁ ନିଆଯାଇଛି ।"

ସାବିତ୍ରୀ ପାଗଳ ପରି ଦଉଡ଼ିଲା ଡାକ୍ତରଖାନାକୁ । ଦେଖିଲା ଭକ୍ତର ଚେତା ନାହିଁ । ଡାକ୍ତର ବାବୁ ସେତେବେଳେ ତାର ଦେହରେ ପଟି ବାନ୍ଧୁଥାନ୍ତି । ଭକ୍ତ ଅଣନିଃଶ୍ୱାସୀ ହୋଇ ପଡ଼ିଥାଏ ।

ସାବିତ୍ରୀ ଜଳକା ପରି ଚୁହୁଁ ଥାଏ । ତାର ଆଖିରୁ ଶ୍ରାବଣଧାର ପରି ଲୁହ ଧାର ଝର ଝର ଝରିପଡ଼ୁଥାଏ । ସେ କାନ୍ଦିବାକୁ ଚେଷ୍ଟା କଲା; କିନ୍ତୁ ସଙ୍କୋଚରେ ଭୟରେ ପାଟି କରି କାନ୍ଦି ପାରିଲା ନାହିଁ ।

ଆଘାତ ବଡ଼ ଗୁରୁତର ଥିଲା । ଭକ୍ତର ଦେହ ବେଳକୁ ବେଳ କଳା ପଡ଼ି ଆସୁଥାଏ । ସାବିତ୍ରୀ କେତେ ଦେବ ଦେବୀଙ୍କୁ ସ୍ମରଣ କଲା, କେତେ ବ୍ରତ, କେତେ ଉପାସ ମନାସିଲା । କିନ୍ତୁ ଡାକ୍ତରଙ୍କ ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ସାବିତ୍ରୀର ସମସ୍ତ ପ୍ରାର୍ଥନା ମଧ୍ୟ ବ୍ୟର୍ଥ ହେଲା । ସନ୍ଧ୍ୟା ସମୟରେ ଭକ୍ତ ସାବିତ୍ରୀକୁ ଚିରଦିନ ପାଇଁ ଛାଡ଼ି ମରିଗଲା ।

\+ \+ \+ \+

ରାଜୁବାବୁ ଜଣେ ବିଶିଷ୍ଟ ଶ୍ରମିକ ନେତା । ମିଲ୍ ଶ୍ରମିକମାନଙ୍କ ସୁଖ ଦୁଃଖକୁ ସେ ନିଜର ସୁଖ ଦୁଃଖ ମନେ କରନ୍ତି । ଏହି କାଗଜ କଳ ପାଖରେ ରହି ଶ୍ରମିକମାନଙ୍କୁ ସଙ୍ଗଠିତ କରିବା, ସେମାନଙ୍କର ଅଭାବ ଅଭିଯୋଗ ବିଷୟରେ ଆନ୍ଦୋଳନ କରିବା, ସେମାନଙ୍କର ଅସୁବିଧା କଥା ବୁଝି ତାର ପ୍ରତିକାର କରିବା ରାଜୁବାବୁଙ୍କର ହେଲା ପ୍ରଧାନ କର୍ତ୍ତବ୍ୟ ।

ଦୁର୍ଘଟନାର ଖବର ଶୁଣିଲା ମାତ୍ରେ ସେ ହାସପାତାଲକୁ ଦଉଡ଼ି ଆସିଲେ ଓ ଭକ୍ତର ସେବାଶୁଶ୍ରୂଷାରେ ଡାକ୍ତରବାବୁଙ୍କୁ ସାହାଯ୍ୟ କଲେ ମଧ୍ୟ । ସାବିତ୍ରୀକୁ ମଝି ମଝିରେ ସାନ୍ତ୍ୱନା ଦେଉଥାନ୍ତି । ଶେଷରେ ଯେତେବେଳେ ଭକ୍ତ ମରିଗଲା, ସେତେବେଳେ ସେ ସାବିତ୍ରୀକୁ ବୋଧ ଦେଇ କହିଲେ—

"ଭଉଣୀ, ସଂସାରରେ ସବୁ ମିଛ । ବସ୍ତୁରା ଭକ୍ତର କପାଳରେ ଯେତେଦିନ ବଞ୍ଚିବାର ଲେଖା ଥିଲା, ସେ ବଞ୍ଚିଲା । ହାତ ସରିଗଲେ ଆଉ କିଏ ଅଟକାଇ ରଖିବ । ତୁମେ ଆଉ ଅଧୀର ହୁଅନା । ଧୈର୍ଯ୍ୟ ଧର । ତୁମକୁ ଯେ ପୋଷୁ ଥିଲା, ସେ ତ ତୁମକୁ ମଝି ସମୁଦ୍ରରେ ଭସାଇ ଦେଇ ଚାଲିଗଲା । ତୁମର ଭବିଷ୍ୟତ ଭରଣପୋଷଣ ପାଇଁ ଆମେ ସବୁ ବନ୍ଦୋବସ୍ତ କରିଦେବୁଁ । ମିଲ୍ ମାଲିକଙ୍କ ତରଫରୁ କ୍ଷତିପୂରଣ ମିଳିବାର କଥା ପାଞ୍ଚ ସାତ ଶହ ଟଙ୍କା । ସେଥିରେ ତୁମକୁ କିଛି ଜମି କିଣି ଦେବା । ତୁମେ ଗୃହବାସ କରି ଆରାମରେ ଚଳି ଯାଇ ପାରିବ । ଅଧୀର ହୁଅନା········ ।" ଏମିତି ସାବିତ୍ରୀର ମନବୋଧ କରିବା ପାଇଁ ବହୁତ କଥା କହିଲେ । ତାକୁ ତାର କୁଡ଼ିଆକୁ ପଠାଇ ଦେଲେ ଓ ନିଜେ ଶବ ସଂସ୍କାର ପାଇଁ ସମସ୍ତ ଆୟୋଜନ କରିବାରେ ଲାଗିଗଲେ ।

\+ \+ \+ \+

କେତେଦିନ ଚାଲିଗଲା । ସାବିତ୍ରୀ ଦୁଃଖ ଶୋକ ଭୁଲି ପଡ଼ିଥାଏ ଓ କାନ୍ଦୁଥାଏ । ଶେଷରେ ଦିନେ ରାଜୁବାବୁ ଆସି କହିଲେ, "ହେଇ ଭଉଣି, ନିଅ ତମର ସାତ ଶହ ଟଙ୍କା କ୍ଷତିପୂରଣ ବାବଦକୁ ମିଳିଛି । ଯଦି ଚାହିଁବ, ତେବେ ଏଥିରେ କିଛି ଜମିବାଡ଼ି କିଣିବାର ବନ୍ଦୋବସ୍ତ କରିବା ।"

ସାବିତ୍ରୀ କିଛି ଉତ୍ତର ଦେଇପାରିଲା ନାହିଁ । ତାର ଆଖିରେ ଲୁହର ବନ୍ୟା ଖେଳିଗଲା ଓ ତାର ଛାତିରୁ ବାହାରି ପଡ଼ିଲା ପୁଞ୍ଜୀଭୂତ ବେଦନାର ଏକ ଦୀର୍ଘନିଃଶ୍ୱାସ ।

ଓଃ ! ଏଇ ତେବେ ଜଣେ ଶ୍ରମିକର ଜୀବନର ମୂଲ୍ୟ ! ଜଣେ ସର୍ବହରା ନାରୀର ଭଗ୍ନ ହୃଦୟର ଓ ପ୍ରେମର ବଦଳରେ ଆଜି ସାବିତ୍ରୀକୁ ମିଳୁଛି ସାତ ଶହ ଟଙ୍କା !

ହାୟ ନିଷ୍ଠୁର ବିଧାତା !

ତା'ର ପର ଜଣେ ନାରୀ ପ୍ରେମ ଦ୍ୱାରା ମୃତ୍ୟୁକୁ ଜିଣିଥିଲା ? ସାବିତ୍ରୀର ଆଉ ବିଶ୍ୱାସ ହେଲା ନାହିଁ ।

(ଶଙ୍ଖ—୧୯୪୭)

# ଭାଗ୍ୟର ପରିହାସ

( ୧ )

ଅନେକ ଗୁଡ଼ାଏ ଟଙ୍କା ପଇସା, ସୁନା, ରୁପା, ବହୁତ ଧାନ, ଚାଉଳ, ଅନ୍ତତଃ ଶହେ ବର୍ଗମାଇଲ ପରିମିତ ଓ ବର୍ଷକୁ ଅନ୍ତତଃ ଲକ୍ଷେ ଦେଢ଼ଲକ୍ଷ ଆମଦାନୀ ଥିବା ଗୋଟିଏ ଛୋଟ ରାଜ୍ୟ, ଅନେକ ଗୁଡ଼ାଏ ହାତୀ, ଘୋଡ଼ା ଓ ପୁଅ—ଏ ସବୁ ଜିନିଷ ଯଦି ଆପଣଙ୍କୁ ମିଳିଯିବାର ବନ୍ଦୋବସ୍ତ କେହି ଜଣେ କରି ଦିଅନ୍ତି, ତେବେ ତାର ନିଃସ୍ୱାର୍ଥ ଚେଷ୍ଟା ପାଇଁ ଆପଣ ତାକୁ କଣ ଦିଅନ୍ତେ ? ଏ ସବୁ ଜିନିଷ ସଙ୍ଗେ ସଙ୍ଗେ ଆପଣଙ୍କର ରୋଗ, ଦୁଃଖ ସବୁଦିନ ପାଇଁ ଉଭେଇଯାଇ ଆପଣଙ୍କର ଆୟୁଷ ଏକ ଶହ ଆଠ ବର୍ଷ ହୋଇଯିବାର ବାଟ ଯଦି କେହି ଠିକ୍ କରିଦିଏ, ତେବେ ଆପଣ ତାଙ୍କ ପ୍ରତି ଅସୀମ କୃତଜ୍ଞତା-ପାଶରେ ଆବଦ୍ଧ ହେବା ଉଚିତ ନୁହେଁ କି ? ଏବଂ ସେହି ଅସୀମ କୃତଜ୍ଞତାର ପ୍ରତିଦାନ ସ୍ୱରୂପ ଏତେ ଜିନିଷ ପାଇ ଆପଣ ତାଙ୍କୁ କେତେ ଟଙ୍କା ବା ସୁନା, ଧନ ରତ୍ନ ଦାନ କରିବା ଉଚିତ ? ଆଉ ଭବିଷ୍ୟତରେ ମହାଲକ୍ଷ୍ମୀଙ୍କର ମଧ୍ୟସ୍ଥତାରେ ଏ ପ୍ରକାର ଧନ ରତ୍ନ, ରାଜ୍ୟ, ହାତୀ, ଘୋଡ଼ା ଦିଆଇ ଦିଆଯିବାର କଥା ହୁଏ, ତେବେ ଆପଣ ଏ ପ୍ରକାର ପରୋପକାରୀ ବ୍ୟକ୍ତିଙ୍କୁ ଆଗତୁରା ଅନେକ ଟଙ୍କା, ପଇସା, ଧାନ, ଚାଉଳ ଦେବା ଉଚିତ ନୁହେଁ କି ? କିନ୍ତୁ ଏ ସବୁ ମିଳିବାର ଉକ୍ତ ଆଶା ଦେବା ଲୋକଙ୍କୁ ଯଦି ଆପଣ କେବଳ ପଇସାଟିଏ ବା ଚାଉଳ ମୁଠିଏ ଦିଅନ୍ତି, ତେବେ ମୁଁ ଆପଣଙ୍କୁ କୃପଣ,

କୃତଘ୍ନ ବୋଲି କହିବ । ମାଫ୍ କରିବେ ଏମିତି ଆହୁରି କେତେ ବିଶେଷଣ ମୁଁ ଜାଣେ ଯାହା କି ଏପରି ଅବସ୍ଥାରେ ଆପଣଙ୍କ ପ୍ରତି ପ୍ରୟୋଗ କରାଯାଇପାରେ; କିନ୍ତୁ କାହାକୁ ରଗାଇବା ବା ଗାଳିଦେବା ମୋର ପ୍ରକୃତି-ବିରୁଦ୍ଧ ।

ଆପଣ ପଚାରିବାକୁ ଚାହାନ୍ତି—ସତେ କଣ ଏ ସ୍ୱାର୍ଥପର ଦୁନିଆରେ ଏ କଳିଯୁଗରେ ଏପରି କେହି ମହାତ୍ମା ଅଛନ୍ତି ଯେ କି ଏତେ ଗୁଡ଼ାଏ ସମ୍ପତ୍ତି ନିଜେ ଆତ୍ମସାତ୍ ନ କରି, ଆପଣଙ୍କୁ ଦିଆଇ-ଦେବ ? ଆଜ୍ଞା, ହଁ, ଏପରି ଲୋକ ଅଛନ୍ତି । ଅନ୍ତତଃ ଏପରି ଜଣେ ଲୋକଙ୍କୁ ମୁଁ ଜାଣେ । ସେ ହେଉଛନ୍ତି—ଭଥରି ଗାଁର ଅର୍ଜୁନ ମିଶ୍ରେ । ବୟସ ପ୍ରାୟ ଷାଠିଏ ପାଖାପାଖି । ମୁଖମଣ୍ଡଳରେ ନିଶ ଦାଢ଼ିର ପ୍ରାଚୁର୍ଯ୍ୟ ଯୋଗୁଁ ତାଙ୍କର ସ୍ୱାଭାବିକ ଗାମ୍ଭୀର୍ଯ୍ୟ ଆଉ ଟିକିଏ ବଢ଼ିଗଲା ପରି ଜଣାପଡ଼େ । କପାଳରେ, ଉଭୟ ବାହୁରେ ଓ ଲୋମବହୁଳ ଛାତିରେ ରକ୍ତଚନ୍ଦନର ଚିତା ଲଗାଇ ସେ ଆସନ୍ତି ପ୍ରତିଦିନ ସମ୍ବଲପୁର ସହରକୁ । ବୟସ ଅଧିକ ହୋଇଥିଲେ ସୁଦ୍ଧା ଓ ବାଳ କିଛି ପାଚି ଯାଇଥିଲେ ସୁଦ୍ଧା ତାଙ୍କର ଶାରୀରିକ ଶକ୍ତି ବା ଉଦ୍ୟମରେ କୌଣସି ଉଲ୍ଲେଖଯୋଗ୍ୟ ହ୍ରାସ ଜଣା ପଡ଼ୁନାହିଁ । ଆହାର ମଧ୍ୟ ସାଧାରଣ ଯୁବକ ପରି । ଦେହରେ ଗେରୁଆ ଲୁଗା ପିନ୍ଧନ୍ତି । ତାଙ୍କୁ ଦେଖିଲେ ପ୍ରାଚୀନ ଆର୍ଯ୍ୟ ଋଷିମାନଙ୍କର କଥା ମନେ ପଡ଼େ । ସପ୍ତାହକୁ ହାରାହାରି ଦୁଇଥର ସେ ଆମ ଘରକୁ ଆସନ୍ତି । ସଙ୍ଗରେ କିଛି ଫୁଲ ପ୍ରସାଦ ଆଣିଥାନ୍ତି ଓ ସବୁଥର ଆଶୀର୍ବାଦ ଦିଅନ୍ତି:—

"ଧନଂ ଧାନ୍ୟଂ ଧରାଂ ଧର୍ମଂ କୀର୍ତ୍ତିମାୟୁଃ ଯଶଃଶ୍ରିୟଃ
ତୁରଗାନ୍ ଦନ୍ତିନଃ ପୁତ୍ରାନ୍ ମହାଲକ୍ଷ୍ମୀଃ ପ୍ରଯଚ୍ଛତୁ ।
ଅଷ୍ଟୋତ୍ତର ଶତ ସମ୍ବତ୍ସର ଚିରଞ୍ଜୀବିତାସ୍ତୁ
ମହାମାୟା ସୁପ୍ରସନ୍ନା ବରଦା ଭବତୁ
ସର୍ବାରିଷ୍ଟଶାନ୍ତିର୍ଭବତୁ ।

ଆଉ ଘରୁ ଡାଲି ଚାଉଳ ପନି ପରିବା ପଇସାପଇ ଯଥାଶକ୍ତି ଦିଆଯାଏ ।

ଏହା ଆମ ଘରର ଚିରାଚରିତ ପ୍ରଥା । ମୁଁ ପିଲାଟି ଦିନରୁ ଦେଖି ଆସୁଛି, ମିଶ୍ରେ ଏହିପରି ଆଶୀର୍ବାଦ ଦେଇ ଦକ୍ଷିଣା ନେଇ ଯାଆନ୍ତି । କେବଳ ଆମ ଘରୁ ନୁହେଁ, ଏମିତି କେତେ ଘରୁ ସେ ପାଉଥିବେ, ତାର କଣ ଠିକଣା ?

ଧରନ୍ତୁ ମିଶ୍ରଙ୍କ ଆଶୀର୍ବାଦ ଯଦି ସତ ହୁଅନ୍ତା !

ମୁଁ ବଡ଼ ଆଶାବାଦୀ । କିନ୍ତୁ ଏତେ ବର୍ଷ ଧରି ମିଶ୍ରଙ୍କର ଆଶୀର୍ବାଦ ସତ୍ତ୍ୱେ ମୁଁ ଏ ପର୍ଯ୍ୟନ୍ତ ରଜା ମହାରାଜା ବା କୋଟିପତି ଶେଠଜୀ ହୋଇ ପାରିନାହିଁ । କୋଟିପତି, ଲକ୍ଷପତି ହେବାର ତ ଦୂରର କଥା, ସାମାନ୍ୟ ଷାଠିଏ ଟଙ୍କାରେ ସ୍କୁଲରେ ମାଷ୍ଟରି କରେଁ । ଦରମାରୁ ଯାହା କିଛି ମାସିକ ସଞ୍ଚୟ ହୁଏ, ତାହା ପୈତୃକ ଋଣ ପରିଶୋଧ କରିବାରେ ଖର୍ଚ୍ଚ ହୁଏ । ମାସ ଶେଷକୁ ଘର କପର୍ଦ୍ଦକଶୂନ୍ୟ ହୋଇଯାଏ । ଅବଶ୍ୟ ମହାଲକ୍ଷ୍ମୀ ଯେ ସବୁ ଦିଗରୁ ବିମୁଖ ଏହା କହିବା ଘୋର କୃତଘ୍ନତା ହେବ । ପୁତ୍ରରତ୍ନ ପ୍ରଦାନରେ ମହାଲକ୍ଷ୍ମୀ ଏକବାରେ ମୁକ୍ତହସ୍ତା । ବିବାହିତ ଜୀବନର ଏହି ଦ୍ୱାଦଶବର୍ଷ ମଧ୍ୟରେ ଗୃହିଣୀ ମୋତେ ଆଠଟି ପୁତ୍ରରତ୍ନ ଉପହାର ଦେଇ ସାରିଲେଣି । ଏହି ହିସାବରେ ଚାଲିଲେ ଆଉ ପନ୍ଦର କୋଡ଼ିଏ ବର୍ଷ ମଧ୍ୟରେ ମୁଁ ଜଣେ ପୁତ୍ର-ରତ୍ନାକର ହୋଇପାରିବି ବୋଲି ଆଶା କରେଁ । ମୁଁ ପୁରାଣ ଓ ପୃଥିବୀର ଇତିହାସ ଅଧ୍ୟୟନ କରି ବୁଝି ସାରିଲଣି ଯେ କେବଳ ସଗର ମହାରାଜ ଓ ଧୃତରାଷ୍ଟ୍ରଙ୍କୁ ଛାଡ଼ିଦେଲେ, ମହାଲକ୍ଷ୍ମୀ ବା ଷଷ୍ଠୀଦେବୀଙ୍କ ପ୍ରସାଦରୁ ଆଉ ପ୍ରାୟ ପନ୍ଦରବର୍ଷ ପରେ ପୁତ୍ରରତ୍ନର ଆଧିକ୍ୟରେ ମୋର ସମକକ୍ଷ ଆଉ କେହି ରହିବେ ନାହିଁ ।

ସେତେବେଳେ ମୁଁ କବି ଭବଭୂତିଙ୍କ ପରି ଦୁନିଆକୁ ଡାକରା ଦେଇ କହିବି, "ଉତ୍ପତ୍ସ୍ୟତେ ହି ମମ କୋଽପି ସମାନଧର୍ମା, କାଳୋ ହ୍ୟୟଂ ନିରବଧି ର୍ବିପୁଳା ଚ ପୃଥ୍ୱୀ ।"

ମୁଁ ଏ ବିଷୟରେ ଅନେକ ସମୟରେ ଖୁବ୍ ଗଭୀର ଭାବରେ ଚିନ୍ତା କରିଛି ଓ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଆଧୁନିକ ଯୁଗକୁ ଚାହିଁଲେ ମିଶଙ୍କ ଆଶୀର୍ବାଦର ସବୁଠାରୁ ବେଶି ଯାହା ହୋଇପାରେ, ତାହା ମୁଁ ପାଇଛି । ଅବଶ୍ୟ ଦିନ ଥିଲା, ଯେତେ-ବେଳେ ହାତୀ ଯାହା ମୁଣ୍ଡରେ ସୁନା କଳସ ଢାଳୁଥିଲା, ସେ ଆଜି ଫକୀର ହେଲେ ସୁଦ୍ଧା ଆସନ୍ତାକାଲି ବ୍ରାହ୍ମଣ ଦେବତାଙ୍କର ଆଶୀ-ର୍ବାଦରୁ ରାଜେନ୍ଦ୍ରାସନରେ ବସିବାର ସମ୍ଭାବନା ଥିଲା । କିନ୍ତୁ ଏ ବିଂଶ ଶତାବ୍ଦୀରେ ରାଜ୍ୟଲାଭ-ସମସ୍ୟା ବଡ଼ ଗୁରୁତର ଓ ଜଟିଳ ହୋଇ ପଡ଼ିଛି । କଲମ୍ବସ୍ ଆମେରିକା ଆବିଷ୍କାର କରିବା ସମୟଠାରୁ ଦୁଇ ତିନି ଶତାବ୍ଦୀ ମଧ୍ୟରେ ପୃଥିବୀ ପୃଷ୍ଠରେ ଜଳ, ସ୍ଥଳ, ଆକାଶ ଓ ଭୂଗର୍ଭରେ ଅନଧିକୃତ ରାଜ୍ୟ ଥିଲା, ସେ ସବୁ ଅଧିକୃତ ହୋଇ ସାରିଲାଣି । ଏପରିକି ଆଉ ଏଣିକି ସୂଚ୍ୟଗ୍ର ପରିମାଣ ମେଦିନୀ ସୁଦ୍ଧା କାହାରି ଆଶୀର୍ବାଦରେ ମିଳିବା ଅସମ୍ଭବ । ଭୂମି ଦେବା ଦେବ-ଦେବୀଙ୍କର କ୍ଷମତାର ବାହାରେ । ଧନ ଧାନ୍ୟ କଥା ଧରାଯାଉ । ପୃଥିବୀ ଯେପରି ତାର କକ୍ଷବୃତ୍ତରୁ ବାହାରିବା ବୈଜ୍ଞାନିକମାନଙ୍କ ମତରେ ଅସମ୍ଭବ, ସେହିପରି ମୋ ପକ୍ଷରେ ମାସିକ ଦରମା ଷାଠିଏ ଟଙ୍କାରୁ ଅଧିକା ପାଇବା ଅର୍ଥନୈତିକ ଦୃଷ୍ଟିରୁ ଅସମ୍ଭବ । କାରଣ, ବାହାରିଆ ଟ୍ୟୁଶନ୍ ସୁଦ୍ଧା ମିଳୁ ନାହିଁ । ବାକି ରହିଲେ ହାତୀ, ଘୋଡ଼ା । ନିଜର ଗୃହିଣୀ ଓ ଆଠ ଆଠଟି ପୁତ୍ରରତ୍ନଙ୍କର ତ ଭାର ସମ୍ଭାଳିବା ମୁସ୍କିଲ । ତା ଉପରେ ଯଦି ମହାଲକ୍ଷ୍ମୀ ଅତି ପ୍ରସନ୍ନ ହୋଇ ଅନ୍ତତଃ ତିନୋଟି ଘୋଡ଼ା ଓ ତିନୋଟି ହାତୀ ଏ ଦୀନ କୁଟୀରକୁ ପଠାଇ

ଦିଅନ୍ତି, ତେବେ ଅବସ୍ଥା ବଡ଼ ସାଙ୍ଘାତିକ ହେବାର ସମ୍ଭାବନା । ଏପରି ଅବସ୍ଥାରେ ଅନାୟାସଲବ୍ଧ ପୁତ୍ର ରତ୍ନମାନଙ୍କ ଦ୍ୱାରା ମୋର ଦରିଦ୍ର କୁଟୀର ମଣ୍ଡିତ ହେବା ବିଶେଷ ସୌଭାଗ୍ୟର ପରିଚୟକ ବୋଲି ମୁଁ ମନେ କରେ ।ପୁତ୍‌ନାମ ନରକରୁ ଉଦ୍ଧାର ହେବା କଥା ଛାଡ଼, କାରଣ ତାହା ପରଲୋକର ବ୍ୟାପାର । ଇହଲୋକରେ ସୁଦ୍ଧା ପୁତ୍ରବାହୁଲ୍ୟ ମୋର କୀର୍ତ୍ତି ଓ ଯଶଃସୌରଭ ଚାରିଆଡ଼େ ବ୍ୟାପ୍ତ କରିବ— ଏ ବିଷୟରେ ସନ୍ଦେହ କରିବାର କଥା ନୁହେ । ଧରନ୍ତୁ, ମୃତ୍ୟୁ ସମୟରେ ମୋର ପ୍ରାୟ ୨୫।୩୦ଟା ପୁତ୍ର ସନ୍ତାନ ହୋଇ ପାରନ୍ତି— ହେବା ତ ଅସମ୍ଭବ ନୁହେ । ମୁଁ ଦୁନିଆରେ ସବୁଠାରୁ ଅଧିକ ପୁତ୍ର-ବିଶିଷ୍ଟ ଲୋକ ବୋଲି ଯଦି ଜଣାପଡ଼େ, ତେବେ ଆମେରିକା ଓ ଇଉରୋପର ପ୍ରତ୍ୟେକ ପତ୍ରିକାରେ ମୋର ଫଟୋ, ସଂକ୍ଷିପ୍ତ ଜୀବନୀ ବୃତ୍ତାନ୍ତ ବାହାରିବ ନିଶ୍ଚୟ । ମୁଁ ଜଣେ ପ୍ରସିଦ୍ଧ ବ୍ୟକ୍ତି ହୋଇ ଅମର ହେବି । ଦେଶ ବିଦେଶର ପ୍ରେସ୍ ପ୍ରତିନିଧିମାନେ ହୁଏତ ଦୁନିଆର ପ୍ରତ୍ୟେକ ସାମାଜିକ, ରାଜନୈତିକ, ନୈତିକ ସମସ୍ୟାରେ ମୋର ବିବୃତି ଲୋଡ଼ିବେ । 'କୀର୍ତ୍ତିର୍ଯସ୍ୟ ସ ଜୀବତି ।' ତା ପରେ, ମୋ ପୁଅ-ମାନଙ୍କ ମଧ୍ୟରୁ ଯଦି କେହି କେହି ବିଦ୍ୟାଦିଗ୍‌ଗଜ, ନେତା, ଅଭି-ନେତା ହୋଇ ପ୍ରସିଦ୍ଧି ଲାଭ କରନ୍ତି, ତେବେ ଅମୁକର ପୁଅ ବୋଲି ମୋ ନାଆଁ ମଧ୍ୟ ଚାରିଆଡ଼େ ପ୍ରଚାରିତ ହେବ । ଏଣୁ ଏସବୁ ଦୃଷ୍ଟିରୁ ଦେଖିଲେ ପୁତ୍ର ବାହୁଲ୍ୟ ଇହଲୋକ ଓ ପରଲୋକ ଉଭୟ ଲୋକ ପାଇଁ ହିତକାରକ ଏବଂ ମୋର ଧନଧାନ୍ୟ ଅଭାବ ସତ୍ତ୍ୱେ କୀର୍ତ୍ତି ଓ ଯଶ ବଢ଼ାଇ ମିଶ୍ରଙ୍କ ଆଶୀର୍ବାଦକୁ ଅଧିକ ସଫଳ କରିବା ନିଶ୍ଚିତ ।

ମୁଁ ଦିନେ ସନ୍ଧ୍ୟାରେ ମୋର ବାହାରଆ ପଢ଼ାଘରେ ବସି ବସି ଏହିପରି ଭବିଷ୍ୟତର ମଧୁମୟ ସ୍ୱପ୍ନ ଦେଖୁଛି, ଏପରି ସମୟରେ ମୋର ବାଲ୍ୟବନ୍ଧୁ ସମ୍ବଲପୁର କଲେଜର ଅର୍ଥନୀତି ଅଧ୍ୟାପକ ରାମବାବୁ ।

ଆସି ମୋର ସ୍ୱପ୍ନ ଭାଙ୍ଗିଦେଲେ । କହିଲେ, "ଶୁଣିଲଣି, କାଲି ରାତିରେ ରେଡ଼ିଓରେ ଖବର ଆସିଛି, ଜାପାନ ସନ୍ଧିସର୍ତ୍ତ ଗ୍ରହଣ କଲାଣି ।

"ସତେ ?"

ରାମବାବୁ ମୋର ଘନିଷ୍ଠ ବନ୍ଧୁ । ତାଙ୍କ ସାଙ୍ଗରେ ଦୁନିଆର ସବୁ ବିଷୟରେ ମୋର ଆଲୋଚନା ହୁଏ । ଆଜି ଯୁଦ୍ଧ, ଚୋରାବଜାର, ଅକର୍ମାସମସ୍ୟା ଇତ୍ୟାଦି କଥା ଆଲୋଚନା କରୁଁ କରୁଁ ଜନ୍ମନିରୋଧ କଥା ଆସି ପହଞ୍ଚିଲା । ରାମ ବାବୁଙ୍କର ଏ ବିବାହ ପ୍ରାୟ ଦଶ ବର୍ଷ ହୋଇଗଲାଣି । କିନ୍ତୁ ପିଲାଟିଏ ଏ ପର୍ଯ୍ୟନ୍ତ କିଛି ହୋଇନାହାନ୍ତି । ସେ ଜନ୍ମନିରୋଧର ଖୁବ୍ ପକ୍ଷପାତୀ । ମୋର ଆଠଟି ପୁଅ ଥିବାରୁ ସେ ମୋତେ ଅନେକଥର ଥଟ୍ଟା କରନ୍ତି । ଆଜି ପଚାରିଲେ, "ତୁମର ନବମ ସଂସ୍କରଣ କେବେ ବାହାରିବ ?"

ମୁଁ କହିଲି, "କାହିଁକି ? ଆଉ ବେଶି ଡେରି ନାହିଁ ।"

"ଭାଇ, ମୋ କଥା ମାନ । ଜନ୍ମନିରୋଧ କର । ନ ହେଲେ ତୁମ ପରି କମ୍ ରୋଜଗାର କରୁଥିବା ଲୋକ ପକ୍ଷରେ ଏତେ ବଡ଼ କୁଟୁମ୍ବ ଚଳାଇବା ମୁସ୍କିଲ ହୋଇ ପଡ଼ିବ ।"

"ଜନ୍ମନିରୋଧ ପ୍ରକୃତି-ବିରୁଦ୍ଧ, ଅସ୍ୱାଭାବିକ ଓ ସ୍ୱାସ୍ଥ୍ୟହାନିକର ବୋଲି ମୁଁ ଶୁଣିଛି ।"

"ବାଃ । କିନ୍ତୁ ନ କଲେ ଯେ କି ଭୀଷଣ ବିପଦ ତାହା କଣ ତୁମେ ବୁଝିପାରୁନାହିଁ ? ଖାଲି ତ ପୁଅ ଜନ୍ମ କରିଦେଲେ ହେବ ନାହିଁ, ସେମାନଙ୍କର ଉପଯୁକ୍ତ ଭରଣପୋଷଣ, ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା ଦରକାର । ତୁମେ ତାହା କରିପାରୁଛ କି ?"

ମୁଁ ଆଉ କିଛି କହିପାରିଲି ନାହିଁ । ଏତେ କମ୍ ଆୟରେ ଏତେଗୁଡ଼ିଏ ପିଲାଙ୍କର ଭରଣ ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା

କରିବା ପ୍ରାୟ ଅସମ୍ଭବ ବୋଲି ମୁଁ ବହୁଦିନ ଆଗରୁ ବୁଝିସାରିଥିଲି । କିନ୍ତୁ 'ଭାଗ୍ୟଂ ଫଳତି ସର୍ବତ୍ର' ।

ଭବିଷ୍ୟତରେ ପୁତ୍ରବାହୁଲ୍ୟର ରେକର୍ଡ଼ ଭଙ୍ଗଠାରୁ ଅଳ୍ପ ସନ୍ତାନ ଥାଇ ସୁଖରେ ଜୀବନ କଟାଇବା ଶତଗୁଣରେ ଶ୍ରେୟସ୍କର ବୋଲି ମୁଁ ତାଙ୍କ ଆଲୋଚନାରୁ ବୁଝିଲି । ତା ପରେ ବନ୍ଧୁବର ମାଲଥୁସ୍ ସାହେବଙ୍କର ଜନସଂଖ୍ୟା ବୃଦ୍ଧିର ଗୋଟିଏ ବିଭୀଷିକାମୟ ଚିତ୍ର ମୋ ଆଗରେ ଆଙ୍କିଲେ । ସେ ବିଷୟ ଆଜି କହି କିଛି ଲାଭ ନାହିଁ ।

ଠିକ୍ ତହୁଁ ଆରଦିନ ମିଶ୍ରେ ଆପଣେ ଆମ ଘରକୁ ଆସି ତାଙ୍କ ଲମ୍ବା ଚଉଡ଼ା ଆଶୀର୍ବାଦ ଗାଇ ଦକ୍ଷିଣା ପାଇଁ ଠାକି ବସିଲେ । ଏ ଲୋକର ଆଶୀର୍ବାଦ ମୋର କେତେଦୂର ଅନିଷ୍ଟ କରନ୍ତି, ତାହା ମୁଁ ପୂର୍ବଦିନର ରାମବାବୁଙ୍କର ବକ୍ତୃତାରୁ ବୁଝିପାରୁଥାଏ । ତେଣୁ ମିଶ୍ର ଆପଣଙ୍କୁ କହିଲି ।

"ମିଶ୍ରେ ଆପଣେ, ଆପଣ ତ ଏତେ ଏତେ ହାତୀଘୋଡ଼ା ମିଳୁ ବୋଲି ଆଶୀର୍ବାଦ କରୁଛନ୍ତି । କିନ୍ତୁ ସେ ଆଶୀର୍ବାଦର ଫଳ ତ କିଛି ହେଉନାହିଁ । ଏଆଡ଼େ ବଂଶବୃଦ୍ଧି ଚାଲିଛି ।"

ମିଶ୍ରେ ଭାବିଲେ ମୁଁ କଥାଗୁଡ଼ିକ ଥଟ୍ଟାରେ କହୁଛି । ତେଣୁ ସେ ଠିକିଏ ଥଟ୍ଟାକଲା ଭଳିଆ କହିଲେ, ବାବୁ ଏ ହେଲା କଳିକାଳ । ପଇସା ଜାଣି ଫଳ ହୁଏ । ଆପଣ ଦୁଇଅଣା ପଇସାରେ ଟିକଟ କିଣି ସମ୍ବଲପୁରରୁ ଶାସନ ଷ୍ଟେସନ ପର୍ଯ୍ୟନ୍ତ ଯାଇ ପାରିବେ । କଲିକତା କି ଦିଲ୍ଲୀ ତ ଯାଇ ପାରିବେ ନାହିଁ । ଆମେ ବ୍ରାହ୍ମଣ ଲୋକ । ଆମକୁ ଯେ ଯେତେ ସନ୍ତୁଷ୍ଟ କରିପାରିଲା, ସେ ସେତିକି ଆଶୀର୍ବାଦର ଫଳ ପାଉଛି । ଯେ ଗୃହଲ ଗଣ୍ଡେ କି ପଇସାଟିଏ ଦେବ, ସେ କାହିଁକି ରାଜ୍ୟ, ଧନ, ଜନ, ଗୋପଲକ୍ଷ୍ମୀ ପାଇପିବ ?"

କାଲର କଥା ମନେ ଥାଏ । କହୁଲ, "ଆଉ ଏ ଯେଉଁ ପିଲପିଲ ବଢ଼ି ଗ୍ଲଲଛନ୍ତି, ଏଠା ଆଶୀର୍ବାଦ ନା ଆଉ କଣ୍ଟ......।

ସେ ଟିକିଏ ସଗିଯାଇ କହୁଲେ, "ବାବୁ, ଅଜ୍ଜ କାଲର ପାଠ-ପଢ଼ୁଆଙ୍କୁ ଭଲ କଥାମାନ ଭି ଖରାପ ଲଗୁଛି । ପୁଅ ହେଲ ତ ଭଲ ନା ?"

"କିନ୍ତୁ ସେମାନଙ୍କୁ ପୋଷିବା କଥା ?"

"ଯେ ଜନ୍ମ ଦେଇଛନ୍ତି, ସେ ତା ସାଙ୍ଗରେ କର୍ମ ବ ଦେଇଛନ୍ତି । ସେ କଣ ପୋଷିବା କଥା ବୁଝିବେ ନାହିଁ ?"

ସ୍ନମ ବାବୁଙ୍କର ଯୁକ୍ତି ମନେ ପଡ଼ିଲା । ସେଇ କଥା ମିଶ୍ରଙ୍କୁ କହୁବାକୁ ବସୁଛି, ଏମିତ ସମୟରେ ଗୃହୁଣୀଙ୍କର କଟାକ୍ଷ ହଠାତ୍ ଦେଖିପାରି ଭବିଷ୍ୟତ ଶାନ୍ତି ପାଇଁ ମାରବତାହୁଁ ଶ୍ରେୟୃସ୍କର ଭାବି ଆଉ ବେଶି କିଛି କହୁଲି ନାହିଁ ।

କିନ୍ତୁ ମନଟି ସବୁବେଳେ ଗୋଳେଇ ଘାଣ୍ଟି ହେଉଥାଏ ।

( ୨ )

ମିଶ୍ରଙ୍କର ଆଶୀର୍ବାଦ ପୁଞ୍ଜୀଭୂତ ହୋଇ ମହାଲକ୍ଷ୍ମୀଙ୍କର ପ୍ରସାଦ ମୋତେ ଅଶାତୀତ ଧନ ଦେଉଥିଲା; କିନ୍ତୁ ଭାଗ୍ୟ ତାହା କ୍ରୂରଭାବରେ ମୋର ହାତମୁଠାରୁ ଛଡ଼ାଇ ନେଇଗଲା ।

ସେ ଦିନ ଥାଏ ରବିବାର । ମୋର ବନ୍ଧୁ କୁଞ୍ଜବାବୁ ସେଦିନ ସକାଳେ ଆସି କହୁଲେ, "ଆଚ୍ଛା, ଶ୍ୟାମ ବାବୁ ! ତୁମେ ଖଣ୍ଡିଏ ଲଟେରି ଟିକଟ୍ ନେଉ ନାହିଁ ?"

ମୁଁ ପଗ୍ଲରିଲି, "ଲଟେରି ଟିକଟ୍ କଣ ?"

କୁଞ୍ଜ ବାବୁ କହିଲେ, "କଲିକତାରେ ଘୋଡ଼ାଦୌଡ଼ ହୁଏ । ସେହି ସମୟରେ ସେଠାରେ ବାଜିରେ ଲଟେରି ହୁଏ । ସେଠାର ଟ୍ରେଭର୍ସ କମ୍ପାନୀ ବେଶ୍ ବିଶ୍ୱାସଯୋଗ୍ୟ କମ୍ପାନୀ । ଦୁଇଟଙ୍କା ଦେଲେ ତୁମକୁ ଖଣ୍ଡିଏ ଟିକେଟ୍ ମିଳିବ । ସେହି ଟିକେଟ୍ ସେଠାରେ ଅନ୍ୟାନ୍ୟ ଲକ୍ଷ ଲକ୍ଷ ଟିକେଟ୍ ସଙ୍ଗେ ଲଟେରି ବା ସୌରିରେ ବଛାଯିବ । ତୁମର ନାଆଁରେ ପ୍ରଥମ ପୁରସ୍କାର ବାହାରିଲେ ଖୁବ୍ କମ୍‌ରେ ଚାଳିଶ ହଜାର ଟଙ୍କା ଲାଭ । ଦ୍ୱିତୀୟ ଓ ତୃତୀୟ ପୁରସ୍କାର ମଧ୍ୟ ପ୍ରାୟ ଦଶହଜାର ଲେଖାଏଁ । ଅନ୍ୟ ଛୋଟ ଛୋଟ ପୁରସ୍କାରମାନ ମଧ୍ୟ ଅଛି । ଏପରି ଭାବରେ ସବୁ ଦିନ, 'ହା ଅନ୍ନ, ହା ଅନ୍ନ' ହୋଇ ଚାଲିବାଠାରୁ ଥରେ ଅଂଠେଥ ଭାଗ୍ୟ ପରୀକ୍ଷା କରି ଦେଖୁ ନାହଁ କାହିଁକି ? ଏଇ ଗଲାଥର, ବିଳାସପୁରର ଜଣେ କିରାଣୀ ପ୍ରଥମ ପୁରସ୍କାର ପାଇଲେ ଛୟାଳିଶ ହଜାର ଟଙ୍କା । ଭାବି ଦେଖ ଜଣେ କିରାଣୀ ବା ଜଣେ ସ୍କୁଲମାଷ୍ଟର ପକ୍ଷରେ ଛୟାଳିଶ ହଜାର ଟଙ୍କା ଗୋଟିଏ ରାଜ୍ୟଲାଭଠୁ କିଛି କମ୍ ନୁହେଁ ।"

ମୁଁ କହିଲି, "କିନ୍ତୁ ନ ମିଳିଲେ ଅଯଥା ଅପବ୍ୟୟ ।"

କୁଞ୍ଜ ବାବୁ କହିଲେ, "ଦୁଇଟି ଟଙ୍କାର କଥା ତ । କେତେ କେତେ ଟଙ୍କା ପାନ ଖାଇବାରେ, ସିନେମା ଦେଖିବାରେ ଲୋକଙ୍କର ଖର୍ଚ୍ଚ ହୋଇଯାଉଛି, ଆଉ ତୁମେ ଏଥିପାଇଁ ଟଙ୍କା ଦୁଇଟା ଦେଇପାରିବ ନାହିଁ ?"

ମୁଁ କହିଲି, "ହଉ । ତୁମ କହିବା ଅନୁସାରେ ଥରେ ଭାଗ୍ୟ ପରୀକ୍ଷା କରି ଦେଖିବା । କିନ୍ତୁ ମୋର ବିଶ୍ୱାସ ଭାଇ, ଭାଗ୍ୟ କେବଳ ତେଲିଆ ମୁଣ୍ଡରେ ତେଲ ଢାଳେ । ଗରିବକୁ ଭାଗ୍ୟ ସବୁବେଳେ ବିମୁଖ ।"

ଘରୁ ଟଙ୍କା ଦୁଇଟି ଆଣି ତାଙ୍କୁ ଦେଲି ଓ ତାଙ୍କର ଫାରମ୍‌ରେ ଦସ୍ତଖତ ଦେଲି । ଖଣ୍ଡିଏ ଛାପା କାଗଜରେ ନିଜର ସ୍ୱାକ୍ଷର, ଠିକଣା ଓ ଗୋଟିଏ ଛଦ୍ମନାମ ଦେବାକୁ ହୁଏ । ମୁଁ ଛଦ୍ମନାମ ଦେଲି 'ସୌଭାଗ୍ୟ'—ବହୁତ ଉଚ୍ଚ ଆଶା ରଖି ।

ଯଥା ସମୟରେ ଟିକଟ୍ ଆସିଲା । କୁଞ୍ଜ ବାବୁ ଆସି ବୁଝାଇ-ଦେଲେ ସେପ୍‌ଟେମ୍ବର ୧୧ ତାରିଖ ଶନିବାର ଦିନ ଲଟେରି ଫଳ ବାହାରିବ ଓ ପୁରସ୍କାର ମିଳିଥିଲେ, ରବିବାର ନ ହେଲେ ସୋମବାର ଦିନ ଟେଲିଗ୍ରାମରେ ଖବର ଆସିପାରେ । ଖବର ଆସିଲେ ଟିକଟ୍ ଖଣ୍ଡିକ ପଠାଇବାକୁ ହେବ ଆଉ ସେମାନେ ଟିକଟ୍ ପାଇଲା ପରେ ପୁରସ୍କାର ଟଙ୍କା ପଠାଇଦେବେ ।

ଟିକଟ୍ ପହୁଞ୍ଚିଲା ସେପ୍‌ଟେମ୍ବର ୧୧ ତାରିଖର ପ୍ରାୟ ଚାରିଦିନ ପୂର୍ବରୁ । ମନଟା ବେଶ୍ ଉତ୍ତେଜିତ ହେଲା ପରି ଜଣା ପଡ଼ୁଥାଏ । ଯଦି ମିଳିଯାଏ ଚାଳିଶିଟି ହଜାର ଟଙ୍କା, ଯଦି ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ! ରାତିରେ ଭଲ କରି ନିଦ ହୁଏ ନାହିଁ ଭବିଷ୍ୟତ୍ କଥା ଭାବି ଭାବି । ନିଜର ବର୍ତ୍ତମାନ ଅଭାବ ଓ ଅସୁବିଧା, ସ୍ତ୍ରୀ ଓ ପୁଅମାନଙ୍କର ପ୍ରତିଦିନର ନାନାରକମ ଜଞ୍ଜାଳରୁ ସବୁଦିନ ପାଇଁ ରକ୍ଷା ମିଳିଯିବ ଏଇଆ ଭାବେଁ । ଟଙ୍କାଟା ଯଦି ମିଳିଯାଏ, କଣ କରିବି ? କୌଣସି ବେଙ୍କ୍‌ରେ ରଖିବା ଭଲ ହେବ ନା ମାଷ୍ଟରି କାମ ଛାଡ଼ି ଦେଇ କୌଣସି ଭଲ, ନିରାପଦ ବ୍ୟବସାୟରେ ଲାଗିଗଲେ ଭଲ ହେବ ? ବ୍ୟବସାୟର ଅବଶ୍ୟ 'ବ' ଅକ୍ଷର ମୁଝା ଏ ପର୍ଯ୍ୟନ୍ତ ଅଜଣା; କିନ୍ତୁ ବ୍ୟବସାୟରେ ମନପ୍ରାଣ ଦେଇ ଲାଗିଗଲେ କଣ ଲାଭ ହେବ ନାହିଁ ? ଲକ୍ଷ୍ମୀ ଯଦି ଥରେ କୃପାଦୃଷ୍ଟି ପକାନ୍ତି, ତାହାହେଲେ କଣ ସେ ସୁଦୃଷ୍ଟି ଚିରସ୍ଥାୟୀ ହୋଇ ରହିବ ନାହିଁ ? ରାତିରେ ଶୋଇଲା ବେଳେ

ଏମିତି ଅନେକ ପ୍ରଶ୍ନ ମୁଁ ନିଜକୁ ପଚାରେଁ, ଅଥଚ କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପାଏଁ ନାହିଁ ।

ଏମିତି ଭାବି ଭାବି ଶେଷକୁ ପହଞ୍ଚିଲି—ଶନିବାର ୧୧ତାରିଖ ସେପ୍‌ଟେମ୍ବର । ସେ ଦିନ ଡାହାଣ ଆଖିଟା ଖୁବ୍ ଡେଉଁଥାଏ । ଶନିବାର ସକାଳ ସ୍କୁଲ ପଢ଼ା କାମ ସାରି ଖାଇ ପିଇ ବିଶ୍ରାମ ନେଉଥାଏଁ । ଡାହାଣ ଆଖି ପୁଣି ଡେଇଁଲା । ସେଇ ସମୟରେ ଗୃହିଣୀ ତାଙ୍କର ଖିଆପିଆ ଓ କାମଧାମ ସାରି ସେଠାକୁ ଆସି କହିଲେ, "ଧୋବାର ପାଉଣା ଦୁଇଟଙ୍କା ହେଲାଣି । ସେ କହୁଛି ଟଙ୍କା ନଦେଲେ ସେ ଆଉ କପଡ଼ା ସଫା କରିବାକୁ ନେବ ନାହିଁ ।"

ମୁଁ କହିଲି, "ରହ । କିଛି ଦିନ ଅପେକ୍ଷା କରିବାକୁ କହ । ତିନି ଚାରି ଦିନ ପରେ ଦେଇଦେବା ।"

ଗୃହିଣୀ କହିଲେ, "ଦରମା ତ ମିଳିଲାଣି ଅନେକ ଦିନରୁ । ଆଉ ଏ ଟଙ୍କା ନ ଦେଇ ଏମିତି ଦିନ ଗଡ଼େଇ ଦେଲେ ପରେ ଦରମା ଟଙ୍କା ଗଣ୍ଡାକ ସରିଗଲେ ଆଉ କଣ କରିବ । ଏ ମାସ ବିପିନ (ଶ୍ରୀମାନ ଜ୍ୟେଷ୍ଠପୁତ୍ର) ପାଇଁ ଧୋତି ଦୁଇଖଣ୍ଡ, ଆଉ ବିନୋଦ (ଦ୍ୱିତୀୟ ପୁତ୍ର) ପାଇଁ କାମିଜ ଖଣ୍ଡେ ଦିଖଣ୍ଡ ନ ହେଲେ ଚଳିବ ନାହିଁ । ସେମାନଙ୍କର ଧୋତି କାମିଜ ଚିରିଗଲାଣି ।

ମୁଁ ଦେଖିଲି ଏମିତି 'ପରେ ଦେଖିବା' ବୋଲି କହିବା—ଅର୍ଥାତ୍ ଦୀର୍ଘସୂତ୍ରୀ ସୂତ୍ର—ଗୃହିଣୀଙ୍କଠାରେ ପ୍ରଯୁଜ୍ୟ ନୁହେ, ବରଂ ବେଶି ବିପତ୍ତିର ସମ୍ଭାବନା ରହିଛି । ଆଉ ଯେପରି ବ୍ୟୟର ତାଲିକା ବଢ଼ାଇ ଦେଇ ମୋ ମନରେ ବିଭୀଷିକା ସୃଷ୍ଟି ନ କରନ୍ତି, ସେଥିପାଇଁ ଆଲୋଚନାର ସୂତ୍ର ବଦଳାଇବା ପାଇଁ ଗୃହିଣୀଙ୍କୁ କହିଲି, "ଆଜି ଡାହାଣ ଆଖିଟା ଖୁବ୍ ଡେଉଁଛି ବହୁତ ସମୟ ହେଲା । ନିଶ୍ଚୟ ଆଜି କିଛି ଶୁଭ ଅଛି ।"

ଗୃହିଣୀ କହିଲେ, "ତୁମର ପୁଣି ଗୋଟିଏ ଶୁଭ ! ତୁମର ଶୁଭ ଦିନ କେବଳ ମାସର ଦୁଇ ତାରିଖ ବା ତିନି ତାରିଖ—ଯେଉଁ ଦିନ ତୁମେ ଦରମା ପାଅ । ଆଉ ସବୁ ଦିନ ତ ଖାଲି ଖର୍ଚ୍ଚ ଆଉ ଖର୍ଚ୍ଚ !"

ମୁଁ କହିଲି, "ଓଃ ମୁଁ ତୁମକୁ କହିନାହିଁ ପରା ? ଦେଖ ମୁଁ ଏଥର ଖଣ୍ଡିଏ ଲଟେରୀ ଟିକଟ୍ କିଣିଛି । ଆଜି ସେଥିର ଫଳ ଜଣା-ପଡ଼ିବ । ସେଇଥି ପାଇଁ ବୋଧହୁଏ ଆଜି ଡାହାଣ ଆଖିଟା ମାଙ୍କଡ଼ ପରି ଡେଇଁଛି ।"

ଗୃହିଣୀ ପଚାରିଲେ, "ଲଟେରୀ ଟିକଟ୍ ? ସେଟା ପୁଣି କେଉଁ ଗଛର ଫଳ ? ତାର ଫଳ କଣ ମିଠା ଲାଗେ ? ଆଉ ତୁମ ପାଖକୁ ସେ ଫଳ କିମିତି ଆସିବ ?"

ମୁଁ କହିଲି, "ଓଃ !" ଲଟେରୀ ବୁଝିଲ ନାହିଁ । ତେବେ ଶୁଣ ବୋଲି କୁଞ୍ଜବାବୁ ଯେପରି ବୁଝାଇଥିଲେ ମୁଁ ତାହାର ପୁନରାବୃତ୍ତି କଲି ।

ଗୃହିଣୀ କହିଲେ, "ତୁମେ ନିତାନ୍ତ ବୋକା ବୋଲି ତୁମକୁ ସମସ୍ତେ ଠକନ୍ତି । ସେଇ ଠକାମିରେ ପଡ଼ି ତୁମେ କେତେ ଭାଗ୍ୟର ସ୍ୱପ୍ନ ଦେଖୁଛ ।"

ମୁଁ କହିଲି, "ସତେ ମ । ଏଇ ତିନି ଚାରି ଦିନ ତଳେ ତାହାର ଟିକେଟ୍ ଆସି ଯାଇଛି । ଯଦି ଭାଗ୍ୟରେ ଥାଏ, ତେବେ ଆମେ ବହୁତ ଟଙ୍କା ପାଇବା ଓ କେତେ ସୁଖୀ ହେବା । ମିଶ୍ର ଆମକୁ ଯେତେ ଆଶୀର୍ବାଦ ଦିଅନ୍ତି, ଧନ ଜନ ଗୋପ ଲକ୍ଷ୍ମୀ ସବୁଥିରେ ଘର ଭରିଯିବ । ଆଉ ପେଟ ପାଇଁ ଚାକରୀ କରି ଦିନ ରାତି ଖଟିବାକୁ ହେବ ନାହିଁ । ଆଉ ତୁମକୁ ମଧ୍ୟ ଏଣିକି ନିଜ ହାତରେ ରନ୍ଧାବଢ଼ା କରିବାକୁ ପଡ଼ିବ ନାହିଁ । ବାବୁଆଣୀମାନଙ୍କ ପରି କେବଳ ବସି

ଖାଉଥିବ ଓ ଧନଯାକ ଗୃହର ଗୃହରାଣୀଙ୍କ ଉପରେ ହୁକୁମ ଜାରି କରିବା ହେବ ତୁମର କାମ ।”

ଗୃହିଣୀ କହୁଲେ, “ଗଧ ପରି ଖଟି ଖଟି ତ ଏତେଦିନ ଗଲା । ସକାଳୁ ଅଧରାତି ଯାଏ ନାକ ପୋଛିବାକୁ ବେଳ ନାହିଁ । ଘରର ସବୁ କାମ କରିବାକୁ ହେଉଛି । ଆଉ ତା ପରେ ଓଡ଼ାର ପାଉଣା, ଗୃହରାଣୀର ପାଉଣା, ପିଲାମାନଙ୍କର ଦାବୀ ସବୁ ମୋ ମୁଣ୍ଡ ଉପରେ ପଡୁଛି । ତୁମକୁ କହୁଚେ କାଲି ପରଦିନ ବୋଲି ସମୟ ଗଡ଼ାଇ ଚାଲିଛ । ହଉ, ତୁମର ଭାଗ୍ୟରୁ ଯଦି ବାବୁଆଣୀ ସାଜିବାକୁ ପଡ଼େ, ତେବେ ତାହା ମଧ୍ୟ ଭୋଗ କରିବା ।”

ଏପରି ଭାବରେ ଶନିବାରଟା ଗଲା ।

ରବିବାର ଦିନଟା ମନ ଅତିଶୟ ଉଚ୍ଛନ୍ନ ଲାଗୁଥାଏ । ଘରୁ ଥରକୁ ଥର ବାଟକୁ ଯାଉଥାଏଁ । କାଲେ ଟେଲିଗ୍ରାମ୍ ଚପରାଶି ଶୁଭ ଖବରଟି ଆଣୁଥିବ । ଦିନକ ମଧ୍ୟରେ ପଚାଶଥର ବାଟକୁ ଯାଇଥିବି । କାଲିର ପାଠ ତିଆରି କରିବାରେ ବା ଘରେ ପିଲାମାନଙ୍କୁ ପଢ଼ାଇବାରେ ମନ ଲାଗୁ ନ ଥାଏ ।

ରାତିରେ ଗୃହିଣୀ ଥଟ୍ଟା କରି କହୁଲେ, “କାହିଁ ଗୋ, ତୁମର ଟଙ୍କାର ତ ଏ ପର୍ଯ୍ୟନ୍ତ ଦେଖା ନାହିଁ । ବହୁତ ଆଶା ଥିଲା ମୋର, କାଲିଠାରୁ ନିଶ୍ଚିନ୍ତରେ ବସି ଖାଇବି; କିନ୍ତୁ ସେ ଆଶା ତ ଆଉ ପୂରା ହୋଇ ପାରିବ ନାହିଁ, ଦେଖୁଛି ।”

ମୁଁ କହିଲି, “ହୁଁ । ଦୁନିଆର ରୀତି ତ ସେଇଆ । ତେଲିଆ ମୁଣ୍ଡରେ ତେଲ ଢଳାଯାଏ ।”

× × × ×

ତହିଁ ଆର ଦିନ ସକାଳେ ଆସିଲା ଟେଲିଗ୍ରାମ୍ । ମୁଁ ବିଶ୍ୱାସ କରିପାରୁ ନ ଥାଏଁ ଭାଗ୍ୟ ଏତେ ଶୀଘ୍ର ପ୍ରସନ୍ନ ହେବ ବୋଲି ।

ଛାତି ଧକ୍ ଧକ୍ କରୁଥାଏ, ହାତ ଥରୁଥାଏ, ମୁହଁ ଲାଲ ପଡ଼ି ଯାଇଥାଏ । କୌଣସି ମତେ ଉତ୍ତେଜନାକୁ ଦମନ କରି କମ୍ପିତ ହସ୍ତରେ ଟେଲିଗ୍ରାମ ଖୋଲି ଦେଖିଲି, ଲେଖାଅଛି:—

"ଅଭିନନ୍ଦନ, ଆପଣଙ୍କୁ ପ୍ରଥମ ପୁରସ୍କାର ମିଳିଛି । ଟିକଟ୍ ପଠାନ୍ତୁ । "ମେନେଜର ରୋଭର୍ସ ।"

ବାଃ ! ବାବୁ 'ବକ୍‌ଶିଶ୍' ଡାକ ପିଅନ୍ କହିଲା ।

କଣ କରିବା ? କିଛି ନ ଦେଲେ ନ ଚଳେ । ଘରୁ ଟଙ୍କାଟିଏ ଆଣି ପିଅନକୁ ଦେଲି ।

ଏପରି ସମୟରେ ମିଶ୍ର ମହାଶୟ ଆସି ଉପସ୍ଥିତ । ନିତ୍ୟ-ନୈମିତ୍ତିକ ଆଶୀର୍ବାଦ ପାଇଲା ପରେ ମୁଁ ତାଙ୍କୁ ପ୍ରଣାମ କରି ସାଙ୍ଗେ ସାଙ୍ଗେ ଶୁଭ ଖବରଟି ଜଣାଇ ଦେଲି ।

ମିଶ୍ରେ କହିଲେ, "ବେଶ୍ କଥା । ତୁମେମାନେ ଆଜି କାଲିକାର ଇଂରେଜୀ ପାଠୁଆମାନେ ବିଶ୍ୱାସ କର ନାହିଁ ପରା ? ଏବେ ଦେଖିଲ ବ୍ରାହ୍ମଣର ଆଶୀର୍ବାଦର ଫଳ । ମୁଁ କେତେ ଦିନ ମା ସୋମଲେଶ୍ୱରୀଙ୍କ ମନ୍ଦିରରେ ଜଣାଇଛି, "ହେ ମା, ବାବୁଙ୍କର ଘର ଧନ ଜନ ଗୋପ-ଲକ୍ଷ୍ମୀରେ ଭରି ଉଠୁ ।" ଆଉ ଆପଣଙ୍କର କପାଳ ଯେପରି ପ୍ରଶସ୍ତ ଅଛି, ସେଥିରେ ମୁଁ ଆଗରୁ ଭାବୁଥିଲି ବାବୁ ନିଶ୍ଚୟ ଦିନେ ନା ଦିନେ ବଡ଼ଲୋକ ହେବେ ।"

ମୁଁ କହିଲି, "ଆପଣଙ୍କର ଆଶୀର୍ବାଦର ଫଳ ଏ ସବୁ ।" ଏହା କହି ଟଙ୍କାଟିଏ ତାଙ୍କୁ ଦେଇ କହିଲି, "ଏଟା ଆପଣଙ୍କର ପିଲାପିଲିଙ୍କର ମିଷ୍ଟାନ୍ନ ଭୋଜନ ପାଇଁ ।"

ଧୋବା ଆସିଲା ଟଙ୍କା ମାଗିବାକୁ । ଗୃହିଣୀ ରୁଦ୍ରମୂର୍ତ୍ତି ଧାରଣ କରି ଗର୍ଜି ଉଠିଲେ, "ଆମେ କଣ କୁଆଡ଼େ ପଳାଇ ଯାଉଚୁ ? ପ୍ରତି-

ଦିନ ଆସି ଖାଲି ଠକ୍କା, ଠକ୍କା ହେଉଛୁ । ମୁଁ ତ କାଲି କହିଥିଲି ଗୁରୁଦିନ ପରେ ଆସିବୁ । ଫେର୍ ଆଜି ଆସି ହାଜର । ଆଉ ତିନି ଦିନ ଥାଅ । ମୂଳ ସୁଧ ସହିତ ଅସୁଲ୍ ନେବୁ ।"

ଅନ୍ୟ ଦିନ ଯେପରି ଗୃହିଣୀ ପଇସା କଥା ପଡ଼ିଲେ ନରମ ହୋଇ କଥା କହନ୍ତି, ଆଜି ଏପ୍ରକାର ରୁଦ୍ରମୂର୍ତ୍ତି ଦେଖି ଧୋବା ମୁଣ୍ଡ କାନ ଆଉଁସି ଚାଲିଗଲା ।

ଖାଇ ପିଇ ସାରି ଚାଲିଲି ଡାକଘରକୁ ଟିକଟ୍ ଖଣ୍ଡି ରେଜିଷ୍ଟ୍ରି କରି ପଠାଇବାକୁ କଲିକତାକୁ । ରାସ୍ତାରେ ଚାଲି ଗଲାବେଳେ ମନେ ହେଲା ସଡ଼କରେ ଚାଲିଯାଉଥିବା ଓ ଦୋକାନମାନଙ୍କରେ ବସିଥିବା ସମସ୍ତ ଲୋକଙ୍କର ପ୍ରଶଂସାମାନ ଦୃଷ୍ଟି ମୋ ଆଡ଼କୁ ଚାଲି ପଡ଼ୁଛି । ଅନ୍ୟ ଦିନଠାରୁ ମୁଁ ଟିକିଏ ଅଧିକ ଡେଙ୍ଗା ଜଣା ପଡ଼ୁଥାଏ ।

ପୋଷ୍ଟଅଫିସ୍‌ରେ ପୋଷ୍ଟମାଷ୍ଟର ହସହସ ବଦନରେ କହିଲେ, "ଆରେ, ଶ୍ୟାମ ବାବୁ ଯେ ! ଶୁଭାଭିନନ୍ଦନ ଜଣାଉଛି । ଆଉ କଣ କାମ ଥିଲା ?" ଚିଠି ଖଣ୍ଡି ରେଜିଷ୍ଟ୍ରି କରୁଁ କରୁଁ କହିଲେ, "ଭୋଜୀ ସମୟରେ ଗରିବକୁ ଭୁଲିବେ ନାହିଁ, ଶ୍ୟାମବାବୁ ।"

ସ୍କୁଲରେ ପହଞ୍ଚିବାକୁ ଟିକିଏ ଡେରି ହୋଇଗଲା ସେ ଦିନ । କମନ୍‌ରୁମ୍‌ରେ କେହି ଶିକ୍ଷକ ନ ଥାନ୍ତି । ହାଜରି ବହି ନେଇ କ୍ଲାସକୁ ଗଲାବେଳେ ମନେ ହେଲା, ପିଲାମାନେ ପ୍ରାଚୀନ ଯୁଗର ଆରୁଣୀ, ଉପମନ୍ୟୁ ପରି ସ୍ଥିର, ସୁଶୃଙ୍ଖଳ ଭାବରେ ବସିଛନ୍ତି ଓ ତନ୍ମୟ ଚିତ୍ତରେ ମୋର ପଢ଼ା ଶୁଣୁଛନ୍ତି ।

ଦେଢ଼ଟା ବେଳେ ସାମୟିକ ଛୁଟି ଘଣ୍ଟା । ହେଡମାଷ୍ଟର ସମେତ ସମସ୍ତ ଶିକ୍ଷକ କମନ୍‌ରୁମ୍‌ରେ ମୋତେ ଘେରିଗଲେ । ହେଡ-ମାଷ୍ଟର ମହାଶୟ କହିଲେ, "କନ୍‌ଗ୍ରେଚୁଲେଶନ, (ଅଭିନନ୍ଦନ) ଶ୍ୟାମ

ବାବୁ ! ମାଷ୍ଟର ଗୃହକଣ୍ଟରେ ଆପଣଙ୍କ ପରି ଭାଗ୍ୟବାନ ଲୋକ ଖୁବ୍ କମ୍ ଲୋକ ଦେଖିଛୁ । ଆମର ଯାହା ଦୋଷ ତ୍ରୁଟି ଯଦି ହୋଇ-ଥାଏ, ସବୁ କ୍ଷମା କରିବେ । ଆଉ ଗରିବ ମାଷ୍ଟରମାନଙ୍କ ଉପରେ ଦୟା ରଖିଥିବେ । ଏଣୁ ଏଣିକି କଣ କରିବେ ବୋଲି ଠିକ୍ କରିଛନ୍ତି ।"

ମୁଁ କହିଲି, "କିଛୁ ଠିକ୍ କରି ନାହିଁ । ଅନ୍ତତଃ କିଛିଦିନ ଏହି କାମ କରିବି ବୋଲି ଠିକ୍ କରିଛି ।"

ହେଡ଼ମାଷ୍ଟର କହିଲେ, "ବେଶ୍ ତ ! ଭାବି ଚିନ୍ତି ଅନ୍ୟ ଗୋଟିଏ ରୋଜଗାର ଧରନ୍ତୁ । ମାଷ୍ଟରମାନଙ୍କର ଦୁର୍ଦ୍ଦଶା ତ ଆପଣ ଅଙ୍ଗେ ନିଭାଇଛନ୍ତି ।"

ଆଉ ଜଣେ ଶିକ୍ଷକ କହିଲେ, "ଶ୍ୟାମବାବୁ, ଆଜି ଏ ଶୁଭ ଦିନରେ ଗୋଟିଏ ଟି'ପାର୍ଟି ହେଉ ବୋଲି ଠିକ୍ ହେଲା ପରେ ।"

ସମସ୍ତେ ତାଙ୍କ କଥାକୁ ସମର୍ଥନ କଲେ । ମୁଁ କହିଲି, "ମୁଁ ମୁଁ ପ୍ରସ୍ତୁତ; କିନ୍ତୁ ଏତେ ଅଳ୍ପ ସମୟ ଭିତରେ ବରାଦ ଦେଇ ଜିନିଷ ତିଆରି କରିବା ତ ଅସମ୍ଭବ ।"

ଉପର୍ଯ୍ୟୁକ୍ତ ଶିକ୍ଷକ କହିଲେ, "ଆପଣ ଭାବୁଛନ୍ତି କାହିଁକି ? ଆପଣ ଖାଲି ଅନୁମତି ଦିଅନ୍ତୁ । ସବୁ ଠିକ୍ ହୋଇଯିବ ।"

ମୁଁ ବିନୀତ ଭାବରେ କହିଲି, "ଏଥିରେ ଅନୁମତି କଥା କଣ ଅଛି ? ଆପଣମାନଙ୍କର ଆଦେଶ ଶିରୋଧାର୍ଯ୍ୟ ।"

"ଶ୍ୟାମବାବୁଙ୍କର ଉତ୍ତରୋତ୍ତର ବୃଦ୍ଧି ହେଉ ।" ହାସ୍ୟରୋଳରେ କମନ୍ ରୁମ୍ ମୁଖରିତ ହୋଇ ଉଠିଲା । ସେ ଦିନ ଜଳଖିଆ ଓ ଟି' ବାବଦ ବିଲ୍ ହେଲା ପନ୍ଦର ଟଙ୍କା ।

ତନିଦିନ ପରେ । ସେ ଦିନ ଥାଏ ଗୁରୁବାର । ସ୍କୁଲରେ ପହୁଞ୍ଚିଲା ସମୟରେ ସ୍କୁଲ ପିଅନ୍ ଖଣ୍ଡିଏ ଚିଠି ଦେଲା । ଖୋଲି ଦେଖିଲି ରୋଭର୍ସ କ୍ଲବ ମେନେଜରଙ୍କଠାରୁ ଆସିଛି ଚିଠି ଖଣ୍ଡିକ । ସେଥିରେ ଲେଖାଅଛି:—

**ପ୍ରିୟ ମହାଶୟ,**

ଅତି ଦୁଃଖର ସହିତ ଲେଖିବାକୁ ହେଉଛି ଯେ ଆମ ଅଫିସରୁ ଯେଉଁ ଟେଲିଗ୍ରାମ୍ ଯାଇଥିଲା, ଅଫିସ ଅସାବଧାନତା ଯୋଗୁଁ ସେଥିରେ ତ୍ରୁଟି ରହିଯାଇଛି । ଆମେ ଟିକଟ୍ ତାଲିକା ଖୋଲିଲା ବେଳକୁ ଦେଖିଲୁଁ, ସମ୍ବଲପୁରର ଦୁଇଜଣ ଶ୍ୟାମସୁନ୍ଦର୍ ମିଶ୍ର ଟିକଟ୍ କିଣିଛନ୍ତି । ଅନ୍ୟ ଜଣକ ହେଉଛନ୍ତି ଔଷଧ ବିକ୍ରେତା । ତାଙ୍କର ଟିକଟ୍ ନମ୍ବର ୦୦୭୮୦୯୧ ଓ ଛଦ୍ମନାମ 'ବ୍ୟବସାୟ' । ସେହି ଟିକଟ ଖଣ୍ଡିକ ଲଟେରୀରେ ଉଠିଛି । ଆପଣଙ୍କର ଟିକଟ୍ ନମ୍ବର ଅଲଗା ଓ ଛଦ୍ମନାମ 'ସୌଭାଗ୍ୟ ।' ଭୁଲ୍ ଜଣାପଡ଼ିଲା ପରେ ତାଙ୍କଠାକୁ ସ୍ୱତନ୍ତ୍ର ତାର ଆଜି ପଠାଯାଇଛି । ଏ ଭୁଲ୍ ଯୋଗୁଁ ଆମେ ଆପଣଙ୍କୁ ଯେଉଁ ଅସୁବିଧାରେ ପକାଇଲୁଁ, ସେଥିପାଇଁ କ୍ଷମା ଦେବେ ବୋଲି ଆଶା ।"

ଇତି
ଆପଣଙ୍କର ବିଶ୍ୱସ୍ତ
ଇତ୍ୟାଦି

ଚିଠି ଖଣ୍ଡିକ ପଢ଼ି ମୋର ମୁଣ୍ଡ ଘୁରିଗଲା । ହିମାଳୟର ସର୍ବୋଚ୍ଚ ଶୃଙ୍ଗରୁ ପ୍ରଶାନ୍ତ ମହାସାଗରର ଅତଳସ୍ପର୍ଶ ଜଳକୁ ଫିଙ୍ଗି ଦେଲା ପରି ମନେ ହେଲା । ମୁଣ୍ଡରେ ହାତ ଦେଇ ଘଡ଼ିଏ ବେଳ ବସିଗଲି ।

ତା ପରେ କମ୍ପିତ ହସ୍ତରେ ଛୁଟି ଦରଖାସ୍ତ ଖଣ୍ଡିଏ ଲେଖି ହେଡମାଷ୍ଟରଙ୍କ ପାଖକୁ ଯାଇ କହିଲି, "ଆଜି ଖୁବ୍ ମୁଣ୍ଡବଥା ହେଉଛି । ମୋତେ ଛୁଟି ଦିଅନ୍ତୁ ।"

ହେଡମାଷ୍ଟର ମହାଶୟ କହିଲେ, "ଆପଣ ବୃଥା ପରିଶ୍ରମ ବହୁତ କରୁଛନ୍ତି । ଆପଣ କିଛିଦିନ ବିଶ୍ରାମ କରିବା ଉଚିତ । ନ ହେଲେ ପୂଜା ପରେ ସ୍ୱାସ୍ଥ୍ୟକର ସ୍ଥାନକୁ ଯାଇ କିଛି ଦିନ ବାୟୁ ପରିବର୍ତ୍ତନ କରିବା ଉଚିତ । ଯାଆନ୍ତୁ ।"

ହେଡ୍‌ମାଷ୍ଟରଙ୍କ ହିତୋପଦେଶ ବିଦ୍ରୂପ ଭଳିଆ ଲାଗୁଥାଏ ମୋତେ । ସମସ୍ତ ଆଶା ଓ ଉଚ୍ଚାକାଂକ୍ଷାକୁ ଚିତାଦଗ୍ଧ କରି ଶ୍ମଶାନ ପ୍ରତ୍ୟାଗତ ବ୍ୟକ୍ତି ପରି ଶୁଷ୍କମୁଖରେ, ବୈରାଗ୍ୟପୂର୍ଣ୍ଣ ମନରେ ଫେରିଲି ଘରକୁ ।

(ଚତୁରଙ୍ଗରେ ପ୍ରକାଶିତ)

—*—

# ମାଟିର ମାୟା

( ୧ )

ରାମ ପଧାନ ଖେତରୁ ଧାନ କାଟିଲାବେଳେ ଖେତଟି ଅଧାଖିଅର ହୋଇଥିବା ମନୁଷ୍ୟର ମୁଣ୍ଡ ପରି ଦେଖା ଯାଉଥାଏ । କିନ୍ତୁ ରାମ ପଧାନର ସେ ଆଡ଼େ ନଜର ନ ଥାଏ । ସେ ଏକ ମନରେ ଧାନ କାଟି ଚାଲିଥାଏ । ହେମନ୍ତ ପ୍ରଭାତର କୋମଳ ସୂର୍ଯ୍ୟକିରଣ ତା ଦେହକୁ ସ୍ପର୍ଶ କରି ତାର ମନକୁ ମଧ୍ୟ ଉଜ୍ଜ୍ୱଳ କରି ଦେଉଥାଏ । ଭାଗବତରୁ ପଦେ ଗୁଣୁ ଗୁଣୁ କରି ଗାଇଁ ଗାଇଁ ସେ ନିଜ କାମରେ ମାତି ଚାଲିଥାଏ ।

ତାର ଚାରିଆଡ଼େ ଦିଗନ୍ତବିସ୍ତୃତ ଧାନ ଖେତମାନ ଗୋଟିଏ ସବୁଜ ସମୁଦ୍ର ପରି ବିସ୍ତୃତ ହୋଇ ରହିଥାଏ । ଶୀତଳ ପ୍ରଭାତ ବାୟୁ ଧାନଗଛଗୁଡ଼ିକୁ ଲହରାଇ ଦେଇ ଯାଉଥାଏ । ଚାରିଆଡ଼େ ଯେତେ-ଦୂର ଆଖି ପାଇବ, ତଳେ ଏକ ସବୁଜ ସମୁଦ୍ର ପରି ଧାନ ଖେତମାନ, ଆଉ ଉପରେ ମେଘହୀନ ନିର୍ମଳ ଆକାଶ ଦିଗ୍‌ବଳୟର ଘନ ନୀଳ ପର୍ବତମାଳାରେ ମିଶିଗଲା ପରି ଜଣା ପଡ଼ୁଥାଏ । ମଝିଁ ମଝିଁରେ ଉଚ୍ଚ ବୃକ୍ଷମାନ କେବଳ ସେ ଅନବଚ୍ଛିନ୍ନତାକୁ ଭଙ୍ଗ କରୁଥାଏ ।

ରାମ ପଧାନ ଆଜି ଆନନ୍ଦରେ ଉଚ୍ଛ୍ୱସିତ । ଏ ବର୍ଷ ଫସଲ ଖୁବ୍ ଭଲ ହୋଇଛି । ତା ପରେ ଧାନର ଦର ଖୁବ୍ ବଢ଼ି ଯାଇଥିବା ଯୋଗୁଁ ସେ ସାହୁକାର ମଦନ ସାହୁର ଋଣ ଏ ବର୍ଷ ପରିଶୋଧ କରି

ସାହୁକାରଠାରେ ବନ୍ଧକ ଦେଇଥିବା ତାର ଜମିମାନ ଏ ବର୍ଷ ମୁକୁଳାଇ ପାରିବ ବୋଲି ଆଶା କରୁଛି । ଆଜି ସକାଳେ ଖେତର ଏ ଲକ୍ଷ୍ମୀକୁ ଖଳାକୁ ନେବ ବୋଲି ଆନନ୍ଦରେ ତାର ହୃଦୟ ଭରି ଉଠୁଥାଏ । ଗଲା ବର୍ଷ ମଧ୍ୟ ଏହିପରି ସେ ଭଲ ଫସଲ ପାଇଥିଲା; ମାତ୍ର ଗତବର୍ଷ ତାର ବଳଦ ହଳକଯାକ ମରିଯିବାରୁ ଖର୍ଚ୍ଚବାବଦ ବଳିଥିବା ଧାନ ବିକି ବଳଦ ହଳେ କିଣିବାକୁ ବାଧ୍ୟ ହୋଇଥିଲା । କିନ୍ତୁ ଏ ବର୍ଷ ସେ ମହାଜନର ଋଣ ଶୁଝି ପାରିବାର ଆଶା କରିଥିଲା । ଏ ବର୍ଷ ଋଣ ଶୁଝି ଜମି ଖଣ୍ଡିକ ମକୁଳାଇ ପାରିଲେ ଆସନ୍ତାବର୍ଷ ଝିଅର ବାହାଘର କରି ପାରିବାର କଥା ସେ ଭାବୁଥାଏ ।

ତାର କାମ ସରି ଆସିଲା ସମୟରେ କିଛି ସମୟ ପର୍ଯ୍ୟନ୍ତ ବିଶ୍ରାମ କରିବା ପାଇଁ ଠିଆ ହେଲା ବେଳେ ସେ ଦେଖିଲା, ସମନ ଚପରାଶୀ ଜଣେ ଗାଆଁକୁ ଆସୁଛି । ଅଦାଲତ ଚପରାଶୀମାନେ ଏ ଗାଆଁକୁ ଆସିବା କିଛି ନୂଆଁ କଥା ନୁହେଁ, କାରଣ ସାହୁକାର ମଦନ ସାହୁର ମୋକଦ୍ଦମାମାନଙ୍କରେ ପ୍ରତିବାଦୀମାନଙ୍କ ଉପରେ ସମନ ଜାରି କରିବା ପାଇଁ ଚପରାଶୀମାନେ ପ୍ରାୟ ପ୍ରତି ମାସ ଦୁଇ ତିନିଥର ଏ ଗାଆଁ ବାଟେ ଦେଇ ଯାଆନ୍ତି ।

ରାମ ପଧାନ ସକାଳର ଧାନ କଟା ଶେଷ କରି ଗାଆଁକୁ ଫେରିଲା ବାଟରେ ଡେରି ଘରଠାରେ ଦେଖିଲା—ଗାଆଁର ଗୌନ୍ତିଆ, ପଞ୍ଚ ଓ ଗାଆଁର ଅନ୍ୟାନ୍ୟ ଲୋକମାନେ ଜମା ହୋଇଛନ୍ତି ଓ ଚପରାଶୀ ସଙ୍ଗେ ଖୁବ୍ ପାଟି କରି କଥାବାର୍ତ୍ତା ଲଗାଇଥାନ୍ତି । ଗୌନ୍ତିଆ କହୁଥାଏ:—

"ଆମେ ଏ ନୋଟିସ୍ ନେବୁଁ ନାହିଁ । ଜାଣି ଶୁଣି କିପରି ନିଜ ଗଳାରେ ଛୁରି ଚଳାଇବୁଁ ?"

ଚପରାଶୀ କହୁଥାଏ, "ନେବା ନ ନେବା ତୁମମାନଙ୍କର ଇଚ୍ଛାର କଥା । କିନ୍ତୁ ନୋଟିସ୍ ନ ନେଲେ କିଛି ଲାଭ ନାହିଁ । ମୁଁ ତେରାଘରେ ଏ ନୋଟିସ୍‌ରୁ ଏକ କପି ଲଗାଇ ଦେଇ ନୋଟିସ୍‌ରେ ଲେଖିଦେବି ଯେ ଗାଆଁ ଗୌନ୍ତିଆ, ପଞ୍ଚ ଓ ଲୋକେ ନୋଟିସ୍ ନେବାକୁ ଅସ୍ୱୀକାର କଲେ । ସେଥିରେ ତୁମମାନଙ୍କ ଉପରେ ଏକତରଫା ବିଚାର ହୋଇଯିବ । ସେଥିରୁ ଭଲ ହେବ ତୁମେ ଏ ନୋଟିସ୍ ନେଇ ଅଦାଲତରେ ଯାଇ ଆପତ୍ତି ଦରଖାସ୍ତ ଦିଅ ଏବଂ ସାହେବଙ୍କ ଆଗରେ ସବୁ କଥା ବୁଝାଅ ।"

"ତୁମର ମନରେ କଣ ଟିକିଏ ହେଲେ ଦୟାଧର୍ମ ନାହିଁ ଯେ ଏପରି ଜୋର ଜବରଦସ୍ତି ଆମକୁ ନୋଟିସ୍ ନେବାକୁ ବାଧ୍ୟ କରୁଛ ?" ଗୌନ୍ତିଆ ପଚାରିଲା ।

ଚପରାଶୀ କହିଲା, "କଣ କରିବି ଗୌନ୍ତିଆ, ଆଜ୍ଞା ? ପେଟ ଲାଗି କେତେ କଥା କରିବାକୁ ପଡ଼ୁଛି । ଆଜି ମୁଁ ଏ କାମ ନ କଲେ, ଅନ୍ୟ କେହି ହେଲେ ତ ଏ କାମ କରନ୍ତା । ଏଥିରେ ଆମ ପରି ଗରିବ ଲୋକଙ୍କୁ ଦୋଷ ଦେଲେ କଣ ହେବ ? ସରକାର ହେଲା ମାଆ ବାପ । ସେ ସମସ୍ତଙ୍କୁ ପୋଷୁଛି । ସେ ଯଦି ତୁମକୁ ଘରଦ୍ୱାର ଛାଡ଼ି ପଳାଇଯିବାକୁ ହୁକୁମ ଦିଏ, ତେବେ ମୋତେ ଦୋଷ ଦେଲେ କଣ ହେବ ? ସରକାର ଦୁଆରେ ଯାଇ ଆପତ୍ତି କରିବ । ସରକାର ମାରିବ ତ ମାରିବ, ତାରିବ ତ ତାରିବ ।"

"ହଁ ଠିକ୍ କହୁଛ । ତୁମର ଆଉ ଦୋଷ କଅଣ ? ସରକାର ଯଦି ଆମର ମାଆ ବାପ ହୋଇ ଆମକୁ ମାରି ଦେବ, ତେବେ ଆଉ କାହା ପାଖରେ ଶରଣ ପଶିବା ?"

"ତେବେ ହଁ, ଗୋଟିଏ କଥା । ତୁମର ଜମିବାଡ଼ି ନେଲା-ବେଳେ ତୁମର ଜମିର ଉଚିତ ଦାମ୍ ସରକାର ତୁମକୁ ଦେବ ।

ସେଥିରେ ତୁମେ ଅନ୍ୟ ଜାଗାରେ ଜମିବାଡ଼ି କିଣି ଘରଦ୍ୱାର କରି ରହିପାରିବ ।"

ସାମ ଏ ସବୁର ଅର୍ଥ କିଛି ବୁଝିପାରୁ ନ ଥାଏ । ସେଠାରେ ମୂଲକୁ ଠିଆ ହୋଇଥିବା ତାହାର ପଡ଼ୋଶୀ ଖେଲୁକୁ ପଚାରିଲା—"କାହିଁର ନୋଟିସ୍ ଆସିଛି ?"

ଖେଲୁ କହିଲା, "ଗାଆଁ ଯାକ ଏକୁଆର୍ ହେବ ପରା । ସେଥିପାଇଁ ଏକୁଆର୍ ନୋଟିସ୍ ଆସିଛି ।"

ସାମ କହିଲା, "ଏକୁଆର୍ ନୋଟିସ୍ କଣ ?" ସେ ବୁଝି ପାରୁ ନ ଥାଏ ।

ଖେଲୁ କହିଲା, "ଏ ଗାଆଁରେ ଯେତେ ଜମିବାଡ଼ି ଘରଦ୍ୱାର ଅଛି ସେ ସବୁ ସରକାର ନେଇଯିବ ଓ ଜମିବାଡ଼ି ଘରଦ୍ୱାରର ଉଚିତ ଦାମ୍ ଦେଇଦେବ । ଆଉ ଏ ଗାଆଁର ଘରଦ୍ୱାର ଭଙ୍ଗାଯାଇ ଏଠାରେ ଉଡ଼ାଜାହାଜ ପଡ଼ିଆ ତିଆରି ହେବ । ସେଥିପାଇଁ ଏ ଯେଉଁ ନୋଟିସ୍ ଆସିଛି, ଏଇଟାକୁ ଏକୁଆର୍ ନୋଟିସ୍ ବୋଲି କୁହାଯାଉଛି ।"

ସାମ କହିଲା, "ଜମିବାଡ଼ି ସବୁ ସରକାର ନେଇଗଲେ ଆମେ କେଉଁଠାକୁ ଯିବା ? କେଉଁଠାରେ ଏମିତି ଜମିବାଡ଼ି ପାଇବା, ଘର ଦ୍ୱାର କରିବା ?"

ଗାଆଁଲୋକ କହୁଥାଏ, "ଆମେ ଟଙ୍କା ପଇସା ନେବୁଁ ନାହିଁ, ଆଉ ଜମିବାଡ଼ି ଛାଡ଼ିବୁଁ ନାହିଁ । ସରକାର ଯାହା କରିବ କରୁ ।"

ଚପରାଶୀ କହିଲେ, "ତୁମେ ନିଜ ଇଚ୍ଛାରେ ଜମିବାଡ଼ି ନ ଛାଡ଼ିଲେ ସରକାର ସିପାହୀ ଫୌଜ ଲଗାଇ ତୁମକୁ ତଡ଼ି ଦେବ । ତୁମର ଘରଦ୍ୱାର ଜବରଦସ୍ତି ଭାଙ୍ଗି ଦେବ ଆଉ ଏଠାରେ

ଉଡ଼ାଜାହାଜ ପଡ଼ିଆ କରିବ । ଜାପାନ ସଙ୍ଗେ ଆମ ସରକାରର ଯେଉଁ ଯୁଦ୍ଧ ହେଉଛି ସେଥିରେ ଜାପାନ ପକ୍ଷର ଉଡ଼ାଜାହାଜ ଆକ୍ରମଣରୁ ଏ ଦେଶକୁ ରକ୍ଷା କରିବା ପାଇଁ ଦେଶର ଚାରିଆଡ଼େ ଉଡ଼ାଜାହାଜ ପଡ଼ିଆମାନ ତିଆରି ହେଉଛି । କେତେ ଲୋକଙ୍କର ଜମିବାଡ଼ି ଘରଦ୍ୱାର ନିଆଯାଇ ସେଠାରେ ଉଡ଼ାଜାହାଜ ପଡ଼ିଆ ତିଆରି ହେଉଛି । ତୁମେ ଛାଡ଼ି ନ ଗଲେ ମଧ୍ୟ ସରକାର ତୁମକୁ ଉଠେଇ ଦେଇ ଏଠାରେ ନିଶ୍ଚୟ ଉଡ଼ାଜାହାଜ ପଡ଼ିଆ ତିଆରି କରିବ । ସେ ବିଷୟରେ ଆପତ୍ତି କଲେ କିଛି ଲାଭ ନାହିଁ । ହଁ, ଯଦି ଟଙ୍କା ବିଷୟରେ ଭଲ ଭାବରେ ଆପତ୍ତି କରିପାରିବ, ତେବେ ଜମିବାଡ଼ି ପାଇଁ ବେଶି ଟଙ୍କା କ୍ଷତିପୂରଣ ପାଇବ ଓ ସେଥିରେ ଅନ୍ୟ ଜାଗାରେ ଜମିବାଡ଼ି କିଣି-ପାରିବ ଓ ଘରଦ୍ୱାର ତିଆରି କରି ପାରିବ । ଯାହାହେଉ ସବୁ କଥା ମୁଁ ତୁମକୁ ବୁଝାଇ ଦେଲି । ବର୍ତ୍ତମାନ ଏ ନୋଟିସ୍‌ରେ ଦସ୍ତଖତ ଦେଇ, ଏଥର ନକଲ ଏକ କପି ନିଅ ।"

ଗୌନ୍ତିଆ ଯନ୍ତ୍ରଚାଳିତ ପରି ନୋଟିସ୍‌ରେ ଦସ୍ତଖତ ଦେଇ କହିଲା, "ହଉ ।" ଅନ୍ୟମାନେ ମଧ୍ୟ ସେଇୟା କଲେ ।

( ୬ )

ଖବରଟି ବିଜୁଳି ପରି ମୁହୂର୍ତ୍ତକ ମଧ୍ୟରେ ଗାଆଁ ସାରା ବ୍ୟାପି-ଗଲା । ସମସ୍ତଙ୍କ ମନରେ ଶୋକର, ନିରୁପାୟତାର ଗୋଟିଏ ଛାୟା ଖେଳିଗଲା ପରି ଜଣା ପଡ଼ୁଥାଏ । ରାମ ଯେତେବେଳେ ଗାଧୋଇ ମାଧୋଇ ଘରକୁ ଆସି ଖାଇବାକୁ ବସିଲା, ସେତେବେଳେ ସେ ତାର ସ୍ତ୍ରୀ ଉଷାକୁ କହିଲା, "ଆଜି ଯେ ମୁହଁକୁ ପଖାଳ ଗୁଣ୍ଡା ଉଠୁ ନାହିଁ । ସରକାର କହୁଛି, ଘର, ଦ୍ୱାର, ଜମି, ବାଡ଼ି ଛାଡ଼ି ଏ ଗାଆଁରୁ ବାହାରି ଯାଅ । କାହିଁ ଯିବା, କେଉଁଠି ରହିବା ଏ ସବୁ କଥା

ଭାବିଲା ବେଳକୁ ଆଖି, କାନ ଅନ୍ଧାର ଦେଖାଯାଉଛି । ସାତ ପୁରୁଖାର ରକ୍ତ ମାଉଁସରେ ଗଢ଼ା ହୋଇଥିବା ଜମିବାଡ଼ି ଛାଡ଼ି ଚାଲିଯାଅ ବୋଲି କହିବା କେତେ ସହଜ; କିନ୍ତୁ ଛାଡ଼ି ଚାଲିଯିବା କଥା ଭାବିଲେ ବୁଦ୍ଧି ଭାବି ହେଉନାହିଁ । ଜନମ ହେଲା ଦିନୁ ଅନ୍ୟ ଗାଁ କେଉଁଠା ବୋଲି ଜାଣି ନାହିଁ । ଗାଆଁ ଛାଡ଼ି ଦୁଇଦିନ କେଉଁଠି ଅନ୍ୟ ଗାଆଁକୁ ଗଲେ ମନଟା ସବୁବେଳେ ଘରମୁହାଁ ହୋଇ ଘରକୁ ଫେରି ଆସିବାକୁ ମନ ହେଉଥାଏ··· । ଏବେ ସବୁଦିନ ପାଇଁ ଘର ଛାଡ଼ି ଯିବାକୁ ହେବ ।"

ଊଷା କହିଲା, "ସାହେବ ଦଇବ ଯାହା କହୁଛି, ତାହା କରିବ । ଆମେ କେଉଁଠାକୁ ଯିବା, ତାର ଗୋଟିଏ ଉପାୟ କର ।"

ରାମ କହିଲା, "କଣ ଆଉ ଉପାୟ କରିବା ? ଏ ଜମି ଉପରେ କେତେ ଆଶା ଭରସା ଥିଲା । ବନ୍ଧକ ଜମି ଖଣ୍ଡିକ ମୁକୁଳାଇ ପିତୃପୁରୁଖାର ଋଣ ଶୁଝିବାର ଆଶା ଥିଲା । ଋଣ ଶୁଝିସାରି ଆସନ୍ତା ବର୍ଷ ନୁନି (ଝିଅ)ର ବାହାଘର କରିବାର ଆଶା ଥିଲା । ସବୁ ଆଶା ମାଟି ହୋଇଗଲା । କିଛି ବୁଦ୍ଧି ଦିଶୁନାହିଁ ।"

ଊଷା କହିଲା, "ଗାଆଁ ଲୋକେ କଣ କହୁଛନ୍ତି ? ଅନ୍ୟ ଲୋକେ ତ କିଛି ନା କିଛି ରାସ୍ତା ଖୋଜି ବାହାର କରୁଥିବେ ? ସେମାନେ ଯେଉଁ ରାସ୍ତାରେ ଯିବେ, ଆମେ ବି ସେହି ରାସ୍ତାରେ ଯିବା । ଅନ୍ୟ ଗାଆଁରେ ଜମି ପାଇଲେ, ଜମି ଖଣ୍ଡିଏ କିଣି ସେହିଠାରେ ଗୃହବାସ କରି ରହିବା, ଆଉ ନ ହେଲେ ଅନ୍ୟ ଉପାୟ କଣ ଅଛି ? ନାହିଁ ମାମୁଁଠାରୁ କଣା ମାମୁଁ ଭଲ ।

ରାମ କହିଲା, "ନୁନିର ମା, ମୁଁ ବୁଦ୍ଧି ଜାଣିଲା ଦିନଠାରୁ ଏହି ଜମିରେ ଚାଷ କରି ଆସିଛି । ମୋର ସବୁ ସୁଖ ଦୁଃଖର ସାଙ୍ଗ ପରି ଏହି ଜମି ମୋତେ ସବୁ ଦିନ ପୋଷି ଆସିଛି । ଆଜି ମୋର ବାପା

ଯେତେବେଳେ ବଞ୍ଚିଥିଲେ, ସେ ମଧ୍ୟ ଏହି ଜମିକୁ ନିଜର ଜୀବନଠାରୁ ବେଶି ଆଦର କରୁଥିଲେ । ଏ ଜମିର ପ୍ରତ୍ୟେକ ଘାସ, ଲଠା ସଙ୍ଗେ ଆମର ବାପ ଅଜାଙ୍କର ଯେମିତି ଚିହ୍ନା ପରିଚୟ ଅଛି । ଆମର ବାପ, ଅଜା ସମସ୍ତଙ୍କର ରକ୍ତ, ମାଉଁସ ଏହି ଜମିର ଫସଲରେ ଗଢ଼ା ହୋଇ ଆସିଛି । ଅନ୍ୟ ଜାଗାରେ ନୂଆଁ ଜମି ନୂଆଁ ଘରଦ୍ୱାର କଣି ଗୃହ କରି ରହିବାକୁ ଆଉ ମନ ହେଉନାହିଁ । ମାଆ ପରି ଆମକୁ ପୋଷୁଥିବା ଏ ଜମିକୁ ଛାଡ଼ି ଅନ୍ୟ କେଉଁ ଜମିର ଆଶ୍ରା ନେବାକୁ ମନ ହେଉନାହିଁ । ଘରଦ୍ୱାର, ଜମିବାଡ଼ି, ବନ୍ଧୁ କୁଟୁମ୍ବ ଛାଡ଼ି ଯଦି ଚାଲିଯିବାକୁ ହୁଏ ତେବେ ବାବାଜି ହୋଇ ବାହାରି ଯିବା ଭଲ ।”

ଉଷା କହିଲା, “ପାଗଲ ।”

ରାମ କହିଲା, “ପାଗଲ । ହଁ ଆଜି ସତେ ଯେମିତି ପାଗଲ ପରି ଲାଗୁଛି । ନୁନ୍ନିର ବାହାଘରଟା କୌଣସି ପ୍ରକାରେ ଶୀଘ୍ର ସାରିଦେଲେ, ଆମେ ଦୁଇପ୍ରାଣୀ ଅନ୍ୟ କେଉଁ ଦୂର ମୁଲକକୁ ବାହାରି ଯିବା, ଯେଉଁଠାରେ କି ଗୃହବାସର ନାମ ସୁଦ୍ଧା ନାହିଁ । କାଲିମାଟି କି ପେପରମିଲ୍‌କୁ ଯାଇ ସେଇଠାରେ କୁଲି କାମ କରିବି ଯେପରି କି ଆଉ ଏ ଘରଦ୍ୱାର ଜମିବାଡ଼ି ସବୁ ଭୁଲି ହୋଇପାରିବ ।”

## ( ୩ )

ଚାରି ମାସ ପରେ—

ରାମ ପଧାନ ଜୁଆଇଁ ଓ ସ୍ତ୍ରୀ ସାଙ୍ଗରେ ପେପରମିଲ୍‌କୁ ବାହାରି ପଡ଼ିଲା । ଏ ଚାରିମାସ ମଧ୍ୟରେ ସେ ଝିଅର ବାହାଘର ଶେଷ କରି ଦେଇଥିଲା । ଅନେକ ଖୋଜି ଖୋଜି ଝିଅ ପାଇଁ ବର ଠିକ୍ କଲା ପାଖ ଗାଆଁରେ । ତାର ଜୁଆଇଁ କାମ କରୁଥିଲା ଓରିଏଣ୍ଟ କାଗଜ କଲରେ । କ୍ଷତିପୂରଣ ବାବଦ ପାଇଥିବା ସବୁ ଟଙ୍କା ଝିଅ ଜୁଆଇଁଙ୍କୁ

ଦେଇ କାଗଜ କଲକୁ ଯାଇ ରୋଜଗାର କରି ଖାଇବାର ବ୍ୟବସ୍ଥା କରିଥିଲା । ତାର ଜୁଆଇଁ ବିବାହର ମାସକ ପରେ ମିଲ୍‌ରେ ରାମ ପଧାନ ପାଇଁ ଗୋଟିଏ କାମର ବନ୍ଦୋବସ୍ତ କରି ତାହାକୁ ସଙ୍ଗରେ ନେବା ପାଇଁ ଆସିଛି । ଆଜି ରାମ ପଧାନ ମନରେ ଘୋର ଉଦ୍‌ବେଗ ।

ତାର ପଡ଼ୋଶୀ ଖେଳୁ ଆସି କହିଲା, "ଆଜି କଣ ବାହାରି ପଡ଼ିଲ ?"

ଶୋକରେ ରାମର କଣ୍ଠ ରୁଦ୍ଧ ହୋଇ ଆସୁଥାଏ । ଜନ୍ମମାଟି, ଘରଦ୍ୱାର, ସାଇ ପଡ଼ିଶାମାନଙ୍କଠାରୁ ସବୁଦିନ ପାଇଁ ଦୂରକୁ ଚାଲି-ଯିବାର କଥା ଭାବି ତାର ଶୋକାକୁଳ ମୁହଁରୁ କଥା-ବାହାରୁ ନ ଥାଏ ।

ଖେଳୁ କହିଲା, "ଏତେ ଚଞ୍ଚଳ ଏ ଗାଁ ଛାଡ଼ିଯିବାଟା ତୁମର ଠିକ୍ ହେଲା ନାହିଁ । ଆମେମାନେ କଣ ଦିନେ ଯିବୁ ନାହିଁ ? ଯିବା ସମୟରେ ସାଙ୍ଗ ହୋଇ ଯାଇଥିଲେ ଭଲ ହୋଇଥାନ୍ତା । ବର୍ତ୍ତମାନ ଉଡ଼ାଜାହାଜ ପଡ଼ିଆ ତିଆରି ପାଇଁ ଏଠାରେ ଯେତିକି ରୋଜଗାରର ଉପାୟ ଅଛି, ପେପର୍ ମିଲ୍‌କୁ ଗଲେ ତହିଁର ଛଅ ଭାଗରୁ ଭାଗେ ବି ରୋଜଗାର କରି ପାରିବ ନାହିଁ ତୁମେ । ମୋର କଥା ମାନ । ମୁଁ ତୁମକୁ ଆଗରୁ କେତେ ଥର କହିଲଣି, ବର୍ତ୍ତମାନ କିଛି ଦିନ ଏଇ ଗାଆଁରେ କାମ କର । ମୁଁ ଆଉ ଅନ୍ୟ ଲୋକେ ଯେମିତି ଟାଙ୍ଗି ଖଣ୍ଡିଏ ଖଣ୍ଡିଏ ବାହି, ଇଟା, ପଥର କାମ ଜାଗାକୁ ନେଉଛୁଁ ସେମିତି କାମ କଲେ, କି ଠିକାଦାର ତଳେ ମେଟ୍ କାମ କଲେ, ଇଟା ତିଆରି କାମର ଜିମା ନେଲେ ଏଇଠାରେ ମାସିକ ଶହେ ଟଙ୍କା ରୋଜଗାର କରି ପାରିବ । ଆଜିଠାରୁ ଏ ଜାଗା ଛାଡ଼ି ଯିବାଟା ଭୁଲ କାମ କରୁଛ ।"

ରାମ ପଧାନ କହିଲା, "ଖେଳୁ ଭାଇ, ଯେଉଁ ଜାଗାରେ ଚାଷୀ ହୋଇ, ନିଜର ରୋଜଗାର କରି ଗଠି ଖାଇବାକୁ ହେଉଥିଲା,

ସେହି ଜାଗାରେ ପରର ମୁହଁ ଚାହିଁ, କୁଲିଗିରି କରିବାକୁ ବଡ଼ ବାଧିବ । ଯେଉଁ ଜମିରେ ଖତ ଖାର ଦେଇ, ଏତେ ଯତ୍ନ କରି ସୁନା ଫଳାଉଥିଲି, ସେହି ଜମିରେ ଇଟା ତିଆରି କରିବା, ଗୋଟି ପଥର ଦେଇ ସେହି ଜମି ଉପରେ ପକ୍‌କା ରାସ୍ତା ତିଆରି କରିବା ବଡ଼ ବାଧିବ । ମୋ ଦ୍ୱାରା ସେ କାମ ହେବ ନାହିଁ ।"

ଖେଉ ହସିଲା । କହିଲା, "ବାଃ, ଏମିତ ସବୁ କଥା ଭାବି ବସିଲେ ଚଳିବ ନାହିଁ । ରୋଜଗାର କରି ଜୀଇଁ ଖାଇ ହେବ ନାହିଁ ।

ରାମ ପଧାନ କହିଲା, "ମୁଁ ଏଠାରେ କାମ କରିବି ନାହିଁ । ଆଉ ମୁଁ ତ ଆଗରୁ ଠିକ୍ କରି ସାରିଛି ଏଠାରୁ ବାହାରି ଯିବାକୁ । ମଝି ମଝିରେ ମନେ ପକାଉଥିବ ଆମକୁ ।"

ରାମ, ତାର ସ୍ତ୍ରୀ ଓ ଜୁଆଇଁ ସଙ୍ଗେ ତା ପରର ଗାଆଁରୁ ବାହାରି ପଡ଼ିଲେ । ରାମ ପଧାନ ବାକ୍ସବୁଜି-କଣ୍ଟେନର ଆଗେ ଆଗେ ଚାଲିଥାଏ । ପିତୃପୁରୁଷଙ୍କର ଉପାର୍ଜିତ ଜମିକୁ ଶେଷ ଥର ପାଇଁ ଦେଖିବାକୁ ତାର ଇଚ୍ଛା ହେଲା । ସେହି ବାଟେ ସେ ଚାଲିଲା । ଆଜିକି ମାସେ ହେବ ସେ ଖେତ ଆଡ଼େ ଆସି ନାହିଁ । କାରଣ ଯେଉଁ ମାଟିର ମାୟା ସେ ସବୁଦିନ ପାଇଁ ତୁଟାଇ ଦେଇ ସାରିଛି, ସେହି ମାଟିକୁ ଯିବାକୁ ଆଉ ତାର ମନ ବଳିଲା ନାହିଁ । କିନ୍ତୁ ଆଜି ସାରା-ଜୀବନର ସୁଖଦୁଃଖର ସ୍ମୃତିରେ ଜଡ଼ିତ ତାର ଜୀବନର ଆଶ୍ରୟଦାତ୍ରୀ, ପାଳୟିତ୍ରୀ ମାଟିର ମାଆ ଏ ଗାଆଁରେ ରହିବାର ଶେଷ ଦିନରେ, ତାର ଅନିଚ୍ଛା ସତ୍ତ୍ୱେ ତାକୁ ଆକର୍ଷଣ କରିଥିଲା । ସେ ଜମି ପାଖକୁ ନ ପହଞ୍ଚୁଣୁ ସେ ଆଡ଼େ ଆଖି ପକାଇବାରୁ ଦେଖିଲା, ତାର ଜମିରେ ଯେଉଁ ସବୁ ଗଛ ଥିଲା, ତାହା କଟାଯାଇ ମାଟି ସମାନ କରାଯାଇଛି । ଆଉ ତାର ଖେତରେ ଠିକାଦାରମାନଙ୍କର ରହିବା ପାଇଁ ଦୁଇଟି

କୁଡ଼ିଆ ଘର ତିଆରି ହୋଇଛି । ଗୋଟିଏ ଜାଗାରେ ଗୋଟିଏ ବଡ଼ ଇଟାଭାଟି ମାଟିର ଚିତାଳନ ପରି କୁହୁଳୁଛି ।

ତାର ଛାତି ଧକ୍ କରି ଉଠିଲା । ତାର ମନେ ପଡ଼ିଲା ଆଜକୁ ସାତ ବର୍ଷ ତଳର କଥା, ଯେତେବେଳେ ସେ ନିଜର ମାଆର ଚିତାରେ ମୁଖାଗ୍ନି ଦେଇ ଓଲଟା ମୁହଁ କରି ଗାଆଁ ଆଡ଼େ ଫେରି ଯାଇଥିଲା । ଆଜି ମଧ୍ୟ ତାର ହୃଦୟ ସେହି କରୁଣ ଦିନର ସ୍ମୃତିରେ ଭରିଲା ଥାଏ । ତାର ମନରେ ବୈରାଗ୍ୟ ଓ ନିର୍ବେଦର ନିଆଁ କୁହୁଳି ଉଠିଲା । ସେ ଅନ୍ୟ ଆଡ଼େ ମୁହଁ ଫେରାଇ ଅଗ୍ରସର ହେଲା, ଆଉ କହିଲା, "ଚାଲ, ଅନ୍ୟ ବାଟ ଦେଇ ଯିବା ।"

ଊଷା ଓ ତାର ଜୁଆଇଁ, ତାର କଥାଟି ବୁଝିପାରିଲେ ନାହିଁ । ଯନ୍ତ୍ରଚାଳିତ ପରି ତାର ପଛେ ପଛେ ଚାଲିଲେ ।

('ଶଙ୍ଖ' ତୃତୀୟ ଭାଗ, ତୃତୀୟ ସଂଖ୍ୟା
୧୯୪୭ରେ ପ୍ରକାଶିତ )

—*—

# ଅନ୍ଧକାର

( ୧ )

ହେମନ୍ତର ଏକ ଉଜ୍ଜ୍ୱଳ, ଶୀତଳ ପ୍ରଭାତ । ପେଣ୍ଡ୍ରାରୋଡ୍ ଯକ୍ଷ୍ମାନିବାସ ସ୍ୱାସ୍ଥ୍ୟାଗାରର ଏକ ପ୍ରକୋଷ୍ଠରେ ମାଳତୀ ଧୀର ଭାବରେ, ପ୍ରଶାନ୍ତ ଚିତ୍ତରେ ରୋଗଶଯ୍ୟାରେ ଶୋଇଥାଏ । ଏଇ ଶାନ୍ତ, ସ୍ନିଗ୍ଧ, ଶୀତଳ ପ୍ରଭାତ ପରି ମନଟି ତାର । ଭୀଷଣ ଝଞ୍ଜାବୃଷ୍ଟି ସଙ୍କୁଳ ଅଶାନ୍ତ-ବର୍ଷା-ପ୍ରଭଞ୍ଜନମୟୀ ଅନ୍ଧକାର ରାତ୍ରି ପରେ ଶୀତଳ, ରବିକରୋଜ୍ଜ୍ୱଳ, ବାୟୁସଞ୍ଚାରହୀନ ସ୍ନିଗ୍ଧ ପ୍ରଭାତ ପରି ମାଳତୀ ବିଶ୍ରାମହୀନ, ଶାନ୍ତିହୀନ ଅବସାଦମୟ ରାତ୍ରି ଯାପନ ପରେ ନିଶ୍ଚଳ, ଶ୍ରାନ୍ତ ଦେହରେ ଶାୟିତା । ସୁପ୍ରଶସ୍ତ ବାତାୟନ ଦେଇ ବାହାରେ ଦେଖାଯାଏ ଉଦ୍ୟାନରେ ଫୁଟିଥିବା ନାଲି, ନେଳି, ବାଇଗଣି, ଗୋଲାପୀ— ଅନେକ ରଙ୍ଗର ବିଦେଶୀ ଫୁଲ ସଙ୍ଗେ ସଙ୍ଗେ ଗୋଲାପ, ସେବତୀ ଇତ୍ୟାଦି ଅନେକ ଫୁଲର ବଗିଚା—ମାଳତୀର ସ୍ୱାମୀ ବିଜୟର ଅତି ଯତ୍ନବର୍ଦ୍ଧିତ ଆଦରର ସମ୍ପତ୍ତି । ଏଇ ନିରାନନ୍ଦ, ହାହାକାରଭରା, ବାତାବରଣ ମଧ୍ୟରେ ଦୁରାରୋଗ୍ୟ ବ୍ୟାଧିରେ ପ୍ରପୀଡ଼ିତା ପ୍ରିୟତମା ପତ୍ନୀର ଦୁଃଖରେ ଶୋକକାତର ବିଜୟ ଏଇ ବଗିଚାର ଫୁଲଗଛ-ମାନଙ୍କ ଯତ୍ନ ନେବାରେ ଏଇ ଗଛମାନଙ୍କୁ ବଢ଼ାଇବାରେ ନିଜର ଗୁରୁଦୁଃଖକୁ ସମୟ ସମୟରେ ଭୁଲିଯିବାକୁ ଚେଷ୍ଟା କରେ । ବାୟୁ ପ୍ରବାହରେ ନର୍ତ୍ତନଶୀଳ ଏହି ଫୁଲମାନଙ୍କର ଶୋଭା ଦେଖିବାକୁ ବିଜୟ ଭଲ ପାଏ । ସୁରଭି କୁସୁମର ଗନ୍ଧ ଯେତେବେଳେ ମାଳତୀର ଶୟନ କକ୍ଷକୁ ଆମୋଦିତ କରେ, ସେତେବେଳେ ବିଜୟ ଖୁବ୍

ଖୁସି ହୁଏ । ରୋଗ ପୀଡ଼ା ଛଡ଼ା ଅନ୍ୟ ସମୟରେ ମାଳତୀ ଏହି ବିବିଧ ବର୍ଣ୍ଣର ଫୁଲମାନଙ୍କର ନୃତ୍ୟ ଦେଖି ଓ ସୁଗନ୍ଧ ଉପଭୋଗ କରି ସାମାନ୍ୟ ଆନନ୍ଦ ଲାଭ କରେ । ଆଉ ଯେତେବେଳେ ମାଳତୀର ଝରକା ଭିତରେ ବିଜୟ ଗୋଲାପ ଆଦି ସୁନ୍ଦର ଓ ସୁଗନ୍ଧି ଫୁଲମାନ ନିଜେ ଖୋସି ଦିଏ, ସେ ସମୟରେ, ଏତେ ଦୁଃଖରେ ସୁଦ୍ଧା ବିଜୟ ସୁଖର କ୍ଷୀଣ ଆଲୋକ ଦେଖିପାରେ । କାରଣ ସେତେବେଳେ ମାଳତୀର ଦୁଃଖଭାରାକ୍ରାନ୍ତ ହୃଦୟରୁ କେବେ କେବେ ମ୍ଳାନ ହାସ୍ୟର କ୍ଷୀଣ ରେଖା ଫୁଟି ଉଠେ ।

ଦୁଇବର୍ଷ ପୂର୍ବେ ମାଳତୀ ବିଜୟର ଗୃହକୁ ଓ ମନକୁ ଆଲୋକିତ କରିବାକୁ, ଆନନ୍ଦମୟ କରିବାକୁ ନବବଧୂ ରୂପେ ଆସି-ଥିଲା । ଆଜିଠାରୁ ଚାରି ମାସ ପୂର୍ବେ ମାଳତୀ ହଠାତ୍ ରୋଗରେ ପୀଡ଼ିତା ହେବା ପର୍ଯ୍ୟନ୍ତ ଉଭୟଙ୍କର କିନ୍ତୁ କମ୍ ଦୁଇ ବର୍ଷ କାଳ ସୁଖରେ କଟିଯାଇଛି । ଏ ଦୀର୍ଘ ସମୟ ଗୋଟିଏ ମଧୁରାତ୍ରର ମଧୁର ସ୍ୱପ୍ନ ପରି ଉଭୟଙ୍କର ଯେପରି ଅଜ୍ଞାତରେ ପିଚ୍ଛିଳ ଭାବରେ ଅତୀତ ହୋଇଯାଇଛି । ହଠାତ୍ ଉଭୟଙ୍କର ଏ ମଧୁର ଦାମ୍ପତ୍ୟ-ଜୀବନ-ସ୍ୱପ୍ନ ଭାଙ୍ଗିଥିଲା ସେହିଦିନ, ଯେଉଁଦିନ ଉଭୟଙ୍କର ଅର୍ଦ୍ଧରାତ୍ରି ସମୟରେ ମାଳତୀର ଘୋର ରକ୍ତ ବାନ୍ତି ହୋଇ ମାଳତୀ ଓ ବିଜୟ ମନରେ ଏକ ଅବ୍ୟକ୍ତ ଆତଙ୍କର, ବ୍ୟାଧିର ବିକରାଳ, ନଗ୍ନରୂପର ବିଭୀଷିକା ସୃଷ୍ଟି ହୋଇଥିଲା । ସେହିଦିନଠାରୁ ଏହି ଚାରିମାସ ଧରି, ଅତି ଧୀରେ, ଅଥଚ ଅତି ନିଶ୍ଚିତ ଭାବରେ ଯକ୍ଷ୍ମାରୋଗ ମାଳତୀକୁ ଅନ୍ତଃସାର ଶୂନ୍ୟ, ଦିନକୁ ଦିନ ଦୁର୍ବଳରୁ ଦୁର୍ବଳତର, କୃଷ୍ଣପକ୍ଷର ଚନ୍ଦ୍ର-ପରି କ୍ଷୀଣରୁ କ୍ଷୀଣତର କରି ଚାଲିଛି । କିନ୍ତୁ ବିଜୟ ଦୁଇ ବର୍ଷ ପୂର୍ବେ ମାଳତୀକୁ ଯେଉଁ ରୂପ ସ୍ୱପ୍ନମୁଗ୍ଧ ଦୃଷ୍ଟିରେ ଦେଖିଥିଲା, ପ୍ରେମ ବିହ୍ୱଳ ଚିତ୍ତରେ ଭଲ ପାଉଥିଲା, ଆଜି ସୁଦ୍ଧା ସେହି ଦୃଷ୍ଟିରେ

ଦେଖିଲୁଁ ଓ ପୂର୍ବଠାରୁ ଆହୁରି ଅଧିକ ଭଲ ପାଉଛୁ । ମାଲତୀର ଓଷ୍ଠ ଓ ଅଧର ତାର ପୂର୍ବ ଗାଢ଼ ରକ୍ତିମା ହରାଇଛି; କିନ୍ତୁ ତାର ହାସ୍ୟର ମାଦକତା ଅକ୍ଷୁର୍ଣ୍ଣ ରହିଛି; ତାର ନେତ୍ରପ୍ରାନ୍ତରେ ରକ୍ତ-ହୀନତାର ଚିହ୍ନ ସ୍ପଷ୍ଟ ଦେଖାଯାଉଛି । କିନ୍ତୁ ତାର କଟାକ୍ଷର ତୀକ୍ଷ୍ଣତା ଓ ଆୟତଲୋଚନଯୁଗଳର ଚଞ୍ଚଳତା ଯାଇ ନାହିଁ, ତାର ଉଭୟ ଗଣ୍ଡ ଦେଶରେ କୃଶତାର ଛାୟାମାନ ଦେଖା ଦେଇଛି; କିନ୍ତୁ ତାର ତନ୍ବୀ ମୁଖ ଛବିର ଲାବଣ୍ୟରେ ଲେଶମାତ୍ର ପରିବର୍ତ୍ତନ ଘଟିନାହିଁ । ରକ୍ତହୀନତାଯୋଗୁଁ ତାର ଗଣ୍ଡଦେଶର ଈଷତ୍ ରକ୍ତିମା ଦୂର ହୋଇଛି; କିନ୍ତୁ ମାଲତୀର ଗୌର ବର୍ଣ୍ଣ ଯେପରି ଆହୁରି ଉଜ୍ଜ୍ୱଳ ହୋଇଛି ।

ମାଲତୀର ଶୟନକକ୍ଷକୁ ଲାଗି ବଗିଚା ଓ ବଗିଚାର ସେ ଆଡ଼େ ରାସ୍ତା । ମାଲତୀ ଓ ବିଜୟ—ତାଙ୍କର ବୈଚିତ୍ର୍ୟହୀନ ଓ ନିରାନନ୍ଦ ଜୀବନରେ ସାମାନ୍ୟ ବୈଶିଷ୍ଟ୍ୟ ସୃଷ୍ଟି ହୁଏ ରାସ୍ତାରେ ଲୋକଙ୍କର ଯାତାୟାତ ଦେଖିବାରେ । ଲୋକଙ୍କର ଗମନାଗମନର ଦୃଶ୍ୟ ଦେଖି ଓ ସେମାନଙ୍କର ଅସ୍ଫୁଟ କଥୋପକଥନ ଶୁଣି ସେମାନେ ସିନେମା ଦେଖିବାର ସୁଖ ଲାଭ କରିବାର ଚେଷ୍ଟା କରନ୍ତି । ରାସ୍ତାରେ ଯାତାୟାତ କରୁଥିବା ଅସଂଖ୍ୟ ନରନାରୀ, ବାଳକ ବାଳିକାମାନଙ୍କ ମଧ୍ୟରୁ ଗୋଟିଏ ଚାରିବର୍ଷର ବାଳିକା ମାଲତୀର ଦୃଷ୍ଟି ବିଶେଷ ଭାବରେ ଆକର୍ଷଣ କରିଥିଲା । ବାଳିକାଟି ସଦ୍ୟପ୍ରସ୍ଫୁଟିତ ରକ୍ତଗୋଲାପ ପରି ସୁନ୍ଦରୀ । ମୁହଁରେ ସବୁବେଳେ ଦୁଷ୍ଟାମିର ହସହସ ଭାବ । ବାଳିକାଟିର ମନର ଭାବନାମାନ ବୋଧହୁଏ ତାର ମୁଣ୍ଡର ବାଳମାନ ପରି ଅସଂଯତ ଓ ଅପରିବିନ୍ୟସ୍ତ । ସାଙ୍ଗରେ ତାର ଥାଏ ଜଣେ ବର୍ଷୀୟସୀ ନାରୀ । ପ୍ରତିଦିନ ସେମାନେ ଅନ୍ତତଃ ସକାଳେ ଥରେ ସେହି ବାଟ ଦେଇ ଯାଆନ୍ତି ଓ ଫେରନ୍ତି । ମାଲତୀ ପ୍ରତିଦିନ

ବାଲିକାଟିର ବାଟ ଗୁହୁଁଥାଏ ଓ ସେ ରାସ୍ତା ଦେଇ ଗଲାବେଳେ ସେ ଆଡ଼କୁ ନିର୍ନିମେଷ ନୟନରେ ଅନାଇ ରହେ ।

ନିଦ୍ରାହୀନ ରାତି ପରେ ଆଜିର ଏ ପ୍ରଭାତରେ ମାଳତୀ ନିତାନ୍ତ ଶ୍ରାନ୍ତ, ଅବସନ୍ନ ଭାବରେ ଶୋଇ ରହି ବାତାୟନ ପଥରେ ବଗିଚା ଓ ରାସ୍ତା ଆଡ଼େ ଅନାଇ ରହିଛନ୍ତି; ଯେପରି କାହାର ପ୍ରତୀକ୍ଷାରେ । ଅନ୍ୟ ଦିନ ପରି ଆଜି ମଧ୍ୟ ସେହି ବାଳିକାଟି ସେହି ରାସ୍ତା ଉପର ଦେଇ ଗୁଲିଗଲା । ତାର ସଙ୍ଗିନୀ ବର୍ଷୀୟସୀ ନାରୀ ସଙ୍ଗରେ କଥୋପକଥନ ଓ କଳହାସ୍ୟର ଅସ୍ଫୁଟ ଧ୍ୱନି ମଧ୍ୟ ମାଳତୀର ଶଯ୍ୟା ପାଖକୁ ଭାସି ଆସୁଥାଏ । ବାଳିକାଟି ଗୁଲିଗଲା ପରେ ମାଳତୀର ବକ୍ଷରୁ ଏକ ଦୀର୍ଘ-ନିଃଶ୍ୱାସ ବାହାରି ପଡ଼ିଲା । ସେ ଦୀର୍ଘନିଃଶ୍ୱାସ ବିଜୟର ଦୃଷ୍ଟି ଏଡ଼ି ପାରିଲା ନାହିଁ । ସେ ପଗ୍ଚରିଲା, "କଣ ହେଲା କି ?"

ମାଳତୀ କହିଲା, "ନା, କିଛି ନୁହେ ।" କିନ୍ତୁ ତାର ମୁହଁରେ, ଚେହେରାରେ ଏକ ଗଭୀର ନୈରାଶ୍ୟର ଛାୟା ଫୁଟି ଉଠୁଥିଲା । ବିଜୟ ବୁଝିପାରିଲା, ମାଳତୀର ହୃଦୟ ବେଦନା ଭାରାକ୍ରାନ୍ତ ।

ସେ ପଗ୍ଚରିଲା, "ତୁମେ ଯେ ଏଇ ବର୍ତ୍ତମାନ ଦୀର୍ଘନିଃଶ୍ୱାସ ମାରିଲ, ଯାର ଅର୍ଥ କଣ ?"

ମାଳତୀ କିଛି କ୍ଷଣ ଚୁପ୍ ରହି ପଗ୍ଚରିଲା, "ଆଚ୍ଛା, ଏଇ ରାସ୍ତା ବାଟରେ ଯେଉଁ ଝିଅଟି ଗଲା ତାର ନାଆଁ କଣ ?"

ବାଳିକାଟି ସେ ବାଟରେ ପ୍ରତିଦିନ ଯିବା ଆସିବା କରିବା ମାଳତୀ ପ୍ରତିଦିନ ଲକ୍ଷ୍ୟ କରେ ବୋଲି ବିଜୟର ଦୃଷ୍ଟି ମଧ୍ୟ ସେ ଝିଅଟି ପ୍ରତି ଆକୃଷ୍ଟ ହୋଇଥିଲା ଓ ତା ବିଷୟରେ ବିଶେଷ ଭାବରେ ଜାଣିବା ପାଇଁ ଗୁହିଁଥିଲା । ତାର ପରିଚୟ ମଧ୍ୟ ଆଗରୁ ଜାଣିଥିଲା । ତେଣୁ ସେ ମାଳତୀର ପ୍ରଶ୍ନର ଉତ୍ତର ଦେଲା, "ସେ ଝିଅଟି ହେଉଛି

ଏଠାର ବଡ଼ ଡାକ୍ତରଙ୍କ ସାନ ଝିଅ । ନାଆଁଟି ତାର ଲୀଳାବତୀ ; ଡାକ ନାମ ଲିଲି । ଆଉ ତା ସାଙ୍ଗରେ ଯେଉଁ ମାଇକିନିଅଟି ପ୍ରତିଦିନ ଯାଏ, ସେ ହେଉଛନ୍ତି ଲିଲିର ଆୟା । ପ୍ରତିଦିନ ଝିଅଟି ଏଇବାଟେ ବୁଲିବାକୁ ଯାଏ ଓ ଫେରେ ।"

ମାଳତୀ 'ହୁଁ' କହି ଚୁପ୍ ରହିଲା । ସେ ଦିନ ଏତିକିରେ ସେ କଥାର ପରିସମାପ୍ତି ।

( ୨ )

ଝିଅଟି ପ୍ରତିଦିନ ଆୟା ସାଙ୍ଗରେ ସେହି ବାଟେ ଯିବା ଆସିବା କରେ । ମରୁଭୂମିରେ ତୃଷାର୍ତ୍ତ, ଅବସନ୍ନ, ଚଳଶକ୍ତିରହିତ ପଥିକ ଯେପରି ମରୀଚିକାକୁ ଚାହିଁ ରହେ, ମନେ ମନେ ସେହି ମରୀଚିକାର ପଛେ ପଛେ ଦୌଡ଼ି ତାକୁ ଧରିବାକୁ ଚାହେଁ ; କିନ୍ତୁ ନିଜର ଦୁର୍ବଳତା ଯୋଗୁଁ ଉଠି ନ ପାରି ଦୂରର ସେହି କ୍ଷୁଦ୍ରସରୋବରୋପମ ମରୀଚିକାକୁ ଦେଖି ଅଧିକ ତୃଷାରେ କାତର ହୁଏ; ସେହିପରି ମାଳତୀ ସେହି ଚଳନ୍ତି ଦିବାସ୍ୱପ୍ନ ପରି ସୁନ୍ଦରୀ ଝିଅଟିକୁ ଦେଖି ଦିନକୁ ଦିନ ଅଧିକ ଅଧୀର ହୁଏ । ତାର ନାରୀତ୍ୱର, ଯୌବନର ସର୍ବଶ୍ରେଷ୍ଠ ଆକାଂକ୍ଷା, ସୁପ୍ତ ମାତୃପ୍ରବୃତ୍ତି ତାର ହୃଦୟର ଗଭୀରତମ ପ୍ରଦେଶରୁ ମୁଣ୍ଡ ଟେକି ଉଠିବାକୁ ଚାହେଁ । କିନ୍ତୁ କଥାରେ ବା ନୀରବ ଅଶ୍ରୁବିନ୍ଦୁରେ ବା ଦୀର୍ଘନିଃଶ୍ୱାସରେ ସୁଦ୍ଧା ଆତ୍ମପ୍ରକାଶ କରିବାକୁ ନିତାନ୍ତ କୁଣ୍ଠିତ ହୁଏ । କାରଣ ମାଳତୀ ଯେ ଅଭିଶପ୍ତ ।—ଦୁରାରୋଗ୍ୟ ରୋଗରେ ରୁଗ୍‌ଣା । ଥରେ ଥରେ ତାର ମନେ ହୁଏ, ତାର ଯଦି ଶକ୍ତି ଥାଆନ୍ତା, ତେବେ ସମସ୍ତ ରୋଗ, ବ୍ୟାଧି, ଦୁର୍ବଳତାକୁ ଏଇ ରୋଗ ଶଯ୍ୟାରେ ପକାଇ ଦେଇ ସେ ପାଗଳ ପରି ଦୌଡ଼ିଯାନ୍ତା, ଏଇ ବଗିଚାର ସେ ଆଡ଼େ ବୁଲି ଯାଉଥିବା ବାଳିକାଟି ଆଡ଼କୁ, ଆଉ ତାକୁ ଛାତିରେ

ଟୁପି ଧରି ଲିଲିର ଗୋଲାପ ପରି କୋମଳ ଗଣ୍ଡଦ୍ୱୟକୁ ଚୁମ୍ବନ ଦ୍ୱାରା ପ୍ଲାବିତ କରନ୍ତା—ସେ କାର୍ଯ୍ୟର ଭୟାନକ ପରିଣାମକୁ ଭୁଲିଯାଇ । କିନ୍ତୁ ମାଳତୀ ପାରେ ନା । ସେ ଯେ ଚଳଉଶକ୍ତି-ରହିତା ।

ଦିନେ ଆଉ ସମ୍ଭାଳି ନ ପାରି ସେ ବିଜୟକୁ କହିଲା, "ଲିଲିକୁ ଦିନେ ଏଠାକୁ ଆଣିପାରନ୍ତ ନାହିଁ ? ମୁଁ ଟିକିଏ ତାକୁ ପାଖରୁ ଦେଖନ୍ତି । ତାକୁ ପଦେ ହେଲେ କଥା କହିଲେ ମୋର ମନ ବୋଧ ହୁଅନ୍ତା ।"

ବିଜୟ କହିଲା, "ତାହା ହେବା ଅସମ୍ଭବ । ତୁମେ ଏ ସ୍ୱାସ୍ଥ୍ୟ-ନିବାସର ନିୟମ ଜାଣ ନାହିଁ । ଏଠାର ନିୟମ ଅନୁସାରେ ରୋଗୀମାନେ ନିଜର ପୁଅଝିଅଙ୍କୁ ସୁଦ୍ଧା ପାଖରେ ରଖିପାରିବେ ନାହିଁ । ଅନ୍ୟ ଲୋକର ପୁଅ ଝିଅଙ୍କୁ ପାଖରେ ପୂରାଇବା ତ ଦୂରର କଥା ।"

ମାଳତୀ ପଚାରିଲା, "କାହିଁକି ?"

ବିଜୟ ଜଣେ ଚିକିତ୍ସା ଶାସ୍ତ୍ର ଅଧ୍ୟାପକ ପରି ଗମ୍ଭୀର ସ୍ୱରରେ କହିଲା, "ଡାକ୍ତରୀ ଶାସ୍ତ୍ରରେ ଅଛି ଯେ ଯକ୍ଷ୍ମାରୋଗ ଏକ ସଂକ୍ରାମକ ଜୀବାଣୁ ଯୋଗୁଁ ହୁଏ । ଏ ଜୀବାଣୁମାନ ଅତି ସହଜରେ ବାୟୁଦ୍ୱାରା ଜଣକର ଦେହରୁ ଆଉ ଜଣକର ଦେହକୁ ଡେଇଁଯାଏ । ଏ ଜୀବାଣୁମାନ ପିଲାଙ୍କର ଦେହକୁ ଖୁବ୍ ସହଜରେ ସଂକ୍ରାମିତ ହୁଏ । ପିଲାମାନଙ୍କର ଦେହରେ ଏହା ଖୁବ୍ ସହଜରେ ପଶିପାରେ ଓ ଅତି ମାରାତ୍ମକ ଭାବରେ ନିଜର ପ୍ରଭାବ ବିସ୍ତାର କରିଥାଏ ବୋଲି ଯକ୍ଷ୍ମାରୋଗୀମାନଙ୍କ ସହିତ ପିଲାପିଲି ରହିବା ବିଶେଷ ଭାବରେ ମନା । ଡାକ୍ତରୀ ଶାସ୍ତ୍ର ଅନୁସାରେ ତୁମର ଦେହରେ, ତୁମର କଫରେ, ତୁମର ଚାରିଆଡ଼େ ଥିବା ବାୟୁରେ, କୋଟି କୋଟି ଯକ୍ଷ୍ମାରୋଗର ଜୀବାଣୁ ଅଛନ୍ତି । ଏ ଜୀବାଣୁମାନେ ସବୁବେଳେ ଅନ୍ୟ ଲୋକଙ୍କୁ

ଆକ୍ରମଣ କରିବାର ସୁଯୋଗ ଖୋଜୁଛନ୍ତି । ତୁମେ ଯଦି ନିଜକୁ ଭଲ ପାଅ, ତେବେ ତାହାକୁ ଦୂରରୁ ଦେଖିବାହିଁ ଭଲ ହେବ । ପାଖକୁ ଡାକିବା ଉଚିତ ହେବ ନାହିଁ ।"

ମାଳତୀ ଆଉ କିଛି କହି ପାରିଲା ନାହିଁ । ରୋଗର ବିଷମ ଯନ୍ତ୍ରଣା ସଙ୍ଗେ ଶାରୀରିକ ଦୁର୍ବଳତା ଓ ଅକ୍ଷମତା ସଙ୍ଗେ ନିଜର ଅବସ୍ଥାର ମର୍ମନ୍ତୁଦ ଗ୍ଳାନି ତାର ହୃଦୟକୁ ଦଗ୍ଧ କରୁଥାଏ । ସେ ଆଜି ଅଭିଶପ୍ତା, ଅସ୍ପୃଶ୍ୟା । ରାକ୍ଷସୀ ପରି, ସର୍ପିଣୀ ପରି ଅବସ୍ଥାରେ ଆଜି ସେ । ପିଲାପିଲିଙ୍କି ଭଲ ପାଇବାର, ଆଦର କରି କଥା କହିବାର ଅଧିକାରରୁ, ସୁଖଭୋଗରୁ ସୁଦ୍ଧା ବଞ୍ଚିତା ସେ । ତାର ନିଃଶ୍ୱାସରେ, ତାର ଆଲିଙ୍ଗନରେ ଏପରି ବିଷ ଅଛି, ଯାହା କି ପ୍ରାଚୀନ ଭାରତର ବିଷକନ୍ୟା ପରି ତାହାକୁ ପୃଥିବୀର ସର୍ବଶ୍ରେଷ୍ଠ ସୁଖରୁ, ନାରୀତ୍ୱରୁ, ମାତୃତ୍ୱରୁ ବଞ୍ଚିତ କରି ରଖିଛି । ତାର ଚୁମ୍ବନରେ, ଆଲିଙ୍ଗନରେ ହଳାହଳଠାରୁ ସୁଦ୍ଧା ଅଧିକ ଆତଙ୍କଜନକ ବିଷ ଅଛି, ଯେଉଁ ବିଷ କି ତାର ମନରେ ନାରୀତ୍ୱର, ମାତୃତ୍ୱର ତୃଷାକୁ ବଢ଼ାଇପାରେ; କିନ୍ତୁ ନିବାରଣ କରି ପାରେନାହିଁ । ଯେଉଁ ବିଷ କି ମାଳତୀ ଓ ତାର ପ୍ରିୟତମ କାମ୍ୟଜନଙ୍କ ମଧ୍ୟରେ ଏକ ଅଲଙ୍ଘ୍ୟ, ଅଭେଦ୍ୟ ପ୍ରାଚୀରରୂପେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ହୁଏତ ରହିବ, ଏହି ଭାବ ତାର ମନରେ ଉଦିତ ହେଲାକ୍ଷଣି ଗ୍ଳାନିରେ ତାର ମନ ଭରିଗଲା । ସେ ନିଜକୁ ମନେ ମନେ ପଚାରିଲା, "ମୁଁ କାହିଁକି ବଞ୍ଚିଛି ? ଏ ଯାତନା, ଏ ଗ୍ଳାନିର ଅନ୍ତ କାହିଁ ?"

ତା ପରେ ବିଜୟଙ୍କୁ ସେ ଶୋକ-ବାଷ୍ପାକୁଳ କଣ୍ଠରେ କହିଲା, "ଭଗବାନ ମୋର ଭାଗ୍ୟରେ କେତେ ଦୁଃଖ ଲେଖିଛନ୍ତି, କିଏ ଜାଣେ ? ରାତଯାକ କାଶି କାଶି ପିଣ୍ଡରୁ ପ୍ରାଣ ବାହାରି ଯାଉଛି । ଉଠିବା, ବସିବାର ଶକ୍ତି ସୁଦ୍ଧା ନାହିଁ । ସବୁ ବିଷୟରେ ତୁମକୁ କଷ୍ଟ

ଦେଉଛନ୍ତି । ଯେତେ କଷ୍ଟରେ ମୁଁ ସନ୍ତୁଳି ହେଉଛି, ତୁମକୁ ସୁଦ୍ଧା ସେହିପରି ଦୁଃଖରେ ସନ୍ତୁଳି ମାରୁଛି । ମୋର ପାଇଁ ତୁମର ମିନିଟେ ସୁଦ୍ଧା ସୁଖ ନାହିଁ, ଶାନ୍ତି ନାହିଁ । ଦେହରେ ଯାହା କଷ୍ଟ ପାଉଛି ତ ପାଉଛି, ତା ସାଙ୍ଗକୁ ମୋର ଦେହରେ, ମୋର ନିଶ୍ୱାସରେ ସୁଦ୍ଧା ବିଷ ଅଛି । ସେହି ବିଷରେ ସୁଦ୍ଧା ତୁମକୁ ହୁଏତ ଘାରୁଛି । ରୋଗ ଡେଇଁବାର ଭୟ ଅଛି । ପିଲାପିଲିଙ୍କ ସଙ୍ଗେ କଥାବାର୍ତ୍ତା କହିବାର ସୁଦ୍ଧା ମାରାତ୍ମକ । ଏହାଠାରୁ ମରିଯିବାଟା ମୋ ପକ୍ଷରେ ଶହେ ଗୁଣରେ ଭଲ । ମୋତେ କିଛି ବିଷ ଆଣି ଦିଅ । ମୁଁ ତାହା ଆନନ୍ଦରେ ଖାଇ ଶାନ୍ତିରେ ମରିପାରିବି ।” ମାଳତୀ ଆଉ ଅଶ୍ରୁ ସମ୍ବରଣ କରି ପାରିଲା ନାହିଁ । କାନ୍ଦିବାକୁ ଲାଗିଲା ।

ବିଜୟର ମନ ବ୍ୟାକୁଳ ହୋଇ ଉଠିଲା । ମାଳତୀର ଏ ପ୍ରକାର ସ୍ୱାସ୍ଥ୍ୟରେ ଏ ପ୍ରକାର ଅଧୀରତା ଦେଖି ସେ କହିଲା, “ଛି ମାଳତୀ । କାନ୍ଦ ନାହିଁ । କାନ୍ଦିଲେ ଜର ବଢ଼ିଯିବ । କାଶ ବେଶି ହେବ । ଏତେ ଅଧୀର ହେଲେ ଚଳିବ ନାହିଁ । ତୁମଠାରୁ ଆହୁରି କେତେ ଖରାପ ଅବସ୍ଥାରେ ରୋଗୀମାନେ ଥାଇ ସୁଦ୍ଧା ପରେ ଆରାମ ହୋଇ ଏଠାରୁ ଯାଇଛନ୍ତି । ଦୁଃଖ ପରେ ସୁଖ ଲାଗି ରହିଛି । ତୁମର ରୋଗ ମଧ୍ୟ ଛାଡ଼ିଯିବ । ଟିକିଏ ଧୈର୍ଯ୍ୟ ଧରି ଏ ସମୟଟି କଟାଇବାକୁ ହେବ । ରୋଗ ଛାଡ଼ିଯିବା ପରେ ତୁମେ ଆନନ୍ଦରେ ରହିବ ଓ ଦୁଇ ତିନି ବର୍ଷରେ ହୁଏତ ତୁମେ ମଧ୍ୟ ନିଜର ସନ୍ତାନ ପାଇବ । ସେତେବେଳେ ଆଜିକାଲିର ଏ ଦୁଃଖ ଗୋଟିଏ ଦୁଃସ୍ୱପ୍ନ ପରି ଭୁଲିଯିବ ।”

ମାଳତୀ ବିଜୟର କଥାରେ ପୂରା ବିଶ୍ୱାସ କରି ପାରିଲା ନାହିଁ । କାରଣ ଆଉ ଭଲ ହେବାର, ରୋଗମୁକ୍ତ ହୋଇ ପୁନର୍ବାର ସେ ସଂସାରରେ ସାଧାରଣ ଲୋକଙ୍କ ପରି ସାଧାରଣ ଜୀବନ ଯାପନ କରିପାରିବ ବୋଲି ଆଶା କରି ପାରୁ ନ ଥାଏ । ରୋଗ ଓ ଦୁର୍ବଳତା

ବଢ଼ିବା ସଙ୍ଗେ ସଙ୍ଗେ ତାର ହୃଦୟରେ ନୈରାଶ୍ୟର ଅନ୍ଧକାର ଗାଢ଼ରୁ ଗାଢ଼ତର ହେଉଥାଏ । ସେ ସ୍ପଷ୍ଟ ବୁଝିପାରିଲା ଯେ ବିଜୟ କେବଳ ତାର ମନରେ ସାନ୍ତ୍ୱନା ଦେବା ପାଇଁ ଏ କଥା କହୁଛି ।

ସେ କହିଲା, "ଆଉ କଣ ସେ କଥା ଭାଗ୍ୟରେ ଘଟିବ ? ତୁମେ ଖାଲି ମୋର ମନ ବୋଧ କରିବା ପାଇଁ ସିନା ଏପରି କଥା କହୁଛ, ମୁଁ ବଞ୍ଚିବାର ସବୁ ଆଶା ଛାଡ଼ି ଦେଇଛି । ପୁଅ ଝିଅ ହେବାର ଆଶା ତ ଦୂରର କଥା ।"

ବିଜୟ ମାଳତୀର ପଣତ କାନିରେ ମାଳତୀର ଲୁହ ପୋଛୁଁ ପୋଛୁଁ କହିଲା, "ମାଳତୀ, ଏମିତ ଅଧୀର ହେଲେ କିଛି ଲାଭ ନାହିଁ । ଧୈର୍ଯ୍ୟ ଧରି ରହ । ମରିବା, ଜୀଇଁବା ଆମର ହାତର କଥା ନୁହେ, ଭଗବାନଙ୍କ ହାତରେ ଅଛି । କିନ୍ତୁ ଯେତେଦିନ ଜୀବନ ଥିବ, ଆମେ ହସି ଖୁସିରେ ବଞ୍ଚିବା ନାହିଁ କାହିଁକି ? ସୁଖର ଦିନମାନ ଆମେ କେଡ଼େ ଆନନ୍ଦରେ କଟାଇ ଦେଇଥାଉଁ । ଏବେ ଆମର ଭାଗ୍ୟରେ ଯାହା ଦୁଃଖ ଲେଖା ଅଛି, ତାହା ବୀର ପରି ହସି ହସି ସହି ପାରିଲେ ସିନା ହେବ ?"

ମାଳତୀ କହିଲା, "ମୋର ଜୀବନରେ କଣ ଆଉ ସୁଖ ଆସିପାରେ ? ମୋର ମୁହଁରେ ଆଉ କଣ ହସ ଖେଳପାରେ ? ଯେଉଁମାନଙ୍କର ଦେହ ସୁସ୍ଥ ସବଳ ନୁହେ, ସେମାନେ ନିଜକୁ ବୀର ବୋଲି ଭାବି ନିଜକୁ କିପରି ଠକି ପାରିବେ ? ପ୍ରତିଦିନ, ଘଣ୍ଟା ପରେ ଘଣ୍ଟା, ରାତି ପରେ ରାତି, କାଶି କାଶି, କଲବଲ ହୋଇ ଯାର ସବୁ ଶକ୍ତି ଦିନକୁ ଦିନ ସରି ଆସୁଛି, ଅସହ୍ୟ ଯନ୍ତ୍ରଣାରେ ଯାର ଜୀବନ ବିଷମୟ, ତାର ଜୀବନରେ କଣ ବୀରତ୍ୱ ସମ୍ଭବ ? ଯେ ଉଠିବା, ବସିବା, ଖାଇବା, ପିଇବା ସବୁଥିରେ ନିତାନ୍ତ ଅସହାୟ, ସବୁ

କଥାରେ ଅନ୍ୟ ଉପରେ ନିର୍ଭର ନ କଲେ ନ ଚଳେ ତାର ଜୀବନରେ, ମନରେ ବୀରତ୍ୱ କେବଳ ଉପହାସ ମାତ୍ର ହୋଇପାରେ । ତୁମର କହିବା ଅନୁସାରେ କୋଟି କୋଟି ଜୀବାଣୁ ଯାର ହୃଦୟ, ଦେହ ଓ ମନର ଶକ୍ତିକୁ ପଳେ ପଳେ କ୍ଷୀଣ କରି ଚାଲିଛନ୍ତି, ସେ କଣ ବୀର ହୋଇପାରେ ?"

ବିଜୟ କହିଲା, "କେବଳ ଯୁଦ୍ଧରେ ମନୁଷ୍ୟ ମାରିବା ବୀରତ୍ୱ ନୁହେ । ଘୋରତମ ସଙ୍କଟ ସମୟରେ ଯେଉଁ ମନୁଷ୍ୟ ବିପଦ ଆଗରେ ନିଜର ଛାତି ପତାଇ ଛିଡ଼ା ହୋଇପାରେ, ହସି ହସି ତାକୁ ସହି ନେବାକୁ ତିଆର ହୋଇପାରେ, ସେ ହିଁ ପ୍ରକୃତ ବୀର । ତୁମେ ପ୍ରତି ମୁହୂର୍ତ୍ତରେ ଗୋଟିଏ ଭୀଷଣ ରୋଗ ସଙ୍ଗେ ଯୁଦ୍ଧ କରୁଛ । ତୁମେ ଯଦି ଏ ରୋଗଯନ୍ତ୍ରଣା ପ୍ରଶାନ୍ତ ଚିତ୍ତରେ ସହିପାରିବ, ତୁମର ଶାରୀରିକ ଦୁର୍ବଳତାକୁ ମାନସିକ ଶକ୍ତି ଦ୍ୱାରା ଆୟତ୍ତ କରି ପାରିବ, ଦୁଃଖ ଯନ୍ତ୍ରଣାରେ କାତର ନ ହୋଇ ଏ ବ୍ୟାଧିକୁ ସୁଦ୍ଧା ହସି ହସି ବରଣ କରିପାରିବ, ତେବେ ତାହା ଯୁଦ୍ଧ କ୍ଷେତ୍ରରେ ଲଢ଼ୁଥିବା ଲୋକର ବୀରତ୍ୱଠାରୁ ଊଣା ନୁହେ ।"

ମାଲତୀର ମନରେ ଟିକିଏ ଶାନ୍ତି ଆସିଲା । ସେ କହିଲା, "ଆଜି ତୁମେ ଯେ ଏପରି ଭୀଷଣ ଯକ୍ଷ୍ମାରୋଗରେ ଦୁଃଖ ଭୋଗ କରୁଥିବା ରୋଗୀ ସଙ୍ଗେ ଏତେ ଅସାବଧାନ ଭାବରେ ମିଳାମିଶା କରୁଛ, ଏହା ବି ତ ଗୋଟିଏ ବୀରତ୍ୱର ଲକ୍ଷଣ, ନା ଅସାବଧାନତା । ତୁମେ ବର୍ତ୍ତମାନ କହୁଥିଲ ଯକ୍ଷ୍ମାରୋଗୀର ଚାରିଆଡ଼େ କୋଟି କୋଟି ମାରାତ୍ମକ ଜୀବାଣୁ ବୁଲୁଥାନ୍ତି ଓ ଲୋକଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥାନ୍ତି, ଅଥଚ ତୁମେ ମୋ ପାଖରେ ଆସି ବସୁଛ, ସେହି ଜୀବାଣୁମାନଙ୍କ ମଧ୍ୟରେ । ଏହା ଗୋଟିଏ ଅସାବଧାନ ବୀରତ୍ୱ । ତୁମେ ବୃଥାରେ ମୋ ପାଇଁ ଏତେ ବିପଦ ମୁଣ୍ଡାଉଛ । ତୁମେ ଯଦି

ଏଠାରେ ନ ଥାନ୍ତ, ତେବେ ମୁଁ ଅନ୍ତତଃ ଏ ବିଷୟରେ ନିଶ୍ଚିନ୍ତ ହୁଅନ୍ତି ଯେ ଦୁନିଆରେ ମୋର ସବୁଠାରୁ ପ୍ରିୟତମ ମନୁଷ୍ୟ ପାଇଁ ମୋଠାରୁ କୌଣସି ବିପଦର ଆଶଙ୍କା ନାହିଁ । ମୁଁ ଯେତେବେଳେ ଭାବେଁ ଯେ କେବଳ ଅଭାଗିନୀ ମୋରି ଯୋଗୁଁ ତୁମେ ମୋର ପାଖରେ ବନ୍ଧନରେ ପଡ଼ିଛ, ତୁମର ଖାଇବାର, ପିଇବାର, ରହିବାର, ବସିବାର, କୌଣସିଥିରେ ସୁଖ ନାହିଁ, ରାତରେ ନିଦ ନାହିଁ, ସେତେବେଳେ ମୋର ମନରେ ଶାନ୍ତି ରହେ ନାହିଁ । ଏତେବେଳେ ତୁମର ବନ୍ଧୁମାନେ ହୁଏତ କେତେ ହସ ଖୁସିରେ ସମୟ କଟାଉଥିବେ ଆଉ ତୁମେ ମୋ ପାଖରେ କେତେ ଦୁଃଖରେ ଘାଣ୍ଟି ହେଉଛ, କେତେ ବିପଦ ଆଗରେ ଛିଡ଼ା ହେଉଛ ।"

ବିଜୟ କହିଲା, "ମାଳତି, ଆଜି ଯଦି ମୁଁ ଏପରି ରୋଗ ଶଯ୍ୟାରେ ପଡ଼ିଥାନ୍ତି, ତେବେ ତୁମେ କଣ ଜୀବାଣୁର ଭୟରେ ମୋର ସେବାଶୁଶ୍ରୂଷା କରିବାକୁ ଡରନ୍ତ ?"

ମାଳତୀ କହିଲା,—ନା । କିନ୍ତୁ ଆମ ସ୍ତ୍ରୀଲୋକମାନଙ୍କ କଥା ଅଲଗା । ମରିବାଯାଏ ପତିର ସେବା କରିବା ଯେ ପ୍ରତ୍ୟେକ ନାରୀର ଧର୍ମ । ସେବାର ଆଦର୍ଶ ନାରୀର ଶ୍ରେଷ୍ଠ ଆଦର୍ଶ, ପୁରୁଷର ନୁହେ ।

ବିଜୟ କ୍ଷୁଣ୍ଣ ହୋଇ କହିଲା, "ମୁଁ କିନ୍ତୁ ଭାବେଁ ପ୍ରେମ କର୍ତ୍ତବ୍ୟଠାରୁ ବହୁ ଉଚ୍ଚରେ । ତୁମେ ଯଦି କେବଳ 'କର୍ତ୍ତବ୍ୟ ହିସାବରେ ସେବା କର, ତେବେ ସେ ସେବାରେ ପୂର୍ଣ୍ଣତା ଆସି ପାରିବ ନାହିଁ । ଏଇ ଡାକ୍ତରମାନଙ୍କର କଥା ଦେଖ । ଏମାନେ କର୍ତ୍ତବ୍ୟ ହିସାବରେ "ରୋଗୀମାନଙ୍କର ସେବାଶୁଶ୍ରୂଷା କରୁଛନ୍ତି, ଦିନ ରାତି ଖଟି ଖଟି ରୋଗୀମାନଙ୍କ ପାଇଁ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ସୁଦ୍ଧା ବଳି ଦେଉଛନ୍ତି । କିନ୍ତୁ ରୋଗୀ ଆରାମ ହେଲେ ବା ମରିଗଲେ ଏମାନଙ୍କ ମନରେ କ୍ଷଣିକ ଆନନ୍ଦ ବା ଦୁଃଖ ହୁଏ । କିନ୍ତୁ ପ୍ରକୃତ

ପ୍ରେମ ଚିରନ୍ତନ ସୁଖ ଦୁଃଖର ସଙ୍ଗୀ । କର୍ତ୍ତବ୍ୟକୁ ଆଦର୍ଶକୁ ତୁମେ ନୀକିତରେ ଓଜନ କରି ତାର ଗୁରୁତ୍ୱ ବାହାର କରି ପାରିବ; ମାତ୍ର ପ୍ରେମକୁ ଓଜନ କରିବାର ଯନ୍ତ୍ର ଆଜ୍ଯାଏ ବାହାରି ନାହିଁ । କାରଣ, ପ୍ରେମ ସମ୍ପୂର୍ଣ୍ଣ ହୃଦୟ ସମର୍ପଣର ନାମାନ୍ତର । ଏହା ଲାଭ କ୍ଷତିକୁ ହିସାବ କରେ ନାହିଁ । ଯେଉଁ ଜୀବାଣୁମାନେ ତୁମ ଦେହରୁ ମୋ ଦେହକୁ ଆସି ମୋତେ ଆକ୍ରମଣ କରି ପାରନ୍ତି ବୋଲି ତୁମେ ଭାବୁଛ, ମୁଁ ଭାବୁଛି ସେମାନେ ତାହା କରି ପାରିବେ ନାହିଁ । କଲେ ମଧ୍ୟ ମୋର ଡରିବାର କିଛି ନାହିଁ । ଆମେ ଦୁହେଁ କେତେ ସୁଖ ଏକା ସାଙ୍ଗରେ ଭୋଗ କରିଥାଉଁ, ସୁଖ ସଙ୍ଗେ ଦୁଃଖ ଏକାଠି ଭୋଗ କଲେ ସେ ଦୁଃଖ ବି ମୋତେ ସେପରି ସୁଖ ପରି ଲାଗୁଛି ।”

ମାଳତୀ ନୀରବ ହେଲା ।

( ୩ )

ମାଳତୀ ଓ ମଲ୍ଲିକା ସର୍ବଦା ଲିଲି ମଧ୍ୟରେ ଥିବା ବ୍ୟବଧାନକୁ କମାଇ ଦେବା ବିଷୟରେ ବିଜୟ ଚିନ୍ତା କରୁଥାଏ । କିନ୍ତୁ ସେ ଉପାୟ ଖୋଜି ପାଏ ନାହିଁ । ଶେଷକୁ ଦିନେ ସକାଳୁ ଲିଲି ସେ ବାଟରେ ଯାଉଥିବା ସମୟରେ ବିଜୟ ତା ପାଖକୁ ଯାଇ ପଚାରିଲା, “ଲିଲି, ଫୁଲ ନେବ ?”

ଅଗ୍ନିର ମୁହଁରେ ସାମାନ୍ୟ ବିରକ୍ତିର ଚିହ୍ନ ଦେଖାଗଲା । କିନ୍ତୁ ଲିଲି ସଙ୍ଗେ ସଙ୍ଗେ କହିଲା, “କାହିଁ ? ଦିଅନ୍ତୁ ।”

ବିଜୟ ବଗିଚାରୁ ଗୋଟିଏ ସଦ୍ୟ ପ୍ରସ୍ଫୁଟିତ ଗୋଲାପ ଫୁଲ ଆଣି ବାଳିକାଟିର କୋଟ୍‌ରେ ଲଗାଇ ଦେଲା । ଲିଲିର ଗୋଲାପ ପରି ମୁହଁ ସେହି ନୂଆ ଫୁଟିଥିବା ଗୋଲାପ ପରି ଆନନ୍ଦରେ ଭରି ଉଠିଲା ।

ସେ ସମୟରେ ଆୟା କହିଲା, "ବାବୁଙ୍କୁ ଧନ୍ୟବାଦ ଦିଅ, ଲିଲି । ତୁମକୁ କୌଣସି ଭଦ୍ରଲୋକ ଯଦି କିଛି ଦିଅନ୍ତି, ତେବେ ତାଙ୍କୁ ତୁମେ ସାଙ୍ଗେ ସାଙ୍ଗେ ଧନ୍ୟବାଦ ଦେବ ।"

ଲିଲି କହିଲା, "ଧନ୍ୟବାଦ" ।

ବିଜୟ ଆଉ କିଛି ସମୟ ଲିଲିକୁ ଅଟକାଇ ରଖିବାକୁ ଚାହୁଁଥିଲା । ସେ କହିଲା, "ବିଲାତରୁ ଆମ ଦେଶକୁ ଯେତେ ଆବର୍ଜନା ଆମଦାନୀ ହୋଇଛି, ସେଥିମଧ୍ୟରୁ କଥାକଥାକେ ଧନ୍ୟବାଦ ଦେବା ବୋଧହୁଏ ସବୁଠାରୁ ନୀରସ ।"

ଆୟା ହସି ହସି କହିଲା, "କିନ୍ତୁ ଏହା ଯେ ସଭ୍ୟତାର ଗୋଟିଏ ପ୍ରଧାନ ଲକ୍ଷଣ ।" ଏହା ପରେ ଲିଲି ଓ ଆୟା ଉଭୟେ ତାଙ୍କର ଗନ୍ତବ୍ୟ ପଥରେ ଚାଲିଗଲେ ।

ବିଜୟ ଫେର ଦେଖିଲା, ମାଳତୀ ଲିଲି ଯିବା ଆଡ଼କୁ ଏକ ଦୃଷ୍ଟିରେ ଅନାଇ ରହିଛି । ଅନ୍ୟାନ୍ୟ ଦିନ ଅପେକ୍ଷା ମାଳତୀ ଆଜି ବେଶ୍ ପ୍ରଫୁଲ୍ଲ ଦେଖା ଯାଉଥିଲା ।

× × × ×

ତହିଁ ଆରଦିନ ବିଜୟ ଲିଲିକୁ ବଗିଚା ଭିତରକୁ ଡାକି ତାହାକୁ ନାନା ଜାତିର ଫୁଲ ତୋଳି ଦେଉଥାଏ ଓ ବାଳିକାଟି ଆନନ୍ଦରେ ବଗିଚା ଭିତରେ ଖୋଜି ଖୋଜି ଫୁଲ ଲଗାଉଥାଏ । ତାର ଦିରଫୁଟା କଥାମାନ ଶୁଣି ଓ ତାହାକୁ ବଗିଚା ଭିତରେ ଦଉଡ଼ା ଦଉଡ଼ି କରିବାର ଦେଖି ମାଳତୀର ମନ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠୁଥାଏ । ଶେଷରେ ଯେତେବେଳେ ଆୟାର ଧମକରେ ଅସନ୍ତୁଷ୍ଟା ଲିଲି ବଗିଚା ଛାଡ଼ି ଯିବାକୁ ବାଧ୍ୟ ହେଲା, ସେତେବେଳେ ବିଜୟ

ମାଳତୀ ପାଖକୁ ଆସି କହିଲା, "ଦେଖ ତୁମେ ଯାହାକୁ ଏତେଦିନ ସରଗର ଜହ୍ନ ପରି ଦୁର୍ଲଭ ବୋଲି ଭାବିଥିଲ, ସେ ଆସି ତୁମର କେତେ ପାଖରେ।"

ମାଳତୀ କହିଲା, "ତୁମର କରୁଣା ପାଇଁ ବିଶେଷ ଧନ୍ୟବାଦ।"

( ୪ )

ଦୀପାବଳୀ ଅମାବାସ୍ୟା । ଅମାବାସ୍ୟାର ଗଭୀର ଅନ୍ଧକାର ସଙ୍ଗେ ଯୁଦ୍ଧ କରିବା ପାଇଁ ଭାରତବର୍ଷର ପ୍ରତ୍ୟେକ ପୁରପଲ୍ଲୀରେ ପ୍ରତ୍ୟେକ ନଗର ନଗରୀରେ ମହାସମାରୋହରେ ଦୀପାବଳୀର ଆୟୋଜନ ଆଜି ହେଉଥିବ । ଦୁଃଖ ଓ ହାହାକାରର ଲୀଳାଭୂମି, ନିରାନନ୍ଦ ଏହି ସ୍ୱାସ୍ଥ୍ୟାଗାରରେ ମୁଦ୍ଧା ଅପେକ୍ଷାକୃତ ଆରୋଗ୍ୟ ମାର୍ଗରେ ଅଗ୍ରସର ହେଉଥିବା ରୋଗୀମାନେ ଅମାବାସ୍ୟାର ଅନ୍ଧକାର ମଧ୍ୟରେ ଆଲୋକର ଦୀପଶିଖା ଜାଳିବାକୁ, ଅଶ୍ରୁ ହାହାକାରଭରା ଏହି ଚିକିତ୍ସାଳୟରେ ହାସ୍ୟର ଦୀପଶିଖା ଜାଳିବାକୁ ସକାଳୁ ପ୍ରାରମ୍ଭିକ ଆୟୋଜନ ଆରମ୍ଭ କରିଛନ୍ତି । ନାନାରଙ୍ଗର କାଗଜର ଫୁଲ ତୋରଣ, ଆମ୍ବପତ୍ରର ତୋରଣ, ଦୀପ ସଜ୍ଜାରେ ଅନେକ ଆରୋଗ୍ୟପ୍ରାପ୍ତ ରୋଗୀ ନିଜର ଶ୍ରମ ସାର୍ଥକ କରୁଛନ୍ତି । କେତେ ଜୀବନର, କେତେ ଆକାଂକ୍ଷାର, କେତେ ଧନ ଗୌରବର ସମାଧି କ୍ଷେତ୍ର ଏହି ସ୍ୱାସ୍ଥ୍ୟାଗାରକୁ ଆଜି ଆନନ୍ଦ ଓ ଉତ୍ସବର କଳରୋଳରେ ମୁଖରିତ କରିବାର ଚେଷ୍ଟା କରାଯାଉଛି ।

ବିଜୟ ମଧ୍ୟ ତାର ଛୋଟ ଘରଟିକୁ ସଜାଇବାରେ ଲାଗିଛି । ଅନ୍ୟାନ୍ୟ ଦିନମାନଙ୍କ ପରି ଆଜି ମଧ୍ୟ ଲିଲି ଆସିଲା ଫୁଲ ପାଇଁ । ଶୀତଳ ପବନରେ ନାଚୁଥିବା ଫୁଲମାନ ଦେଖି ଆୟା ବିଜୟକୁ କହିଲା, "ବିଜୟ ବାବୁ, ଆପଣ ବଗିଚାକୁ ଯେପରି ସଜାଇଛନ୍ତି,

ଏଥିରେ ଆଜି ଦୀପାବଳି ପାଇଁ ଘରକୁ ବିଶେଷ ଭାବରେ ସଜାଇବାର ଦରକାର ପଡ଼ିବ ନାହିଁ ।"

ବିଜୟ କହିଲା, "ଆପଣଙ୍କର ପ୍ରଶଂସା ପାଇଁ ବିଶେଷ ଧନ୍ୟବାଦ ।"

ଆତ୍ମା କହିଲା, "ଏଇ ତ ସେ ଦିନ ଆପଣ କହୁଥିଲେ ଯେ କଥା କଥାକେ ଧନ୍ୟବାଦ ଦେବା ବିଲାତି ଆବର୍ଜନା ମାତ୍ର । ବର୍ତ୍ତମାନ ମୁଁ ଦେଖୁଛି, ଆପଣ ମଧ୍ୟ ଆବର୍ଜନାର ଜଣେ ଭକ୍ତ ।"

ବିଜୟ କହିଲା, "ମୁଁ ମଧ୍ୟ ଜଣେ ସଭ୍ୟ ଲୋକ ।"

"ଓଃ । ସତେ ?"

× × ×

ସେ ଦିନ ଅପରାହ୍ନରେ ବଗିଚାରୁ ଭଲ ଭଲ ଫୁଲ ତୋଳାଇ ଆଣି ମାଳତୀ ଅତି ନିବିଷ୍ଟ ମନରେ ଗୋଟିଏ ମାଳା ଗୁନ୍ଥିବାରେ ଲାଗିଲା । ବିଜୟ ଭାବିଲା ମାଳା ଗୁନ୍ଥିବାଟା ମଧ୍ୟ ମାଳତୀ ପକ୍ଷରେ ଗୁରୁତର ପରିଶ୍ରମ । ତେଣୁ ତାକୁ ମନା କରିବାର ଉଦ୍ଦେଶ୍ୟରେ କହିଲା, "ଏତେ ଦିନ ପରେ ପୁଣି ବରଣମାଳା ତିଆରି କରିବାର ଉଦ୍ୟୋଗ ହେଉଛି ଯେ !"

ମାଳତୀ ରହସ୍ୟ କରି କହିଲା, "କ୍ଷତି କଣ ?"

ବିଜୟ କହିଲା, "ସାରା ଦୁନିଆ ଜାଣେ ଯେ ମୁଁ ଏକା ତୁମର ସମ୍ପତ୍ତି । ମୋ ଉପରେ ତୁମର ପୁରାପୁରି ଅଧିକାର । ସେଥିରେ ଆପତ୍ତି କରିବାର କାହାର ଅଧିକାର ନାହିଁ । ତେଣୁ ଆଜି ଗୋଟିଏ ବରଣ-ମାଳା ଦେଇ ମୋ ଉପରେ ତୁମର ଅଧିକାର ଦେଖାଇବାର କିଛି ଅର୍ଥ ନାହିଁ । ଏ ପରିଶ୍ରମ ତୁମକୁ ହୁଏତ ବାଧି ପାରେ ।"

ମାଳତୀ କହିଲା, "ଏହା ବରଣମାଳା ନୁହେ । ଆହୁରି ମଧ୍ୟ ଏହା ତୁମ ପାଇଁ ନୁହେ । ଫାଶି ପାଇବା ପୂର୍ବରୁ କଏଦୀ ଯେପରି ତାର ଶେଷ ଇଚ୍ଛା ପୂର୍ଣ୍ଣ କରିବାକୁ ଗ୍ହେଁ, ସେହିପରି ଆଜି ଏ ଉତ୍ସବର ଦିନରେ ମୋର ଜୀବନର ଶେଷ ସ୍ନେହମାଳା କଳିର ବେକରେ ପିନ୍ଧାଇବା ପାଇଁ ତିଆରି କରୁଛି । ସେ ଇଚ୍ଛା ପୂର୍ଣ୍ଣ ହେବ କି ନାହିଁ, ତାହା ଭଗବାନଙ୍କ ହାତରେ ।" ମାଳତୀର ଚକ୍ଷୁକୋଣ ବାଷ୍ପସିକ୍ତ ହୋଇ ଉଠିଲା । ବିଜୟ କହିଲା, "ତୁମର ସେ ଇଚ୍ଛା ଯେମିତି ପୂର୍ଣ୍ଣ ହୁଏ, ଦେଖିବା । କିନ୍ତୁ ତୁମେ ତ ନିଜେ ମାଳାଟି ପିନ୍ଧାଇ ପାରିବ ନାହିଁ । ମୋତେ ଦେଲେ ମୁଁ ପିନ୍ଧାଇ ଦେବି ।"

ମାଳତୀ କହିଲା, "ସେତିକି ମୋ ପକ୍ଷରେ ଯଥେଷ୍ଟ ।"

ସନ୍ଧ୍ୟା ହେଲା । ସହସ୍ର ସହସ୍ର ଦୀପ ବିଚିତ୍ର ଭାବରେ ସଜ୍ଜିତ ହୋଇ ହୀରାର ଫୁଲମାଳ ପରି ଶୋଭା ପାଉଥାଏ । ରେଡ଼ିଓ, ଗ୍ରାମୋ-ଫୋନ୍‌ର ମଧୁର ସଙ୍ଗୀତରେ, ହାର୍‌ମୋନିଅମ୍‌ର ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସହିତ ମନୁଷ୍ୟ କଣ୍ଠର ମଧୁର ସଙ୍ଗୀତ ଧ୍ୱନିରେ ଓ ସୁସଜ୍ଜିତ ନରନାରୀମାନଙ୍କର ହାସ୍ୟାଳାପରେ ଯନ୍ତ୍ରଣା ଓ ସନ୍ତାପରେ ଭରା ସ୍ୱାସ୍ଥ୍ୟାଗାରରୁ ଦୁଃଖ ଓ କଷ୍ଟ ସାମୟିକ ଭାବରେ ନିର୍ବାସିତ ହେଲ ପରି ମନେ ହେଉଥାଏ ।

ଦୀପୋଜ୍ଜ୍ୱଳ ପ୍ରକୋଷ୍ଠ ମଧ୍ୟରେ ଶୋଇ ମାଳତୀ ଦେଖୁଥାଏ ତାର ଚତୁର୍ଦ୍ଦିଗର ଶୋଭା । ବଗିଚାର ସେ ପାଖେ ରାସ୍ତାରେ କେତେ ସଦ୍ୟ ରୋଗମୁକ୍ତ ଯୁବକ ଯୁବତୀ ଦୀପାବଳୀର ମଜ୍ଜା ଦେଖିବାକୁ ବାହାରିଛନ୍ତି । ସେମାନଙ୍କର ବେଶଭୂଷା, ସେମାନଙ୍କର ମୁହଁ, ସେମାନଙ୍କର ହସ, ସେମାନଙ୍କର ଭବିଷ୍ୟତ୍ ପରି ଉଜ୍ଜ୍ୱଳ ଓ ସୁନ୍ଦର ଦେଖା ଯାଉଥାଏ । କିନ୍ତୁ ସେ ଔଜ୍ଜ୍ୱଲ୍ୟ, ସେ ସୌନ୍ଦର୍ଯ୍ୟ ମାଳତୀ

ପକ୍ଷରେ ସଂକ୍ରାମକ ନ ଥିଲା । ଅପର ପକ୍ଷରେ ସେମାନଙ୍କର ହସି-ଖୁସି ମାଲତୀକୁ ଭବିଷ୍ୟତର ଅମା ଅନ୍ଧକାର ପ୍ରତି ଜାଗ୍ରତ, ସଚେତ କରି ଦେଉଥାଏ । ଏହି ଅନ୍ଧକାର ମଧ୍ୟରେ ସେ କେବଳ ଲିଲିର ଆଗମନର ସମ୍ଭାବନାକୁ ଆଲୋକର କ୍ଷୀଣ ଦୀପଶିଖା ପରି ଜଳୁଣ୍ଠିତ ଭାବରେ ଅପେକ୍ଷା କରିଥାଏ । ସେ କଣ ଏ ଆଡ଼େ ଆଜି ଆସିବ ? ସେ ନିଜର ଘରେ ଦୀପ ଜାଳିବାରେ, ବାଣ ଫୁଟାଇବାରେ ବ୍ୟସ୍ତ ରହି ଏ ଆଡ଼େ ବୁଲି ଆସିବାକୁ ଭୁଲିଯିବ ନାହିଁ ତ ? ତାର ଏତେ ପରିଶ୍ରମ, ଏତେ ଆଶା ବ୍ୟର୍ଥ ହେବ ନାହିଁ ତ ? ମାଲତୀ ଶୋଇ ଶୋଇ ବାଟ ଆଡ଼େ ଚାହିଁଥାଏ ।

କିଛି ସମୟ ପରେ ଲିଲି ଆସିଲା ।

ବିଜୟ କହିଲା, "ଲିଲି, ଆଜି ତୁମ ପାଇଁ ଗୋଟିଏ ଫୁଲମାଳ ଗୁନ୍ଥା ହୋଇଛି । ଏଇ ନିଅ । ବାଃ, ତୁମ ଦେହରେ ମାଳଟି କି ସୁନ୍ଦର ଦେଖାଯାଉଛି ।

ମାଲତୀ ନିର୍ନିମେଷ ଦୃଷ୍ଟିରେ ଲିଲି ଆଡ଼କୁ ଚାହିଁଥାଏ । ଏହି ତ ତାର କାମନାର ପରିତୃପ୍ତି । ସେ ତାର ଫୁଲମାଳ ଦେଇ ତାର ସ୍ନେହର ଧନକୁ ଗାଢ଼ ଆଲିଙ୍ଗନ କରି ପାରିଛି । ତାର ହାତର ସ୍ପର୍ଶ ବାଜିଥିବା ଫୁଲମାନ ବର୍ତ୍ତମାନ ଲିଲିର କୋମଳ ଶରୀର ସ୍ପର୍ଶ କରି ଧନ୍ୟ ହୋଇଛି । ତାର ମାତୃପ୍ରବୃତ୍ତିର ସମ୍ପୂର୍ଣ୍ଣ ପରିତୃପ୍ତି ଏଇଠାରେ । ସେ ସନ୍ତୁଷ୍ଟା ।

ଆଣ୍ଟୀ କହିଲା, "ବାଃ, ବେଶ୍ ଫୁଲମାଳଟି ତ । କିଏ ଗୁନ୍ଥିଛି ଆଣ୍ଟୀକୁ ।"

ବିଜୟ କହିଲା, "ମାଲତୀ ଦେବୀ ।"

ଆଣ୍ଟୀର ଭ୍ରୂ କୁଞ୍ଚିତ ହୋଇ ଉଠିଲା । କିନ୍ତୁ କ୍ଷଣକ ପାଇଁ । କ୍ଷଣକ ପରେ ଲିଲି ତାର ସହଚରୀ ଆଣ୍ଟୀ ସାଙ୍ଗରେ ବିଦାୟ ନେଲା ।

ବିଜୟ ମାଳତୀକୁ କହିଲା, "ଏବେ ଖୁସି ହେଲ ତ ?"

ମାଳତୀ କହିଲା, "ହଁ ।"

ବିଜୟ କହିଲା, "ବେଶ୍ । ତେବେ ବର୍ତ୍ତମାନ ଶୋଇବାକୁ ଚେଷ୍ଟା କର ।"

ମାଳତୀ କହିଲା, "ଆ, ଯ୍ୱାର ବାପ ମାଆ କି ସୁଖରେ ଥିବେ ? ପିଲାଦିନର କଥା ମନେ ପଡ଼େ, ଯେତେବେଳେ ଖେଳନାମାନଙ୍କୁ ପୁଅ ଝିଅ ପରି ସ୍ନେହ କରି ସେମାନଙ୍କର ବିଭାଘରରେ ସମୟ କଟାଉଥିଲି । ଆଜି ଏ ଅବସ୍ଥାରେ ପଡ଼ି ନିଜର ପୁଅ ଝିଅ ଅଭାବରୁ ପରର ପୁଅ ଝିଅଙ୍କୁ ସାମାନ୍ୟ ଟିକିଏ ଆଦର କରିବାରେ ହୃଦୟ ଭରି ଉଠୁଛି । କିନ୍ତୁ ଯେଉଁମାନେ ଏ ଝିଅଟିକୁ ନିଜର କରି ପାଇଛନ୍ତି, ଦିନରାତି ତାକୁ ଆଦର ଯତ୍ନ କରୁଛନ୍ତି, ସେମାନେ କେତେ ସୁଖରେ ଥିବେ ?"

ବିଜୟ କହିଲା, "ତୁମେ ହୁଏତ ଭୁଲ ବୁଝୁଛ ମାଳତୀ । ଅଭାବହିଁ ଆନନ୍ଦକୁ ପ୍ରକୃତ ମୂଲ୍ୟ ଦିଏ । ମନେ ପଡ଼େ କି ତୁମର, ତୁମେ ଯେତେବେଳେ ଛୋଟ ଥିଲ, ଖେଳନା କିଣିବା ପାଇଁ ତୁମର ମନ ହେଉଥିଲା, ସେତେବେଳେ ଖେଳନା ନ ମିଳିବା ପର୍ଯ୍ୟନ୍ତ ମନଟା କେତେ ଘାଣ୍ଟି ହେଉଥିଲା । କିନ୍ତୁ ଖେଳନା ମିଳିଗଲେ ତାର ପ୍ରତି ମାୟା ମମତା ଧୀରେ ଧୀରେ କମିଯାଏ । ଦୁଇ ଘଣ୍ଟା ପରେ ହୁଏତ ସେହି ଖେଳନା ଘରର କେଉଁ କଣରେ ଫିଙ୍ଗାଯାଇ ପଡ଼ିଥାଏ । ତୁମର ଅଭାବଗ୍ରସ୍ତ ମନ ଲିଲିକୁ ଯେତିକି ସୁନ୍ଦର କରି, ଯେତିକି ଆଦର କରି ଦେଖୁଛି, ତାର ଘରେ ହୁଏତ ସେତିକି ଆଦର ସେ ପାଉ ନ ଥିବ ।"

ମାଳତୀ କହିଲା, "ତଥାପି, ଲିଲିର ବାପ ମା କେତେ ସୁଖୀ ହୋଇ ନ ଥିବେ ?"

ବିଜୟ କହିଲା, "ଯାହା ହେଉ, ସେ କଥା ବର୍ତ୍ତମାନ ଭାବି କିଛି ଲାଭ ନାହିଁ । ଭଲ ପିଲାଙ୍କ ପରି ଆଖି ବୁଜି ଟିକିଏ ଶୋଇବାକୁ ଚେଷ୍ଟା କର।"

ମାଳତୀ ନୀରବ ହେଲା । ଅଜୀର୍ଣ୍ଣ ରୋଗୀ ଖୁବ୍ ପାଣି ପିଇ ସାରିଲା ପରେ ମଧ୍ୟ ଯେପରି ତୃଷାରେ ଅଧୀର ହୁଏ, ସେହିପରି ମାଳତୀର ମନରେ କ୍ଷଣିକ ତୃପ୍ତି ପରେ ଅଶାନ୍ତି, ଅତୃପ୍ତି ଜାଗ୍ରତ ହେଲା ।

ବିଜୟ ଦେଖିଲା ବଡ଼ ଡାକ୍ତର ବାବୁ ତାଙ୍କର ଘର ଆଡ଼କୁ ଆସୁଛନ୍ତି । ସେ ସସମ୍ଭ୍ରମେ ଯାଇ ତାଙ୍କୁ ସ୍ୱାଗତ କଲା । ଡାକ୍ତର ବାବୁ କହିଲେ, "ଘରଟିକୁ ବେଶ୍ ସଜାଇଛନ୍ତି ତ ! ଯାହାହେଉ ବଡ଼ ସୁଖର କଥା ଯେ ଆପଣ ରୋଗିଣୀଙ୍କୁ ଏ ଉତ୍ସବ ଦିନରେ ଖୁବ୍ ଖୁସି ରଖିଛନ୍ତି । ମନର ଆନନ୍ଦ ଉପରେ ଆରୋଗ୍ୟ ଅନେକ ପରିମାଣରେ ନିର୍ଭର କରେ ।"

ଆଉ ମାଳତୀ ଦେବୀ ! ଆପଣ ଭଲ ଅଛନ୍ତି ତ ?

ମାଳତୀ ଡାକ୍ତର ବାବୁଙ୍କୁ ପ୍ରଣାମ କରି କହିଲା, "ଆଜ୍ଞା ହଁ । ଆଜି ଟିକିଏ ଭଲ ଲାଗୁଛି ।

ଡାକ୍ତର ବାବୁ କହିଲେ, "ବେଶ୍ ତ । କିନ୍ତୁ ଦେଖନ୍ତୁ । ଆଜି ମୁଁ ଶୁଣିଲି ଆପଣ ନିଜ ହାତରେ ଗୁନ୍ଥା ହୋଇଥିବା ଗୋଟିଏ ଫୁଲମାଳ ମୋ ଝିଅକୁ ଦେଇଛନ୍ତି । ଏପରି କରିବା ଏକବାରେ ନିୟମବିରୁଦ୍ଧ । ପିଲାପିଲିଙ୍କି ରୋଗୀଙ୍କ ପାଖରେ ପୂରାଇବା ମନା । ଆଉ ତା ପରେ ପିଲାଙ୍କୁ ଫୁଲମାଳ ଦେବା ଗୋଟିଏ ପିଲାଖେଳ । ଏପରି ଆଉ କେବେ କରିବେ ନାହିଁ ।

ମାଳତୀ ବଜ୍ରାହତ ପରି ପଡ଼ି ରହିଲା । କିଛି କହିପାରିଲା ନାହିଁ । ବିଜୟ କହିଲା, "ଆମେ ଏଥିପାଇଁ ବଡ଼ ଦୁଃଖିତ ।"

ଡାକ୍ତର ବାବୁ ଗମ୍ଭୀର ହୋଇ ଚୁଲିଗଲେ ।

ମାଲତୀର ହୃଦୟରେ ଶୋକୋଚ୍ଛ୍ୱାସ ପୁଣି ଜାଗ୍ରତ ହୋଇ ଉଠିଲା । "ପିଲା ଖେଳ ?" ସେ ମନେ ମନେ କହୁଥାଏ, "ହାୟ ଡାକ୍ତର ବାବୁ, ତୁମେ ପ୍ରକୃତ ବାପ ମାଆମାନେ କିପରି ବୁଝିବ ଯେ ଏ ପିଲାଖେଳରେ ଯେଉଁ ଅମିଶ୍ରିତ ଗଭୀର ସନ୍ତାନ ସ୍ନେହ ଅଛି, ସେଇ ସ୍ନେହ, ସେଇ ଆଦର କୌଣସି ମାତାପିତାର ସନ୍ତାନ ସ୍ନେହଠାରୁ ଊଣା ହୋଇ ନ ପାରେ । ପିଲାଖେଳର ମହତ୍ତ୍ୱ ପିଲାର ବାପ ମାଆମାନେ କଣ ବୁଝିବେ ? ବୟସ୍କ ଲୋକେ ଯେଉଁ କଥାକୁ ପିଲାଖେଳ ବୋଲି ହସରେ ଉଡ଼ାଇ ଦିଅନ୍ତି, ସେହି ପିଲାଖେଳରେ କଣ ବାତ୍ସଲ୍ୟର ଗଭୀରତା ନ ଥାଏ ?"

ଆସନ୍ତା କାଲିର କଥା ସେ ଭାବୁଥାଏ । ଆଜ ହୁଏତ ଲିଲିକୁ ପାଖରେ ପାଇ ପାରିବ ନାହିଁ ସେ । ମାଲତୀର ଅଜାଣାରେ ଆଖିରୁ ଦୁଇଧାର ଲୁହ ଗଡ଼ି ପଡ଼ିଲା । ଦୀପାବଳୀର ଦୀପ ଗୋଟି ଗୋଟି ହୋଇ ଲିଭି ଆସୁଥାଏ । ଅମାବାସ୍ୟାର ଅନ୍ଧକାର ଗାଢ଼ତର ହୋଇ ଆସୁଥାଏ । ଆଉ ନିକଟବର୍ତ୍ତୀ ଏକ ଘରୁ ଭାସି ଆସୁଥାଏ ଗ୍ରାମୋଫୋନ୍‌ର ଏକ ସଙ୍ଗୀତ "ଘର୍ ଘର୍ ମେଁ ଦିୱାଲି ହେ ମେରା ଘର୍ ମେଁ ଅନ୍ଧେରା ।"

('ଚତୁରଙ୍ଗ' ଦ୍ୱିତୀୟ ଭାଗ, ଷଷ୍ଠ ସଂଖ୍ୟା
୧୯୪୭ରେ ପ୍ରକାଶିତ)

— ❋ —

ମୁଦ୍ରାକର—ଶ୍ରୀ କିଶୋରଚନ୍ଦ୍ର ମିଶ୍ର, କବିତା ପ୍ରେସ୍, କଟକ—୧